DSE-2
Block-1

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**Odisha State Open University**
**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଶୃଙ୍ଖଳାକୈନ୍ଦ୍ରିକ ଇଚ୍ଛାଧିନ ପାଠ-ଓଡ଼ିଆ

**Discipline Specific Electives ( DSE ) - Course -Odia**

## ଓଡ଼ିଆ ଶିଶୁ ସାହିତ୍ୟ ଓ ବିଜ୍ଞାନଭିତ୍ତିକ ସାହିତ୍ୟ

### ଓଡ଼ିଆ ଶିଶୁ ସାହିତ୍ୟର ସ୍ୱରୂପ ଓ ପ୍ରକାରଭେଦ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

## ଡ଼ିଏସ୍ଇ - ୨
## ଓଡ଼ିଆ, ଶିଶୁ ସାହିତ୍ୟ ଓ ବିଜ୍ଞାନଭିତ୍ତିକ ସାହିତ୍ୟ

ବ୍ଲକ୍

## ୧ ଓଡ଼ିଆ ଶିଶୁ ସାହିତ୍ୟର ସ୍ୱରୂପ ଓ ପ୍ରକାରଭେଦ

ପ୍ରଥମ ଏକକ
ଶିଶୁ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ

ଦ୍ୱିତୀୟ ଏକକ
ଓଡ଼ିଆ ଶିଶୁ ସାହିତ୍ୟର ଉତ୍ସ ଓ ପ୍ରକାରଭେଦ

ତୃତୀୟ ଏକକ
ଓଡ଼ିଆ ଶିଶୁ ସାହିତ୍ୟର ବିକାଶଧାରା

ଚତୁର୍ଥ ଏକକ
ଓଡ଼ିଆ ଶିଶୁ ସାହିତ୍ୟର ପତ୍ରପତ୍ରିକା ଓ ଗଣମାଧ୍ୟମର ଭୂମିକା

**ପାଠ୍ୟକ୍ରମ : DSE - 2**

**ବ୍ଲକ୍ : ୦୧**

**ପ୍ରଥମ ସଂସ୍କରଣ : ୨୦୨୧**

**ଲେଖକ : ଡକ୍ଟର ରୁଦ୍ରାଣୀ ମହାନ୍ତି**
ସହକାରୀ ପ୍ରଧାପିକା, ଓଡ଼ିଆ ବିଭାଗ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ।

**ସମୀକ୍ଷକ : ଡକ୍ଟର ପ୍ରମୋଦ କୁମାର ପାଢୀ**
ଅବସରପ୍ରାପ୍ତ ପ୍ରଧାପକ, ଅଞ୍ଚଳ ମହାବିଦ୍ୟାଳୟ
ପଦ୍ମପୁର, ବରଗଡ଼ ।

**ସଂଯୋଜିକା : ଡକ୍ଟର ସୁନୀତି ଦେବତା**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ପ୍ରକାଶକ**

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2021. **“Odia Sishu Sahityara Swarupa O Prakaraveda”** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ଶିଶୁ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ ଶିଶୁ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ
୧.୫ ଶିଶୁ ସାହିତ୍ୟର ରଚନାର ପରଂପରା ଓ ବିଷୟ ପରିସର
୧.୬ ଶିଶୁ ସାହିତ୍ୟର ବୈଶିଷ୍ଟ୍ୟ
୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୯ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଶିଶୁସାହିତ୍ୟର ସୃଜନସ୍ୱାକ୍ଷର ଅନନ୍ୟ, ପାଶ୍ଚାତ୍ୟ ସାହିତ୍ୟରୁ ଆହୃତ ଏହି ନୂତନ ବିଭାଗଟି ଭାରତୀୟ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟ ଜଗତକୁ ପ୍ରସାରିତ ହୋଇ ଏକ ନୂତନ ଦିଗନ୍ତର ଉନ୍ମୋଚନ କରିଛି । ବହୁ ପ୍ରାଚୀନ କାଳରେ ମାଆ, ଜେଜେମା, ଓ ପରିବାରର ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ଶିଶୁର ଅଳିଅଝଟକୁ ବୋଧ କରିବା ସଙ୍ଗେ ସଙ୍ଗେ ତା'ର ମନୋରଞ୍ଜନ ଉଦ୍ଦେଶ୍ୟରେ ରାଶି ରାଶି ଗୀତ, କାହାଣୀ, ଲୋକୋକ୍ତି, ଆଦି ମୌଖିକ ପରଂପରାରେ ପ୍ରଚଳିତ ଥିଲା । ଆଧୁନିକ କାଳରେ ବୈଜ୍ଞାନିକ ଦୃଷ୍ଟି ଓ କଳାତ୍ମକ ରୁଚି ନେଇ ଶିଶୁର ଆବେଗିକ ବିକାଶ ବୃଦ୍ଧି ନିମିତ୍ତ ଶିଶୁ ସାହିତ୍ୟ ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ନିଜସ୍ୱ ସଂଜ୍ଞା ଧାରଣ ପୂର୍ବକ ନୂତନ ରୂପ ବିଭବର ଅଧିକାରୀ ହୋଇପରିଛି । ସୁତରାଂ ଉକ୍ତି ଏକକ ପଠନର ମୁଖ୍ୟ ଉଦ୍ଦେଶ୍ୟ ।

## ୧.୨ ଶିକ୍ଷଣୀୟ ବିଷୟ

ବିଦ୍ୟାର୍ଥୀମାନଙ୍କ ପାଇଁ ଉକ୍ତ ଏକକର ଶିକ୍ଷଣୀୟ ବିଷୟ ହେଉଛି :

- ଶିଶୁ ସାହିତ୍ୟର ସଂଜ୍ଞା ସଂପର୍କରେ ଅବଗତ ହେବା ।
- କିଶୋର ବୟସରୁ ପିଲାଙ୍କ ରଚିତ କିଶୋର ସାହିତ୍ୟ ଶିଶୁ ସାହିତ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ହେବା କିବା ନ ହେବା ସଂପର୍କରେ ଜ୍ଞାନ ଲାଭ କରିବା ।
- ଶିଶୁ ସାହିତ୍ୟର ସ୍ୱରୂପ ସହ ପରିଚିତ ହେବା ।
- ଶିଶୁ ସାହିତ୍ୟର ବିଷୟବସ୍ତୁ ଓ ତାହାର ପରଂପରା ସଂପର୍କରେ ଅବଗତ ହେବା ।
- ଶିଶୁ ସାହିତ୍ୟର ବୈଶିଷ୍ଟ୍ୟ ସଂପର୍କରେ ଜାଣିବା ।

## ୧.୩ ବିଷୟ ପ୍ରବେଶ

'ଶିଶୁ ସାହିତ୍ୟ କ'ଣ' ? କୌଣସି ଗୋଟିଏ ଶବ୍ଦରେ ଏହି ପ୍ରଶ୍ନଟିର ଉତ୍ତର ଦେବା ସହଜ ନୁହେଁ । କାରଣ ଶିଶୁ ସାହିତ୍ୟର ସୀମା ଅସୀମ । ଶିଶୁ, କିଶୋର, ଯୁବକ ଓ ବୟସ୍କ ସମସ୍ତଙ୍କ ପାଇଁ ଏହାର ଦ୍ୱାର ଉନ୍ମୁକ୍ତ । ସମସ୍ତେ ଶିଶୁ ସାହିତ୍ୟରୁ ରସ ଆସ୍ୱାଦନ କରିଥାନ୍ତି । ତେବେ ଶିଶୁ ସାହିତ୍ୟର ନିର୍ଦ୍ଦିଷ୍ଟ ସଂଜ୍ଞା ଓ ସ୍ୱରୂପ ନିର୍ଦ୍ଧାରଣ କ୍ଷେତ୍ରରେ ଗବେଷକ ଏବଂ ଅଲୋଚକ ଗଣ ଶିଶୁ ସାହିତ୍ୟ ସହିତ କିଶୋର ସାହିତ୍ୟର ସଂଯୋଗ କରିଥାନ୍ତି । ପିଲାର ବୟସ ଓ ମାନସିକ ସ୍ତର ପ୍ରତି ଲକ୍ଷ୍ୟ ରଖି ମୁଖ୍ୟତଃ ଶିଶୁ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ କୁହଯାଇଛି । ପ୍ରକୃତପକ୍ଷେ ଶିଶୁ ଓ କିଶୋର ବୟସର ପିଲାଙ୍କ ମଧ୍ୟରେ ଅସୀମ କଳ୍ପନା ଓ ନୂତନ ଦକ୍ଷତାର ବିକାଶ ନିମନ୍ତେ ଅସୁମାରୀ ସମ୍ଭାବ୍ୟ ସୃଜନଶୀଳତା ଥାଏ । ଶିଶୁ ମନୋବିଜ୍ଞାନୀଙ୍କ ମତରେ ଶୂନରୁ ୧୫ ବୟସର ପିଲା ସମସ୍ତେ ପ୍ରାୟତଃ ଚପଳ, ଚଞ୍ଚଳ ଓ ଅନୁକରଣ ପ୍ରିୟ । ଏହି ପିଲାଙ୍କ ପାଇଁ ଲିଖିତ ସାହିତ୍ୟ ଶିଶୁ ସାହିତ୍ୟ ରୂପେ କଥିତ । ଏହି ସାହିତ୍ୟର ଅସ୍ତିତ୍ୱ ପ୍ରାଚୀନରୁ ଆଧୁନିକ କାଳ ପର୍ଯ୍ୟନ୍ତ ବିଦ୍ୟମାନ । ସୁତରାଂ ଶିଶୁ ସାହିତ୍ୟର ସଂଜ୍ଞା, ସୀମା, ସ୍ୱରୂପ ଓ ପରିସର ସଂପର୍କରେ ଅଧ୍ୟୟନ କରିବା ସାମଗ୍ରିକ ବିଚାର ଆଲୋଚନା କରାଯାଇଛି ।

## ୧.୪ ଶିଶୁ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ

'ଶିଶୁ' ଓ 'ସାହିତ୍ୟ', ଏ ଦୁଇଟି ଶବ୍ଦ ସହିତ ସମସ୍ତଙ୍କର ପରିଚିତି ରହିଛି । ବୟସ ଗଣନା ପରିପ୍ରେକ୍ଷୀରେ ସାଧାରଣତଃ ଶୂନରୁ ବାରବର୍ଷ ସୀମା ପର୍ଯ୍ୟନ୍ତ ମଣିଷର ଶିଶୁ ଅବସ୍ଥା, ବାରବର୍ଷରୁ ଚଉଦବର୍ଷ ପର୍ଯ୍ୟନ୍ତ କିଶୋର ଅବସ୍ଥା ବୋଲି ଧରାଯାଇଥାଏ । ଶିଶୁ ମନୋବିଜ୍ଞାନୀଙ୍କ ମତାନୁସାରେ ବୟସ ଆଧାରରେ ଶିଶୁମାନଙ୍କୁ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ବୁଝିବା ପାଇଁ ଉଦ୍ୟମ କରାଯିବା ବିଧେୟ । ଯଥା :-

(୧) ୦ ବର୍ଷରୁ - ୦୨ ବର୍ଷ

(୨) ୦୨ ବର୍ଷରୁ – ୦୬ ବର୍ଷ

(୩) ୦୫ ବର୍ଷରୁ - ୧୦ ବର୍ଷ

(୪) ୧୦ ବର୍ଷରୁ – ୧୨ ବର୍ଷ

(୫) ୧୨ ବର୍ଷରୁ – ୧୪ ବର୍ଷ

ଉକ୍ତ ପର୍ଯ୍ୟାୟକରଣ ପ୍ରକ୍ରିୟାରେ ୧୨ ବର୍ଷରୁ ୧୪ ବର୍ଷ ବୟସର ପିଲାଙ୍କର କିଶୋର ଶିଶୁ ଅବସ୍ଥାକୁ ଶିଶୁ ସହିତ ସଂଯୁକ୍ତ କରାଯାଇଛି ଏବଂ ଏହା କାଳକ୍ରମେ ଶିଶୁ ସାହିତ୍ୟ ପରିଧିଭୁକ୍ତ ହୋଇଛି ।

ସାହିତ୍ୟ ହେଉଛି ମାନବ ଚିନ୍ତାଧାରା ଓ କଳ୍ପନାର ଏକ ସୁଚିନ୍ତିତ ଓ ସୁସଂଗଠିତ ଭାଷା ଏବଂ ଭାବ ଉଚ୍ଛ୍ୱାସର ଲିଖିତ ରୂପ । କାହାଣୀ, ଗପ, ଉପନ୍ୟାସ, ନାଟକ, ଭ୍ରମଣ କାହାଣୀ,ଜୀବନୀ ଆତ୍ମଜୀବନୀ, ପ୍ରବନ୍ଧ, ଆଲୋଚନା, କବିତା ଓ ଗୀତ ଇତ୍ୟାଦି ମାଧ୍ୟମରେ ସାହିତ୍ୟ ସ୍ରଷ୍ଟାଙ୍କ ଚିନ୍ତାଚିନ୍ତନ ଭାବ କଳ୍ପନା, ଆବେଗ ଉଚ୍ଛ୍ୱାସ ଇତ୍ୟାଦି ରୂପାୟିତ ହୋଇଥାଏ । ଶିଶୁ ସାହିତ୍ୟ କହିଲେ ଅଭିଜ୍ଞ ବୟସ୍କମାନଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟ କୃତି ସମୂହ

ଯାହା ଶିଶୁମାନଙ୍କର ଶୁଣିବା, କହିବା, ପଢ଼ିବା, ଶିଖିବା, ଲେଖିବା ଓ ଜ୍ଞାନ ଆହରଣ ସହିତ ଆନନ୍ଦ ଲାଭ କରିବା ଉପଯୋଗୀ ହୋଇଥାଏ, ତାହାକୁ ବୁଝାଏ। ଅଳ୍ପ କଥାରେ କହିଲେ ଶିଶୁ ଉପଯୋଗୀ ରଚନା ହିଁ ଶିଶୁ ସାହିତ୍ୟ। ଇଂରାଜୀ ଭାଷା ସହିତ୍ୟରେ ଏହାକୁ ଜୁଭେନାଇଲ (Juvenile Literature) ସାହିତ୍ୟ ରୂପେ ବ୍ୟାଖ୍ୟା କରିଯାଇଥାଏ।

ପୂର୍ବେ ବାଚକ ପରଂପରାରେ ଶିଶୁ ସାହିତ୍ୟର ରୂପ ଅନ୍ୱେଷଣ ହୋଇଥିଲେ ମଧ୍ୟଆଧୁନିକ କାଳରେ ଆଧୁନିକ ଶିକ୍ଷା, ସଭ୍ୟତାର ବିକାଶ, ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ, ମୁଦ୍ରଣ କାର୍ଯ୍ୟର ବିକାଶ ଘଟିବା ପରେ ଶିଶୁ ସାହିତ୍ୟର ଆଧୁନିକ ଲିଖିତ ରୂପ ସମ୍ଭବ ହୋଇଛି । ଉନବିଂଶ ଶତାବ୍ଦୀର ଅନ୍ତିମ ଓ ବିଂଶ ଶତାବ୍ଦୀର ଆଦ୍ୟ ପର୍ଯ୍ୟାୟରେ ଶିଶୁ ସାହିତ୍ୟ ନିଜର ସ୍ୱତନ୍ତ୍ର ସଂଜ୍ଞା ଧାରଣ କରିବା ସହ ଜନପ୍ରିୟତା ଲାଭ କରିଛି।

ଶିଶୁର ସୁରକ୍ଷିତ ବଳୟ ହେଉଛି ତାର ପରିବାର। ପିତା, ମାତା, ଭାଇ, ଭଉଣୀ ଓ ଆତ୍ମୀୟ ସ୍ୱଜନଙ୍କ ମେଳରେ ସେ ତାର ଦୈନନ୍ଦିନ ଜୀବନ ଚଳଣିରୁ ନାନା ପ୍ରକାର ଧରଣା ଲାଭ କରେ। ପରିବାରିକ ଜୀବନ କ୍ଷେତ୍ରରୁ ସ୍ନେହ, ମମତା, କ୍ଷମା, ତ୍ୟାଗ ଆଦି ଆହରଣ  କରିବା ଦ୍ୱାରା ତା' ମନରେ ନିଜପ୍ରତି ଦୃଢ ପ୍ରତ୍ୟୟ ସୃଷ୍ଟି ହୋଇଥାଏ। ସଂସାର ମଧ୍ୟରେ ଏହି ଶିଶୁ ସୁଗୁଣର ଉପଲବ୍ଧି ଯୋଗୁ ସେ ଅନ୍ୟ ବ୍ୟକ୍ତି ସହିତ ସଂପର୍କ ଯୋଡ଼ିଥାଏ। ଘରର ଏରୁଣ୍ଡି ଡେଇଁ ସମାଜକୁ ଆସେ। ପାଖ ପଡୋଶୀଙ୍କ ସହ ମିଶେ, ସାଙ୍ଗସାଥିଙ୍କ ସହିତ ଖେଳେ। ସଂସାର ପ୍ରତି ଦୃଷ୍ଟିକୋଣ ତା'ର ପ୍ରସାରିତ ହୁଏ। ଭଲ ମନ୍ଦ, ନିୟମକାନୁନ୍, ଉଚିତ ଅନୁଚିତ ଆଦି ଶିକ୍ଷା କରେ, ବୁଝେ ଏବଂ ଗ୍ରହଣ କରେ। ବିଦ୍ୟାଳୟକୁ ବିଦ୍ୟାଶିକ୍ଷା ଲାଗି ଯାଏ, ଶ୍ରେଣୀରେ ଶିକ୍ଷକଙ୍କ ମୁଖନିଃସୃତ ବିଦ୍ୟା ମନେରଖି ନିଜର ନିତିଦିନର ଜୀବନରେ ପ୍ରୟୋଗ କରେ। ତ୍ରୁଟି ହେଲେ ସଂଶୋଧନ କରିବାକୁ ଚେଷ୍ଟା କରେ। ଶୃଙ୍ଖଳା ଶିଖେ। ବହିପତ୍ର ପଢେ। ସାଙ୍ଗସାଥିଙ୍କ ସହିତ ମିଳିମିଶି ଚଳିବା ପାଇଁ ଉଦ୍ୟମ ଜାରିରଖେ। ସାଧାରଣତଃ ଶିଶୁ ଅବସ୍ଥାରେ ତା' ମନରେ ନାନା ବିଷୟ ଜାଣିବା ପାଇଁ ଆଗ୍ରହ ଓ ଉତ୍କଣ୍ଠା ସୃଷ୍ଟି ହୋଇଥାଏ, ସେହି ଉତ୍କଣ୍ଠା ପ୍ରବୃତ୍ତି ପ୍ରଶମିତ କରିବା ଦିଗରେ ପାଠ୍ୟ ପୁସ୍ତକ ଓ ସାହିତ୍ୟ ପୁସ୍ତକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପାଠ୍ୟ ପୁସ୍ତକ ମଧ୍ୟରେ ଶିଶୁ ମନରେ ସୃଷ୍ଟି ହେଉଥିବା ବହୁ ଜଟିଳ ପ୍ରଶ୍ନର ଉତ୍ତର ଖୋଜି ଖୋଜି ପରବର୍ତ୍ତୀ ସମୟରେ ଶିଶୁ ସାହିତ୍ୟ କ୍ଷେତ୍ରରେ ପହଞ୍ଚିଯାଏ। ପାଠ୍ୟ ପୁସ୍ତକ ମଧ୍ୟରେ ଯେଉଁ ଜ୍ଞାନ ସହିତ ଶିଶୁ ପରିଚିତ ହୋଇଥାଏ, ତାହାର ବିସ୍ତୃତ ରୂପ ଶିଶୁ ସାହିତ୍ୟରେ ହିଁ ଥାଏ। ଶିଶୁର ଜ୍ଞାନଲାଭ ଓ ମନୋରଞ୍ଜନ ଲକ୍ଷ୍ୟ ନେଇ ଶିଶୁସାହିତ୍ୟ ରଚିତ ହୋଇଥାଏ।

ଏହି ପରିପ୍ରେକ୍ଷୀରେ ଶିଶୁ ସାହିତ୍ୟ ରଚୟିତାଙ୍କ ଦକ୍ଷତା ଓ ଯୋଗ୍ୟତା ସପର୍କରେ ସମ୍ୟକ୍ ଆଲୋକପାତ କରାଯାଇପାରେ। ପୂର୍ବରୁ କୁହାଯାଇଛି ଅଭିଜ୍ଞ ବୟସ୍କମାନେ ଶିଶୁ ଉପଯୋଗୀ ସାହିତ୍ୟ ରଚନା କରିଥାନ୍ତି। ପ୍ରଶ୍ନ ଉଠେ ଶିଶୁଟିଏ କ୍ରୀଡ଼ା ସମୟରେ କିମ୍ବା ସାଙ୍ଗସାଥି ମେଳରେ ମୌଖିକ ଭାବେ ଗୀତଟିଏ ବୋଲିଥାଏ ବା କାହାଣୀଟିଏ କହିଥାଏ, ତାହା ସାହିତ୍ୟ ପଦବାଚ୍ୟ କି ନୁହେଁ? ଶିଶୁ ଦ୍ୱାରା ପ୍ରସ୍ତୁତ ଗୀତ, କାହାଣୀ, କବିତା ସବୁରେ କିଛି ସାହିତ୍ୟିକ ଉପାଦାନ ଥିଲେ ସୁଦ୍ଧା ତାହା ଶିଶୁ ସାହିତ୍ୟ ପଦବାଚ୍ୟ  ହୋଇ ନଥାଏ। କାରଣ ମନୋବିଜ୍ଞାନୀଙ୍କ ମତରେ ଶିଶୁଟିଏ ଖେଳିବା ବୁଲିବା ବୟସରେ ସ୍ୱଂୟ ସଂପୂର୍ଣ୍ଣ ସାହିତ୍ୟ ସର୍ଜନା କରିବା ପାଇଁ ଜ୍ଞାନର ଅଧିକାରୀ ହୋଇ ନଥାଏ। ତେଣୁ ଅଭିଜ୍ଞ ବୟସ୍କ ପ୍ରତିଭା ସଂପନ୍ନ ବ୍ୟକ୍ତି ଉପରେ ଶିଶୁ ସାହିତ୍ୟର ସୃଷ୍ଟି ଓ

ସମୃଦ୍ଧି ନିର୍ଭର କରିଥାଏ । ସବୁ ପ୍ରତିଭାବାନ, ବୟସ୍କ, ଅଭିଜ୍ଞ ବ୍ୟକ୍ତି ମଧ୍ୟଶିଶୁ ସାହିତ୍ୟ ସର୍ଜନା କରିପାରି ନଥାନ୍ତି । ଏଥିପାଇଁ ଲେଖକମାନଙ୍କ ବିଶେଷ ଆଗ୍ରହ ସହିତ କେତୋଟି ବିଷୟ ପ୍ରତି ଗୁରୁତ୍ୱଦେବାର ଆବଶ୍ୟକତା ରହିଛି । ଯଥା : (୧) ଶିଶୁମାନଙ୍କ ପ୍ରତି ଅନାବିଳ ସ୍ନେହ ଶ୍ରଦ୍ଧା ସହ ସମ୍ବେଦନଶୀଳ ହୋଇପାରୁଥିବା ଗୁଣଟି ଲେଖକଙ୍କଠାରେ ରହିବା ଜରୁରୀ । (୨) ଶିଶୁ ମନସ୍ତତ୍ତ୍ୱ ପ୍ରତି ଲେଖକମାନଙ୍କର ଧାରଣା ଓ ବୋଧଶକ୍ତି ଥିବା ଦରକାର । (୩) ଶୈଶବ ଅବସ୍ଥାରେ ଶିଶୁମାନେ ବ୍ୟବହାର କରୁଥିବା ଭାଷା ଓ ଶବ୍ଦ ଭଣ୍ଡାର ସହିତ ଲେଖକମାନେ ପରିଚିତ ଥିବା ଆବଶ୍ୟକ । (୪) ମନୋରଂଜନ ମାଧ୍ୟମରେ ଶିଶୁର ଜ୍ଞାନ ରାଜ୍ୟକୁ ପ୍ରସାରିତ କରି ନେବାରେ କଳାକୌଶଳ ଲେଖକଙ୍କୁ ଜଣାଥିବା ଦରକାର । (୫) ଶିଶୁ ସାହିତ୍ୟର ପୂର୍ବ ଧାରା ଓ ପ୍ରଚଳିତ ଧାରା ସହ ପରିଚିତ ହେବା ଆବଶ୍ୟକ ।

ଶିଶୁର ମନ ସଦାସର୍ବଦା ଅନୁକରଣପ୍ରିୟ । ସେମାନେ ଆଖି, କାନ ଓ ମନକୁ ତତ୍‌କ୍ଷଣାତ୍ ଓ ଅଧିକ ଗୁରତ୍ୱ ଦେଇ ଅନୁକରଣ କରିଥାନ୍ତି । ତେଣୁ ସାହିତ୍ୟ ରଚନା କ୍ଷେତ୍ରରେ ଲେଖକମାନେ ଏହି ସବୁ ଦିଗ ପ୍ରତିଧ୍ୟାନ ଦେଇ ଶିଶୁ ଉପଯୋଗୀ କାହାଣୀ, ଗୀତ, କବିତା, ଉପନ୍ୟାସ, ନାଟକ ଆଦି ରଚନାରେ ବ୍ରତୀ ହୋଇଥାନ୍ତି ।

ସର୍ବୋପରି ବ୍ୟାପକ ଅର୍ଥରେ ଶିଶୁମାନଙ୍କ ମନୋରଞ୍ଜନ ମାଧ୍ୟମରେ ଜ୍ଞାନାର୍ଜନ ଉଦ୍ଦେଶ୍ୟ ନେଇ ଶିଶୁ ଉପଯୋଗୀ ଯେଉଁ ସାହିତ୍ୟ ରଚିତ ହୁଏ ତାହାକୁ 'ଶିଶୁ ସାହିତ୍ୟ' ନାମରେ ଅଭିହିତ କରାଯାଏ ।

**ଶିଶୁ ସାହିତ୍ୟର ସ୍ୱରୂପ :** ଆଦ୍ୟରୁ ଅଦ୍ୟାବଧି ଶିଶୁ ସାହିତ୍ୟର ଦୁଇଟି ରୂପ ଦେଖା ଯାଇଥାଏ ଯଥା :
(୧) ମୌଖିକ ବା ବାଚକରୂପ (୨) ଚିତ୍ରରୂପ ।

- ପରିବାର ମଧ୍ୟରେ ଜେଜେ, ଜେଜୀମା, ଅଜା ଆଇମା କାହାଣୀ ପେଡିରେ ଯୁଗ ଯୁଗ ଧରି ସାଇତା ଥାଏ । ମୁଖନିଃସୃତ ନାନା କାହାଣୀ, ଗୀତ ଏବଂ ଲୋକୋକ୍ତିର ମୌଖିକ ରୂପ ମାଧୁର୍ଯ୍ୟ, ଶିଶୁର ସ୍ମରଣଶକ୍ତି, ଆବେଗ, କଳ୍ପନା ଶକ୍ତିର ବୃଦ୍ଧି ଘଟାଇବାରେ ସହାୟକ ହୋଇଥାଏ ।
- ଲିଖିତ ଶିଶୁ ସାହିତ୍ୟ ଶିଶୁର, ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ନିମିତ୍ତ ଏକ ସୁଶୋଭିତ ସିଡ଼ି, ଶିଶୁ ମନର ଅବସ୍ଥା, ଭାବନା, ରୁଚି, କଳ୍ପନା, ଦକ୍ଷତା ଆଦି ଲିଖିତ ସାହିତ୍ୟରେ ପ୍ରକାଶିତ ହୋଇଥାଏ ।
- ଶିଶୁ ସାହିତ୍ୟର ଚିତ୍ରରୂପ ପିଲାମାନଙ୍କଠାରେ ଅଧିକ ଆଦରଣୀୟ । ଚିତ୍ର ସହ ଶିଶୁ ସାହିତ୍ୟର ବିଷୟବସ୍ତୁ ଜଡ଼ିତ ଥାଏ । ଶିଶୁର ଜିଜ୍ଞାସୁ ମନ ଚିତ୍ର ମଧ୍ୟରେ ନିଜ କଳ୍ପନାଶକ୍ତି ଦ୍ୱାରା ବିଷୟବସ୍ତୁ ସଂଯୁକ୍ତ କରି ଆନନ୍ଦ ଲାଭ କରେ, ବହିଟିର ଚିତ୍ର ହିଁ ଶିଶୁ ପାଇଁ ସଦା ଆକର୍ଷଣୀୟ ହୋଇଥାଏ ।
- ଶିଶୁ ସାହିତ୍ୟ ଶିଶୁର ଶୃଙ୍ଖଳିତ ଓ ବିକଶିତ ଜୀବନ ଗଠନ ପାଇଁ ପ୍ରଭାବିତ କରିଥାଏ ।
- ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଲାଗି ଉପଦେୟ ବିଷୟଗୁଡ଼ିକ ଶିଶୁ ସାହିତ୍ୟର ଗୁରୁତ୍ୱ ଲାଭ କରିଥାଏ ।
- ଶିଶୁ ସାହିତ୍ୟର ବିଭିନ୍ନ ବିଭାଗ ଯଥା : ଗଳ୍ପ, ଉପନ୍ୟାସ, ନାଟକ, କବିତା, ଜୀବନୀ, ଆତ୍ମଜୀବନୀ, ଆଲୋଚନା, ବିକାଶ ଇତ୍ୟାଦିରେ ବର୍ଣ୍ଣିତ ବିଷୟ ଭଙ୍ଗୀ ସରଳ, ସ୍ୱତନ୍ତ୍ର ଓ ଆକର୍ଷଣୀୟ ।

- ଶିଶୁ ସାହିତ୍ୟର 'ଶିରୋନାମା' ଆକର୍ଷଣୀୟ ହୋଇଥାଏ। ଏହା ସହସା ପିଲାମାନଙ୍କ ମନରେ ଶିଶୁ ସାହିତ୍ୟ ପଠନ ପାଇଁ ଆଗ୍ରହ ଓ ଉତ୍କଣ୍ଠା ସୃଷ୍ଟି କରିପାରେ।
- ଶିଶୁ ସାହିତ୍ୟରେ ଥାଏ ପିଲାମାନଙ୍କ ଅନୁସନ୍ଧିତ୍ସା ଶକ୍ତିକୁ ଜାଗ୍ରତ କରିବାର କୌଶଳ।
- ଶିଶୁ ସାହିତ୍ୟର ବିଷୟବସ୍ତୁ ଶିଶୁ ପରିସରରୁ ଗୃହୀତ ହୋଇଥାଏ।
- ଶିଶୁ ସାହିତ୍ୟରେ କୌଣସି ଜଟିଳ ସମସ୍ୟାପୂର୍ଣ୍ଣ ବିଷୟ ସ୍ଥାନ ପାଇ ନ ଥାଏ।

ଯୁଗରୁନ୍‌ର ପରିବର୍ତ୍ତିତ ପରିବେଶ ଓ ସମାଜ ଜୀବନର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଶିଶୁର ଦୃଷ୍ଟିକୋଣ ମଧ୍ୟକ୍ରମଶଃ ପରିବର୍ତ୍ତିତ ହେବାର ଦେଖାଯାଇଛି। ତେବେ ଶିଶୁ ସାହିତ୍ୟର ବଳିଷ୍ଠ ମଧୁର ସୁର ଲହରରେ କେବଳ ଶିଶୁମାନେ ନୁହଁନ୍ତି ବୟସ୍କମାନେ ମଧ୍ୟମୁଗ୍ଧ। ତା'ର ରୂପକାନ୍ତିରେ ବିମୋହିତ।

## ୧.୫ ଶିଶୁ ସାହିତ୍ୟର ରଚନାର ପରଂପରା ଓ ବିଷୟ ପରିସର

ଆଧୁନିକ ଶିଶୁ ସାହିତ୍ୟର ଉନ୍ମେଷଭୂମି ପାଶ୍ଚାତ୍ୟଜଗତ । ବିଶ୍ୱ ସାହିତ୍ୟ ପ୍ରେକ୍ଷାପଟରେ ଶିଶୁ ସାହିତ୍ୟର ପରମ୍ପରା ଅନ୍ୱେଷଣ କଲେ ଶିଶୁ ସାହିତ୍ୟ ନିଜର ଏକ ସ୍ୱତନ୍ତ୍ର ସଂଜ୍ଞା ଓ ପରିପାଟୀରେ ଅଳଙ୍କୃତ ହେବା ମୂଳରେ ପାଶ୍ଚାତ୍ୟ ସାହିତ୍ୟର ଅବଦାନ ସ୍ୱୀକାର୍ଯ୍ୟ। ପାଶ୍ଚାତ୍ୟ ସାହିତ୍ୟ ମଧ୍ୟଦେଇ ଶିଶୁ ସାହିତ୍ୟ ସର୍ବଭାରତୀୟ ସ୍ତରରେ ପ୍ରସାରିତ ହେବା ସଙ୍ଗେ ସଙ୍ଗେ ନୂତନ ଦିଗନ୍ତର ସନ୍ଧାନୀ ହୋଇଛି। ସପ୍ତଦଶ ଶତାବ୍ଦୀରେ ନୀତିଶିକ୍ଷାପୂର୍ଣ୍ଣ କାଳ୍ପନିକ ବିଷୟବସ୍ତୁକୁ ନେଇ ବୟସ୍କମାନଙ୍କ ଉଦ୍ଦେଶ୍ୟରେ ୧ ୯ ୭୮ ମସିହାରେ ରଚିତ John Buryon ଙ୍କ "Pilgrim's Progress" ଗ୍ରନ୍ଥଟି ପିଲାମାନଙ୍କୁ ବହୁଳ ଭାବରେ ଆକୃଷ୍ଟ କରିଥିଲା। ଏହି ଶତାବ୍ଦୀରେ ଦୁଃସାହସିକ ଅଭିଯାନ ସଂପର୍କିତ କ୍ଷୁଦ୍ର ପସ୍ତକ "Chap Book" ଶିରୋନାମାରେ ପ୍ରକାଶିତ ହେବା ଯୋଗୁ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଶିଶୁ ମାନଙ୍କର ଅନୁପ୍ରବେଶ ପାଇଁ ଦ୍ୱାର ଉନ୍ମୁକ୍ତ ହେଲା। ଏହି 'ଚାପ ବୁକ୍' ମଧ୍ୟରେ ପିଲାମାନଙ୍କ ଶିକ୍ଷା ସଂପର୍କରେ John Locke ଙ୍କ 'Some thoughts concerning Education' ପ୍ରବନ୍ଧଟି ୧ ୯ ୬୩ ମସିହାରେ ପ୍ରକାଶିତ ହେବା ପରେ ଶିଶୁ ଶିକ୍ଷା ସଂପର୍କିତ ନୂତନ ମତ ତଥ୍ୟ ସମଗ୍ର ପୃଥିବୀରେ ଆଲୋଡ଼ନ ସୃଷ୍ଟି କରିଥିଲା। John Lockeଙ୍କ ପ୍ରବନ୍ଧର ମୁଖ୍ୟ ପ୍ରତିପାଦ୍ୟ ବିଷୟ ଥିଲା ଶିଶୁ ହୃଦୟରେ ପ୍ରକୃତିର ଅଫୁରନ୍ତ ଉତ୍ସ ଭରି ରହିଥାଏ ଏବଂ ବାଧାବାଧକତା ବିନା ଶିଶୁ ମଧ୍ୟରେ ସେହି ପ୍ରକୃତିଲବ୍ଧ ଉତ୍ସାହର ଯଥାଯଥ ବିନିଯୋଗ କରିପାରିଲେ ସୁଫଳ ମିଳିବା ସୁନିଶ୍ଚିତ ତଥ୍ୟ। ଏହି ମତ ପ୍ରସାରିତ।

ତେବେ ବିଶ୍ୱସାହିତ୍ୟର ଇତିହାସରେ ୧ ୯ ୨ ୪ ମସିହାରେ ଜେନେଭା ଘୋଷଣାରେ (The Geneva dedaration of the rights of the child) ଶିଶୁଶକ୍ତି ସ୍ୱୀକୃତିପ୍ରାପ୍ତ ହେବା ପରେ ଏବଂ ୧ ୯ ୫ ୯ ମସିହାରେ U.N.O ଏହି ଶିଶୁଶକ୍ତି ପାଇଁ ତା'ର ଅଧିକାର ସଂପର୍କରେ ଘୋଷଣା (The dedaration of the rights of the child) ଫଳରେ ସମଗ୍ର ସାହିତ୍ୟଜଗତରେ ଶିଶୁ ସାହିତ୍ୟର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା।

ତେବେ ବିଶ୍ୱସାହିତ୍ୟର ଇତିହାସରେ ୧୯୨୪ ମସିହାରେ ଜେନେଭା ଘୋଷଣାରେ (The Geneva dedaration of the rights of the child) ଶିଶୁଶକ୍ତି ସ୍ୱୀକୃତିପ୍ରାପ୍ତ ହେବା ପରେ ଏବଂ ୧୯୫୯ ମସିହାରେ U.N.O ଏହି ଶିଶୁଶକ୍ତି ପାଇଁ ତା'ର ଅଧିକାର ସଂପର୍କରେ ଘୋଷଣା (The dedaration of the rights of the child) ଫଳରେ ସମଗ୍ର କ୍ରମଶଃ ଦେଶ ବିଦେଶରେ ଶିଶୁ ଏକ ସ୍ୱତନ୍ତ୍ର ସତ୍ତା ଓ ତାହାର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ନୈତିକ ବିକାଶ ପାଇଁ ଶିଶୁ ଉପଯୋଗୀ ସାହିତ୍ୟ ରଚନାର ପ୍ରୟୋଜନୀୟତା ଅନୁଭୂତ ହେଲା । ଇଂଲଣ୍ଡ, ଅମେରିକା, ଫ୍ରାନ୍ସ, ଜର୍ମାନ ଆଦି ଦେଶରେ କ୍ରମେ ସମାଜର ବାସ୍ତବ ଚିତ୍ର ବର୍ଣ୍ଣନା ସହିତ ସାମାଜିକ ଦାୟିତ୍ୱବୋଧର ବିଷୟ ଶିଶୁ ସାହିତ୍ୟ ପରିସରଭୁକ୍ତ ହେଲା, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ରଚିତ ଶିଶୁସାହିତ୍ୟ ମୁଖ୍ୟତଃ ପରୀକାହାଣୀ, ନୀତିଶିକ୍ଷା ପୂର୍ଣ୍ଣ କାହାଣୀ, ଧର୍ମୀୟ ଭାବପୂର୍ଣ୍ଣ ବାଇବେଲ୍ କାହାଣୀ, ସଂଗୃହୀତ ଲୋକ କାହାଣୀ, ନାନା ଗାଳଗପ ତଥା ବହୁ ସଂଖ୍ୟାରେ ଗୀତ, ଲୋକବାଣୀ ଇତ୍ୟାଦିର ସମାହାର ଥିଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟ ମଧ୍ୟରେ ଶିଶୁ ସାହିତ୍ୟର କଳାତ୍ମକ ଦିଗପ୍ରତି ସଚେତନତା ଆରମ୍ଭ ହୋଇ ତାହାର ଗୁରୁତ୍ୱ ପ୍ରକାଶ ପାଇଥିଲା । ଏହି ସମୟ ସୀମା ମଧ୍ୟରେ ଶିଶୁ ସହିତ୍ୟ ପରିସରକୁ ଗଦ୍ୟାତ୍ମକ ସର୍ଜନା ପ୍ରବେଶ କରିଥିଲା ।

ଭାରତୀୟ ଶିଶୁ ସାହିତ୍ୟକୁ ପାଶ୍ଚାତ୍ୟଜଗତର ଶିଶୁ ରଚନା ଗୁଡ଼ିକ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଶିଶୁ ଉପଯୋଗୀ ସାହିତ୍ୟ ସୃଷ୍ଟି ଲାଗି ପ୍ରେରଣା ପ୍ରଦାନ କରିଥିଲା । ଫଳତଃ ଭାରତରେ ହିନ୍ଦୀ, ଗୁଜରାଟି, ଅସମୀୟା, ତାମିଲ୍, ତେଲୁଗୁ, ମାଲାୟାଲମ୍, ମରାଠୀ, ପଞ୍ଜାବୀ, ବଙ୍ଗଳା ଓ ଓଡ଼ିଆ ସମେତ ଅନ୍ୟାନ୍ୟ ସମସ୍ତ ଭାରତୀୟ ଭାଷାରେ ଶିଶୁ ସାହିତ୍ୟର ବହୁବିଧ ପ୍ରକାଶ ଓ ବିକାଶ ସାଧିତ ହୋଇଛି, ଭାରତରେ ମିଶନାରୀମାନଙ୍କ ଆଗମନ ପରେ ଇଂରାଜୀ ଶିକ୍ଷା, ଶିକ୍ଷାୟତନ, ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା, ପାଠ୍ୟ ପୁସ୍ତକ ପ୍ରଣୟନ ମାଧ୍ୟମରେ ଶିଶୁ ଉପଯୋଗୀ ରଚନା ଉପରେ ସ୍ୱତନ୍ତ୍ର ଉଦ୍ୟମ ହୋଇଛି, ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ କାଳରେ ସମଗ୍ର ଭାରତୀୟ ସାହିତ୍ୟ କ୍ଷେତ୍ରରେ 'ଶିଶୁ'ର ସ୍ୱତନ୍ତ୍ର ମହତ୍ ସତ୍ତା ପ୍ରତି ସ୍ରଷ୍ଟା ଓ ପାଠକ ଉଭୟଙ୍କର ଦୃଷ୍ଟି ଜାଗ୍ରତ ରହିଛି । ଭାରତର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକରୀ ଉଦ୍ୟମରେ ଶିଶୁମେଳା, କର୍ମଶାଳା, ଆଲୋଚନା ଚକ୍ର ଆଦି ଅନୁଷ୍ଠିତ ହେବା ସହିତ ଶିଶୁ ପତ୍ରପତ୍ରିକାର ପ୍ରକାଶନ, ନାନା ଶିଶୁ ଅନୁଷ୍ଠାନର ପ୍ରତିଷ୍ଠା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଶିଶୁ ସାହିତ୍ୟ ସର୍ଜନା ଲାଗି ପୁରସ୍କାର ପ୍ରଦାନର ବ୍ୟବସ୍ଥା ଇତ୍ୟାଦି ଦ୍ୱାରା ଶିଶୁ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ସହାୟକ ହୋଇଛି । ସାଂପ୍ରତିକ କାଳରେ ଶିଶୁ ସାହିତ୍ୟ ଏକ ଅଭିଯାନରେ ପରିଣତ ହୋଇ ନିଜର ଯାତ୍ରା ଅବ୍ୟାହତ ରଖିଛି ଏବଂ ଏହା ଆବାଳବୃଦ୍ଧବନିତା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଛି ।

**ଶିଶୁ ସାହିତ୍ୟର ବିଷୟ ପରିସର :**

ଶିଶୁ ସାଧାରଣତଃ ସରଳ, ଚପଳ, ସହଜ, ମଧୁର, କୋମଳ ଓ ଖେଳପ୍ରିୟ । ସେଠାରେ ତାରୁଣ୍ୟର ଆବେଗ, ଯୌବନର ଉଦ୍ଦାମ ସ୍ୱଭାବ ଓ ପ୍ରବୀଣର ପ୍ରଜ୍ଞା ନଥାଏ । ଥାଏ ପ୍ରକୃତିର ଅଫୁରନ୍ତ ଉତ୍ସ । ଦୈନନ୍ଦିନ ଜୀବନରେ ତା' ଚତୁଃପାର୍ଶ୍ୱରେ ଆତ୍ମୀୟ ସ୍ୱଜନ ପରିବୃତ୍ତ ଦୃଶ୍ୟମାନ ଜଗତ ଓ ଘଟିଯାଉଥିବା ଛୋଟବଡ଼ ଘଟଣାର କ୍ରିୟା ପ୍ରତିକ୍ରିୟା ଆଧାରରେ ତା' ମନରେ ବିକାଶ ଘଟେ । ହସ, କାନ୍ଦ, ଖେଳ ଓ ଖେଳଣାକୁ ନେଇ ଜୀବନ

ଗତିଶୀଳ ହୁଏ । ଖେଳଣାକୁ ସତ ସାଥି ମଣି କେତେ କେତେ କଳ୍ପନା-ପରିକଳ୍ପନାର ରଂଗ ମାଖିହୁଏ । ବୟସ୍କମାନଙ୍କ ପରି କୌଣସି ହାନିଲାଭର ହିସାବ୍ ନକରି ସମସ୍ତଙ୍କ ପ୍ରତି ଓ ସକଳ ବିଷୟ ପ୍ରତି ଆଗ୍ରହ ତଥା ଶ୍ରଦ୍ଧା ଭାବ ପୋଷଣ କରିଥାଏ । ଅନୁକରଣପ୍ରିୟ ଶିଶୁ ସେ ସବୁକୁ ଅନୁରକରଣ ମଧକରିଥାଏ । ସୁତରାଂ ଶିଶୁ ସାହିତ୍ୟ ରଚନା ସମୟରେ ଶିଶୁ ମନର ଏହି କୋମଳ ଓ ସ୍ପର୍ଶକାତର ବିଶେଷ ଦିଗଟି ପ୍ରତି ଲକ୍ଷ୍ୟ ରଖିବା ଅତ୍ୟନ୍ତ ପ୍ରୟୋଜନ । ଆଜିର ଶିଶୁ ଆଗାମୀ କାଲିପାଇଁ ଦେଶ ଓ ଜାତିର ଭବିଷ୍ୟତ ନାଗରିକ, ପରିବାର, ସମାଜ ମଧରେ ସୁଯୋଗ୍ୟ ସନ୍ତାନ ବା ସଦସ୍ୟ ହେବା ସହିତ ସେ ଦେଶ ଓ ଜାତି କ୍ଷେତ୍ରରେ ଉତ୍ତମ ନାଗରିକ ହେବା ସର୍ବୋଦୌ ଗୁରୁତ୍ୱପୂର୍ଣ୍ଣ । ଶିଶୁଟିଏକୁ ସୁନାଗରିକ ଭାବେ ଗଢ଼ିତୋଳିବା ନିମନ୍ତେ ପ୍ରେରଣାପ୍ରଦ ସାହିତ୍ୟ ରଚନା କରିବା କରିବା ହିଁ ଶିଶୁ ସାହିତ୍ୟିକମାନଙ୍କର ଗୁରୁ ଦାୟିତ୍ୱ । ସାହିତ୍ୟିକମାନଙ୍କ ସଚେତନ ଜ୍ଞାତସାରରେ ଥିବା ଆବଶ୍ୟକ ଯେ ଶିଶୁ ସାହିତ୍ୟ ଶିଶୁ ମନକୁ ଯେତିକି ଆନନ୍ଦିତ କରେ । ସେଥିରୁ  ସେତିକି ନୂଆ କିଛି ଶିଖିବାର ଓ ଅନୁକରଣ କରିବାରେ ମଧସାହାଯ୍ୟ କରିଥାଏ । ତେଣୁ ଶିଶୁ ସାହିତ୍ୟ ସର୍ଜନା ପାଇଁ ଶିଶୁର ଭବିଷ୍ୟତ ଗଠନ ଉପଯୋଗୀ ବିଷୟ ନିର୍ବାଚନ ସାହିତ୍ୟିକମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ଓ କର୍ତ୍ତବ୍ୟ ବୋଲି ବବେଚିତ ।

(୧) ଶିଶୁ ସାହିତ୍ୟର ବିଷୟବସ୍ତୁ ଦେଶ ଓ ଜାତିର ସଂସ୍କୃତ, ପ୍ରଥା-ପରମ୍ପରା, ରୀତିନୀତି, ଆଚାର ବ୍ୟବହାର ଓ ଚଳଣି ଭିତ୍ତିକ ହେବା ବିଧେୟ । ଫଳତଃ ସେହି ସବୁ ବିଷୟକୁ ସହଜରେ ଶିଶୁ ଗ୍ରହଣ କରିବାର ସାମର୍ଥ୍ୟ ଧାରଣ କରିଥାଏ ।

(୨) ଦେଶ ଓ ଜାତିର ଇତିହାସରୁ ଗୌରବପୂର୍ଣ୍ଣ, ଘଟଣାବଳୀ, ବୀରତ୍ୱର ଗାଥା, ଶୌର୍ଯ୍ୟପୂର୍ଣ୍ଣ କାହାଣୀ ସାହସିକ କାର୍ଯ୍ୟାବଳୀ ଓ ସାମାଜିକ କର୍ତ୍ତବ୍ୟ ତଥା ମୂଲ୍ୟବୋଧ ଶିଶୁ ଗଳ୍ପ, କବିତା, ନାଟକ, ଉପନ୍ୟାସ, ପ୍ରବନ୍ଧ, ଆଲୋଚନା ଆଦି ରଚିତ ହେବା ବିଧେୟ । ଏହାଦ୍ୱାରା ଶିଶୁ ମନରେ ଜାତିପ୍ରେମ ଓ ଜାତୀୟ ସଂହତିର ଭାବ ଜାଗ୍ରତ ହେବାର ସମ୍ଭାବନା ଅଧିକ ଥାଏ ।

(୩) ଦେଶ ବିଦେଶ ସବୁଠାରେ 'ଶିଶୁ' ଶ୍ରଦ୍ଧାଯୁକ୍ତ । ତେଣୁ ଦେଶ ବିଦେଶର ଘଟଣାବଳୀ ସହ ଆଞ୍ଚଳିକ ବା ସ୍ଥାନୀୟ ବୈଶିଷ୍ଟ୍ୟ ସମଭାବେ ଶିଶୁ ସାହିତ୍ୟର ବିଷୟ ପରିସରଭୁକ୍ତ ହେବା ଆବଶ୍ୟକ, ଏହାଦ୍ୱାରା ଦେଶ ବିଦେଶ ଓ ନିଜ ଆଞ୍ଚଳିକ ପରିବେଶ ପରିସର ସହିତ ଶିଶୁର ପରିଚୟ ବୋଧ ସୃଷ୍ଟି ହୋଇପାରିଥାଏ ।

(୪)  ଶିଶୁ ସାହିତ୍ୟ ପାଇଁ ଏକ ଉଲ୍ଲେଖନୀୟ ଦିଗ ହେଉଛି ପ୍ରସିଦ୍ଧ ଉତ୍ତମ ବ୍ୟକ୍ତି ବିଶେଷଙ୍କ ଜୀବନ କାହାଣୀ, ଏହା ଶିଶୁ ମନ ଗଠନରେ ସକ୍ରିୟ ଭୂମିକ ଗ୍ରହଣ କରିଥାଏ ।

(୫) ଶିଶୁର ସରଳ ସ୍ୱଚ୍ଛ ଜୀବନ ପ୍ରବାହକୁ ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠ ଓ ମୂଲ୍ୟବୋଧ ଭିତ୍ତିକ କରି ଗଢ଼ିବା ପାଇଁ ଆତ୍ମିକ ଚିନ୍ତା, ଚେତନା, ଭଗବତ ବିଶ୍ୱାସ, ଗୁରୁ ଭକ୍ତି, ଗୁରୁଜନଙ୍କ ପ୍ରତି ସମ୍ମାନ, ସତ୍ୟ, ସାଧୁତା ପ୍ରତି ନିଷ୍ଠା, ନୀତି ଅନୀତି, ଅନ୍ୟାୟ ଅତ୍ୟାଚାର, ଧର୍ମ ଅଧର୍ମର ଫଳ ସଂପର୍କିତ ବିଷୟଗୁଡ଼ିକ ଶିଶୁସାହିତ୍ୟରେ ବର୍ଣ୍ଣନା ହେବା ପ୍ରାସଙ୍ଗିକ । ଏହାଦ୍ୱାରା ଶିଶୁ ସୁସ୍ଥ ମାନସିକତା ଲାଭ କରିଥାଏ ।

(୬) ଆଜିର ଜଗତୀକରଣ ପ୍ରକ୍ରିୟାରେ ଓ ଇଲେକଟ୍ରୋନିକ୍ସ ଯୁଗରେ ଶିଶୁର ବିଶେଷ ଜ୍ଞାନ ବୃଦ୍ଧି ଓ ମାନସିକ ବିକାଶ ନିମନ୍ତେ ବିଜ୍ଞାନର ନବନବ ଉଦ୍ଭାବନ, ଆବିଷ୍କାର ସଂପର୍କୀୟ ବିଷୟବସ୍ତୁ ଶିଶୁ ସାହିତ୍ୟ ପରିସର

ଭୁକ୍ତ ହେବା ସର୍ବାଦୌ ଆବଶ୍ୟକ। କାରଣ ମାନତ ସମାଜ ପାଇଁ ବିଜ୍ଞାନ ସାଂପ୍ରତିକ ସମୟରେ ଯେତିକି କ୍ଷତି ମଧକରିଚାଲିଛି। ତେଣୁ ଶୁଶୁ ମନର ଅନୁସନ୍ଧିତ୍ସା ଭିତରେ ବିଜ୍ଞାନର ସୁଫଳ ଓ କୁଫଳ ସଂପର୍କରେ ଜ୍ଞାନ ଲାଭ ପୂର୍ବକ ତନ୍ମଧ୍ୟରୁ ସୁଫଳକୁ ଅନୁସରଣ କରିବାର ମାନସିକତା ସୃଷ୍ଟି କରିବାର ଦାୟିତ୍ୱ ଶିଶୁ ସାହିତ୍ୟିକଙ୍କଠାରେ ସାହିତ୍ୟ ସର୍ଜନା କାଳରେ ଜାଗ୍ରତ ଥିବା ପ୍ରୟୋଜନ, ଟେକନୋଲୋଜିର ସଫଳତାକୁ ସକାରାତ୍ମକ ଭଙ୍ଗୀରେ ଉପଯୋଗ କଲେ ଶିଶୁ ସହିତ୍ୟ ଅଧିକ ସଫଳ ଓ ସମୃଦ୍ଧ ହୋଇପରିବ।

(୭) ଶିଶୁଟିର ସୁସ୍ଥ, ସବଳ, ସୌନ୍ଦର୍ଯ୍ୟପୂର୍ଣ୍ଣ ଜୀବନ ଧାରଣ ପାଇଁ ସାଧାରଣ ଜ୍ଞାନ, ବିଜ୍ଞାନ, ପ୍ରଜ୍ଞାନ, ପରିସରରେ ଥିବା ସକଳ ସକାରାତ୍ମକ ବିଷୟ ଶିଶୁ ସାହିତ୍ୟ ପାଇଁ ଉପାଦେୟ ହୋଇଥାଏ। ଶିଶୁ ମନୋବିଜ୍ଞାନର ପ୍ରୟୋଗ କ୍ଷେତ୍ରରେ ମାଟିର ଜଳସ୍ଥଳର ପରିବେଶଠାରୁ ଆକାଶର ପରିସର ପର୍ଯ୍ୟନ୍ତ ସକଳ ବିଷୟ ସ୍ଥାନ ପାଇଥାଏ। ତେଣୁ ଶିଶୁର ଅନ୍ତଃରୂପ ଓ ବହିଃରୂପ ଉଭୟ ସୁସ୍ଥ, ସଂସହତ, ଶୃଙ୍ଖଳିତ, ସୁଶୋଭିତ କରି ରଖିବା ପାଇଁ ଶିଶୁ ସାହିତ୍ୟରେ ବର୍ଣ୍ଣିତ ବିଷୟଗୁଡ଼ିକର ତାତ୍ପର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ।

(୮) ଶିଶୁ ସାହିତ୍ୟରେ ଭ୍ରମଣବୃତ୍ତାନ୍ତ ସଂପର୍କିତ ରଚନା ରହିବା ଆବଶ୍ୟକ । ଏହାଦ୍ୱାରା ଶିଶୁଟିଏ ବହୁ ଅଜ୍ଞାତ ସ୍ଥାନ ଓ ବିଷୟ ଜାଣିବାର ସୁଯୋଗ ଲାଭ କରିଥାଏ।

(୯) ଶିଶୁକୁ ନିରୋଳ ଆନନ୍ଦ ପ୍ରଦାନ କରୁଥିବା ହସମଜାକଥା ଓ କୌତୁହଳପ୍ରଦ ବିଷୟ ସାହିତ୍ୟରେ ରହିବା ଆବଶ୍ୟକ;ମାତ୍ର କୁତ୍ସିତ ବ୍ୟଙ୍ଗବିଦ୍ରୂପର ବିଷୟ ପରିତ୍ୟାଗ କରାଯାଇପାରେ।

**ଶିଶୁ ସହିତ୍ୟର ବର୍ଜନୀୟ ବିଷୟ :**

ଶିଶୁ ବିଶେଷଜ୍ଞ ମାନଙ୍କ ମତରେ ଶିଶୁର କୋମଳ ମନରେ ଘୃଣା, ଭୟ, କ୍ରୋଧ, ହିଂସା, ଈର୍ଷା, ବିକୃତ ଚେତନା, ହତାଶା, ନିରାଶା, ବ୍ୟର୍ଥତା, ଧ୍ୱଂସ, ହତ୍ୟା, ମୃତ୍ୟୁ ସଂପର୍କିତ ଭାବ ସଂଚାର କରୁଥିବା ବିଷୟ ସକଳ ଶିଶୁ ସାହିତ୍ୟ ପରିସରରୁ ସର୍ବାଗ୍ରେ ପରିତେଜ୍ୟ ହେବା ବାଂଛନୀୟ। ଏହା ଦ୍ୱାରା ଶିଶୁର ମାନସିକ ଚାପ ବୃଦ୍ଧି ହେବ ଓ ତା'ର ସ୍ୱାଭାବିକ ମାନସିକ ବିକାଶ ଦିଗରେ ଏହା ଅନ୍ତରାୟ ସୃଷ୍ଟି କରିବ।

## ୧.୬ ଶିଶୁ ସାହିତ୍ୟର ବୈଶିଷ୍ଟ୍ୟ

ଶିଶୁ ସହିତ୍ୟ ମାନସିକ ସ୍ଥିତିକୁ ଗଭୀର ରୂପେ ପ୍ରଭାବିତ କରିଥାଏ। ପିଲାଙ୍କର ଶୁଣିବା, କହିବା, ପଢ଼ିବା, ଲେଖିବାର ଦକ୍ଷତା ହାସଲ କରିବା ଦିଗରେ ଏହା ଏକ ଦୃଢ଼ ସ୍ତମ୍ଭ। ଏହାର ପ୍ରଧାନ ବୈଶିଷ୍ଟ୍ୟ ଗୁଡ଼ିକ ହେଉଛି :-

ଶିଶୁ ସାହିତ୍ୟର ବିଷୟ ବୈଚିତ୍ର୍ୟ ଅଫୁରନ୍ତ। ଏଥିରେ ସ୍ଥାନିତ ହୋଇଥାଏ କଳ୍ପନାପୂର୍ଣ୍ଣ ରୋମାଞ୍ଚିତ କଥାବସ୍ତୁ, ମନ ଓ ବୁଦ୍ଧିର ଖେଳ ଏବଂ ହୃଦୟକୁ ସ୍ପର୍ଶ କରୁଥିବା ଭାବ ସାରଲ୍ୟ।

- ଶିଶୁମାନଙ୍କ ପାଇଁ ଶିଶୁ ସାହିତ୍ୟ ହେଉଛି କଳ୍ପନାର ଚିରପ୍ରବାହମାନ ଉତ୍ସ। ତେଣୁ ଏଥିରୁ ପିଲାମାନେ ସେମାନଙ୍କ କଳ୍ପନାରୁ କିଛି ଭାବିବା ପାଇଁ ଶିଖିପାରନ୍ତି। ଏହି ଭାବିବା କାର୍ଯ୍ୟ ଦ୍ୱାରା ସେମାନଙ୍କ ଭାଷା ଜ୍ଞାନ ବୃଦ୍ଧି ସହ ମନ ମଧରେ ସୌନର୍ଯ୍ୟ ବୋଧ ତଥା ମାନବିକ ମୂଲ୍ୟବୋଧ ଭିତ୍ତିକ ଭାବନା ସୃଷ୍ଟି ହୋଇଥାଏ।

- ଶିଶୁ ସାହିତ୍ୟରେ ଶିଶୁର ସାମଗ୍ରିକ ବିକାଶର ସମ୍ଭାବନା ରହିଥାଏ ।
- ଶିଶୁସାହିତ୍ୟର ଅସ୍ତିତ୍ୱ ପ୍ରତିଷ୍ଠା ଆଧୁନିକ ଯୁଗରେ ସମ୍ଭବ ହୋଇଥିଲେ ହେଁ ଏହା ନିଜର ଏକ ଦ୍ରୁତ ଗତିଶୀଳଧାରା ସୃଷ୍ଟି କରିପାରିଛି ।
- ଶିଶୁ ସାହିତ୍ୟର ନାନା ରଙ୍ଗର ଚିତ୍ର କାହାଣୀ ଥାଏ । ପିଲାମାନେ ସେହି ଚିତ୍ର ଆଢୁଆଳରେ ଲୁଚିଥିବା ବିଷୟକୁ ପୁନର୍ବାର ଭାବିବା ଶିଖିଥାନ୍ତି ।
- ଶିଶୁ ସାହିତ୍ୟରୁ ପିଲାମାନେ ନୂତନ ଶବ୍ଦ ଶିଖିଥାନ୍ତି ଓ ସେମାନଙ୍କର ଶବ୍ଦ  ଜ୍ଞାନର ବୃଦ୍ଧି ଘଟିଥାଏ ।
- ଶିଶୁ ସାହିତ୍ୟ ଶିଶୁକୁ ପ୍ରଶ୍ନ ପଚାରିବା ଶିଖାଇଥାଏ । ଗପଟିଏ ଶୁଣିବା, ପଢିବା ସମୟରେ ତା ମନରେ ପରକୁ ପର ପ୍ରଶ୍ନ ସବୁ ଜାଗି ଉଠନ୍ତି ତା' ପରେ ? ତାପରେ କ'ଣ ? ସାହିତ୍ୟର ବିଷୟବସ୍ତୁ ପ୍ରସାରିତ ହେବା ସଙ୍ଗେ ସଙ୍ଗେ ଶିଶୁର ଚିନ୍ତାଶକ୍ତି ମଧ୍ୟପ୍ରସାରିତ ହୁଏ । ଫକାହିଁକି'ର ଜଟିଳ ବୃତ୍ତରୁ ଦୂରରେ ଥିବା ଶିଶୁର ସରଳ ପ୍ରାଣ ଆନନ୍ଦ ଲାଭ କରେ । ଶିକ୍ଷା ପ୍ରାପ୍ତ ହୁଏ । ମନ ଭିତରେ ଜିଜ୍ଞାସା ସୃଷ୍ଟି କରିବା ଶିକ୍ଷାର ପ୍ରଧାନ କାର୍ଯ୍ୟ ଏବଂ ଶିଶୁସାହିତ୍ୟ ଶିଶୁ ମନରେ ଜିଜ୍ଞାସାର ଅନେକ ଦ୍ୱାରା ଖୋଲିଦେଇ ପାରେ ।
- ଶିଶୁ ସାହିତ୍ୟର ମୁଖ୍ୟ ବୈଶିଷ୍ଟ୍ୟ ତାର ଭାଷାଗତ ସାରଲ୍ୟ, ଭାଗବତ ମାଧୁର୍ଯ୍ୟ, ବିଷୟ ବକ୍ତବ୍ୟ, ଚିତ୍ର ଓ ବର୍ଣ୍ଣର ସମାବେଶ  ଆଦି କଳାକୌଶଳ ।
- ଶିଶୁ ସାହିତ୍ୟ ଆନନ୍ଦ ପ୍ରଦାନ ମାଧ୍ୟମରେ ଶିଶୁର ଚରିତ୍ରଗଠନ ସହ ସଦ୍‌ବୃଦ୍ଧିର ସଂଚାର କରିଥାଏ ।
- ଶିଶୁ ସାହିତ୍ୟ ଶବ୍ଦ ଓ ବ୍ୟାକରଣ ବ୍ୟବହାରରେ ସମସ୍ତ ପ୍ରକାର ଜଟିଳତାଠାରୁ ଦୂରରେ ରହେ ।
- ଶିଶୁ ସାହିତ୍ୟର ଶିଶୁର ଭାଷାଦକ୍ଷତାର ବିକାଶକୁ ପ୍ରଭାବିତ କରେ ।
- ଶିଶୁ ଶୁଣିବା, କହିବା, ପଢ଼ିବା ଓ ଲେଖିବାର ଦକ୍ଷତା ଅର୍ଜନରେ ଶିଶୁ ସାହିତ୍ୟର ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ରହିଛି ।
- ଶିଶୁ ସାହିତ୍ୟ ଶିଶୁମାନଙ୍କ ପାଇଁ ରଚିତ ହେଲେ ହେଁ ଆବାଳବୃଦ୍ଧ ବନିତା ଏହାର ରସ ଆସ୍ୱାଦନ କରିଥାନ୍ତି । ସର୍ବସ୍ତରର ମଣିଷଙ୍କୁ ବୟସର ପାର୍ଥକ୍ୟ ସତ୍ତ୍ୱେ ଶିଶୁ ସାହିତ୍ୟ ଆନନ୍ଦ ପ୍ରଦାନ କରିଥାଏ ।

ବାସ୍ତବରେ ଶିଶୁସହିତ୍ୟର ବୈଶିଷ୍ଟ୍ୟ ଲୋକ ସାହିତ୍ୟ ପରିସରର ନାନାବାୟାଗୀତ ଅବା ବୁଢୀଅସୁରୁଣୀ କି ରାଜାରାଣୀ କାହାଣୀଠାରୁ ଏକବିଂଶ ଶତାବ୍ଦୀରେ ରଚିତ ଆଧୁନିକ ରୂପ ଶୈଳୀ ଧାରଣ କରିଥିବା ଶିଶୁ ଗଳ୍ପ, କାହାଣୀ, କବିତା, ନାଟକ, ଉପନ୍ୟାସ ଆଦିରେ ଅଦ୍ୟାବଧି ସୁରକ୍ଷିତ ।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

(୧) ଶିଶୁ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର ?

(୨) ଶିଶୁ ସାହିତ୍ୟର ପରଂପରା ସଂପର୍କରେ ବିଶ୍ଳେଷଣ କର ?

(୩) ଶିଶୁ ସାହିତ୍ୟର ବିଷୟ ବସ୍ତୁର ଉପାଦେୟତା ସଂପର୍କରେ ନିଜସ୍ୱ ମତ ପ୍ରଦାନ କର ?

(୪) ଶିଶୁ ସାହିତ୍ୟର ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର ?

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(୧) ଶିଶୁର ସୁରକ୍ଷିତ ବଳୟ କ'ଣ ?

(୨) ବୟସ ଆଧାରରେ ଶିଶୁମାନଙ୍କୁ କେତୋଟି ପର୍ଯ୍ୟାୟରେ ଆଲୋଚନା କରାଯାଇଥାଏ ଓ ସେହି ପର୍ଯ୍ୟାୟ ଗୁଡ଼ିକ କ'ଣ କ'ଣ ?

(୩) 'ପିଲିଗ୍ରିମ୍ସ ପ୍ରୋଗ୍ରେସ୍' ଗ୍ରନ୍ଥର ରଚୟିତା କିଏ ଓ ସେ କେଉଁ ଭାଷାର ଲେଖକ ?

(୪) 'ଚାପବୁକ୍' ଗ୍ରନ୍ଥରେ John Locke ଙ୍କର କେଉଁ ପ୍ରବନ୍ଧ କେବେ ପ୍ରକାଶିତ ହୋଇଥିଲା ।

(୫) ଶିଶୁ ସାହିତ୍ୟରେ କେଉଁ ବିଷୟବସ୍ତୁଗୁଡ଼ିକ ବର୍ଜନୀୟ ?

## ୧.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଶିଶୁ ସାହିତ୍ୟ ଉନ୍ମେଷ ଓ ବିକାଶ- ଡଃ ମନୀନ୍ଦ୍ର ମହାନ୍ତି, ୧୯୯୨, ପ୍ରକାଶନ : ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ୨୯୩୫, ଗୌରୀ ନଗର, ଭୁବନେଶ୍ୱର-୭୫୧୦୦୨
- ଓଡ଼ିଆ ଶିଶୁ ସାହିତ୍ୟ ଚର୍ଚ୍ଚା-ଶ୍ରୀ ରମେଶ ଚନ୍ଦ୍ର ଦାଶ, ୨୦୧୧, ପ୍ରକାଶନ : ନାନାବାୟା ପ୍ରକାଶନୀ, ୯୬୩/ବି, ଘାଟିକିଆ, ଖଣ୍ଡଗିରି, ଭବନେଶ୍ୱର-୭୫୧୦୩୦
- ଓଡ଼ିଆ ଲୋକଗୀତ ଓ କାହାଣୀ : କୁଞ୍ଜବିହାରୀ ଦାଶ, ୧୯୫୮, ଓଡ଼ିଆ ଗବେଷଣା ବିଭାଗ, ବିଶ୍ୱ ଭାରତୀ
- ଓଡ଼ିଆ ସାହିତ୍ୟର ଇତିହାସ : ନଟବର ସାମନ୍ତରାୟ ୧୯୬୪, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୦

# ଦ୍ୱିତୀୟ ଏକକ : ଓଡ଼ିଆ ଶିଶୁ ସାହିତ୍ୟର ଉତ୍ସ ଓ ପ୍ରକାରଭେଦ

## ବିଷୟ ଗଠନ :

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଓଡ଼ିଶା ଶିଶୁ ସାହିତ୍ୟର ଉତ୍ସ, ଉନ୍ମେଷ ଓ ଭିତ୍ତିଭୂମି
୨.୫ ଓଡ଼ିଆ ଶିଶୁ ସାହିତ୍ୟର ବିକାଶଧାରା
୨.୬ ଓଡ଼ିଆ ଶିଶୁ ସାହିତ୍ୟର ପ୍ରକାରଭେଦ
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୮ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ପ୍ରାଚୀନ କାଳରେ ଶିଶୁମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଲିଖିତ ସାହିତ୍ୟ ରୂପ ନ ଥିଲା। ବୟସ୍କମାନଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଚଉତିଶା, ଚମ୍ପୂ, କୋଇଲି ଓ ଛୋଟ ଛୋଟ ଧର୍ମଭାବପୂର୍ଣ୍ଣ ଗୀତିକା ଆଦି ଗୁରୁଜନକମାନଙ୍କଠାରୁ ଶିଶୁମାନେ ଶୁଣି ଓ ଚାଟଶାଳୀ ଶିକ୍ଷା କ୍ଷେତ୍ରରୁ ଶିଖି ଅର୍ଥ ନ ବୁଝିପାରିଲେ ମଧ୍ୟତାହା ଗ୍ରହଣ କରୁଥିଲେ। ମାତ୍ର ଇଂରେଜମାନଙ୍କ ଓଡ଼ିଶା ଆଗମନ ପରେ ଶିକ୍ଷାର ପ୍ରସାର, ବିଦ୍ୟାଳୟର ପ୍ରତିଷ୍ଠା ଓ ପାଠ୍ୟ ପୁସ୍ତକ ପ୍ରଣୟନ ଦ୍ୱାରା ମିଶନାରୀମାନଙ୍କ ଉଦ୍ୟମରେ ଶିଶୁ ଉପଯୋଗୀ ପୁସ୍ତକ ରଚନାର ଆୟମାରମ୍ଭ ଘଟିଲା। ଏହି ସମୟରେ ଶିଶୁମାନଙ୍କ ନିମିତ୍ତ ସ୍ୱତନ୍ତ୍ର ସାହିତ୍ୟ ରଚନାର ଉପଲବ୍ଧି ହେଲା। ଶିଶୁ ସାହିତ୍ୟ ଆଲୋଚକଗଣ ଓଡ଼ିଆ ଶିଶୁ ସାହିତ୍ୟର ଉତ୍ସ ମୌଖିକ ପରମ୍ପରାରେ ପ୍ରଚଳିତ ଲୋକ ସାହିତ୍ୟ ମଧ୍ୟରେ ଅନ୍ୱେଷଣ କରିବାରେ ବ୍ରତୀ ହୋଇଛନ୍ତି। ତେବେ ଓଡ଼ିଆ ଶିଶୁ ସାହିତ୍ୟର ଉତ୍ସ, ଉନ୍ମେଷ ଓ ଭିତ୍ତିଭୂମି ଐତିହ୍ୟ ଓ ପ୍ରକାରଭେଦ ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନ ପ୍ରଦାନ କରିବା ହେଉଛି ଏହି ଏକକ ପଠନର ଉଦ୍ଦେଶ୍ୟ।

## ୨.୨ ଶିକ୍ଷଣୀୟ ବିଷୟ

ବିଦ୍ୟାର୍ଥୀ ମାନଙ୍କ ନିମନ୍ତେ ଏକ ଏକକ ପଠନର ଶିକ୍ଷଣୀୟ ବିଷୟ ହେଉଛି :

- ଓଡ଼ିଆ ଶିଶୁ ସାହିତ୍ୟର ଆଦି ଉତ୍ସ ପ୍ରକାଶ କ୍ଷେତ୍ର ସଂପର୍କରେ ଅବଗତ ହେବା।
- ଓଡ଼ିଆ ଶିଶୁ ସହିତ୍ୟ ଉନ୍ମେଷ ଓ ଭିତ୍ତିଭୂମି ସଂପର୍କୀୟ ତଥ୍ୟ ଉପରେ ଧାରଣା ଲାଭ କରିବା।
- ଓଡ଼ିଆ ଶିଶୁ ସାହିତ୍ୟର ଐତିହ୍ୟ ବିଚାର ବିମର୍ଶରେ ସଠିକ୍ ସାରାଂଶ ପ୍ରତି ସଚେତନ ହେବା।

- ଓଡ଼ିଆ ଶିଶୁ ସାହିତ୍ୟର ପ୍ରକାର ଭେଦ ସଂପର୍କରେ ଜ୍ଞାନ ଲାଭ କରିବା।
- ଓଡ଼ିଆ ଶିଶୁ ସାହିତ୍ୟ ସଂପର୍କରେ ବିଜ୍ଞାନ ଭିତ୍ତିକ ବିଚାର ଆଲୋଚନା ଧାରା ସଂପର୍କରେ ବିଦ୍ୟାର୍ଥୀଗଣ ଅବଗତ ହେବା।

## ୨.୩ ବିଷୟ ପ୍ରବେଶ

ଶିଶୁ ସାହିତ୍ୟ ମନୋରଂଜନ ମାଧ୍ୟମରେ ଶିଶୁକୁ ନାନା ବିଷୟରେ ଜ୍ଞାନଲୋକ ପ୍ରଦାନ କରିଥାଏ। ଏହାହିଁ ଶିଶୁ ସାହିତ୍ୟ ସର୍ଜନାର ମୌଳିକ ଉଦ୍ଦେଶ୍ୟ। ମାନବ ଶିଶୁର ଜନ୍ମ ପରେ ମାଆ କୋଳ ଓ ପରିବାର ପରିଧି ହେଉଛି ତାର ପ୍ରାଥମିକ ଶିକ୍ଷାକ୍ଷେତ୍ର। ମାଆ ପ୍ରଥମେ ଶିଶୁଟିକୁ ନୂତନ ପୃଥିବୀ ସହିତ ପରିଚିତ କରାଏ। ଶିଶୁର ଶାରୀରିକ ବଳିଷ୍ଠତା ଓ ମାନସିକ ଅଭିବୃଦ୍ଧି ପାଇଁଧନ ଦେଇଥାଏ। ପରିବାରର ଅନ୍ୟ ସମସ୍ତ ସଦସ୍ୟ ତାକୁ ସମାଜରେ ଉତ୍ତମ ମଣିଷଟିଏ ଗଢି ଛିଡ଼ା କରିବାର ଚେଷ୍ଟା କରିଥାନ୍ତି। ଓଡ଼ିଶା କେବଳ ନୁହେଁ ପୃଥିବୀର ସମସ୍ତ ଭାଷାଭାଷୀ ଅଞ୍ଚଳରେ ଶିଶୁ ସାହିତ୍ୟ ସୃଷ୍ଟିର ଆଦି ଉତ୍ସ ମାଆ ଓ ପରିବାରର ଆତ୍ମୀୟ ସ୍ୱଜନଙ୍କ ପାଟିରୁ ଶିଶୁଟି ଉଦ୍ଦେଶ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବେ ଝରିପଡୁଥିବା ରାଶିରାଶି ଗୀତ, କାହାଣୀ ଭିତରେ ଲୁଚି ରହିଥାଏ। ଶିଶୁର ଆବଶ୍ୟକତା ଓ ମାନସିକତାକୁ ଦୃଷ୍ଟିରେ ରଖି ପରିବାରଜନ ଶିଶୁକୁ ଖୁଆଇବା, ଶୁଆଇବା, ନାନା ଭଙ୍ଗୀରେ ଖେଳାଇବା, ବୋଧ କରିବା ଓ କିଛି ଶିକ୍ଷା ଦେବା ସମୟରେ ସେହି ସବୁ ଗୀତ, କାହାଣୀ, ବାଣୀ ଇତ୍ୟାଦି ପୀଢି ପରେ ପୀଢି ସୃଷ୍ଟି କରି ଆସିଛନ୍ତି। ମୌଖିକ ପରଂପରାରେ ଆଦିରୁ ଆଦ୍ୟାବଧି ଉପଯୋଗ ହୋଇ ଆସିଛି। ଅଧୁନା ଇଲେକ୍ଟ୍ରୋନିକସ୍ ଯୁଗରେ ଶିଶୁ ମାଆ ଓ ପରିବାର ମୁଖରେ ସେହି ଗୀତ ଓ କାହାଣୀର ଧାରା ପ୍ରବାହିତ।

ସମୟ ସ୍ରୋତରେ ପରିବର୍ତ୍ତନ ଏକ ଚିରନ୍ତନ ପ୍ରବାହ। ସୁତରାଂ କାଳକ୍ରମେ ଶିଶୁ ସାହିତ୍ୟ ମୌଖିକ ପରଂପରା କ୍ଷେତ୍ରରୁ ଉଚିତ ପୁସ୍ତକ ଓ ପତ୍ରିକାର ପୃଷ୍ଠା ମଣ୍ଡନ କରି ନୂତନ ପରିପାଟୀ ଧାରଣ କରିଛି। ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଶିଶୁ ସାହିତ୍ୟ ଏକ ସ୍ୱତନ୍ତ୍ର ପରିଚିତ ଲାଭ କରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଶିଶୁ ସାହିତ୍ୟର ଉତ୍ସ, ଉନ୍ମେଷ, ପ୍ରକାରଭେଦ ଓ ତାହାର ଐତିହ୍ୟ ସଂପର୍କୀୟ ଅବଧାରଣା ଏହି ଏକକର ପାଠ୍ୟ ବିଷୟ।

## ୨.୪ ଓଡ଼ିଶା ଶିଶୁ ସାହିତ୍ୟର ଉତ୍ସ, ଉନ୍ମେଷ ଓ ଭିତ୍ତିଭୂମି

ପ୍ରକୃତପକ୍ଷେ ଶିଶୁ ସାହିତ୍ୟର ମୌଳିକ ଅର୍ଥ ହେଉଛି ଶିଶୁ ନିମିତ୍ତ ସୃଜନଶୀଳ ସାହିତ୍ୟ। ଅନ୍ୟ ମତରେ ପିଲାଙ୍କ ଉପଯୋଗୀ ବା ଶିକ୍ଷଣୀୟ ସାହିତ୍ୟ ହେଉଛି ଶିଶୁ ସାହିତ୍ୟ। ଏ ଦୁଇ ମତ ସମାନ ମନେ ହେଉଥିଲେ ହେଁ ସୂକ୍ଷ୍ମ ପ୍ରଭେଦ ବିଦ୍ୟମାନ। ଉଦାହରଣ ମାଧ୍ୟମରେ ଏହାକୁ ସ୍ପଷ୍ଟ କରାଯାଇପାରେ। ସାଧାରଣତଃ 'ଘର' ଉପରେ କବିତା କିମ୍ବା କାହାଣୀଟିଏ ରଚନା କରିବା ଏବଂ ସେହି ଘର ସମ୍ବନ୍ଧୀୟ ଯାବତୀୟ ସାମଗ୍ରୀ; ଯଥା ଘରର ଖମ୍ବ, କାନ୍ଥ, ଦ୍ୱାରବନ୍ଧ, ଝରକା, କବାଟ, ଚଟାଣ, ଛାତ ଇତ୍ୟାଦିର ଆବଶ୍ୟକତା ତଥା ଉପକାରିତା ବିଷୟରେ ସୂଚନାଯୋଗ୍ୟ ଉପସ୍ଥାପନା କରିବା; ଏ ଦୁଇଟିର ରୂପ ଓ ଭାବ ଭିନ୍ନ। "ସ୍ୱର୍ଗ ସମାନ ଆମ ଘର" ବୋଲି ଲେଖି ପିଲା ମନରେ ଘର ପ୍ରତି ମମତ୍ୱବୋଧ ସୃଷ୍ଟି କରିବା ଓ ଘରର ଖମ୍ବ ଓ କାନ୍ଥ ଘରକୁ ମଜବୁତ ରୂପେ ଧରିରଖେ।

ନାନା ବିପଦ ଆପଦରୁ ରକ୍ଷା ପାଇଁ ଝର୍କା କବାଟର ଆବଶ୍ୟକତା ରହିଛି ଇତ୍ୟାଦି ସୂଚନାଯୋଗ୍ୟ ସାମଗ୍ରୀ ସଂପର୍କୀୟ ରଚନା ପିଲା ସମ୍ମୁଖରେ ଉପସ୍ଥାପନା କରିବା ସମାନ କଥା ନୁହେଁ। ପ୍ରଥମଟି ସୃଜନଶୀଳ ଓ ଦ୍ୱିତୀୟଟି ଉପଯୋଗୀ ବୋଲି ସ୍ୱୀକାର କରିବାକୁ ହେବ।

ଶିଶୁ ସାହିତ୍ୟ ମୌଖିକ ହେଉ ଅବା, ରଚିତ ହେଉ ତାହା ସାଧନାସାପେକ୍ଷ । ଏହାର ଦୁଇଟି ରୂପ ରହିଛି। ଗୋଟିଏ 'ମୌଖିକ ଶିଶୁ ସାହିତ୍ୟ' ଏବଂ ଅନ୍ୟଟି 'ଲିଖିତ ଶିଶୁ ସାହିତ୍ୟ'। ପୂର୍ବେ ଶିଶୁ ଗୀତ ଓ କାହାଣୀର ଲିଖିତ ପରଂପରା ନଥିଲା। ଏହା ମୌଖିକ ପରଂପରାରେ ଶ୍ରୁତିରୁ ଶ୍ରୁତିକୁ, ମୁଖରୁ ମୁଖକୁ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ପୀଢି ପରେ ପୀଢି ସ୍ୱତଃସ୍ଫୂର୍ତ୍ତ ଉଚ୍ଛ୍ୱାସ ବହନ କରି ପ୍ରକାଶିତ ହେଉଥିଲା। ଓଡ଼ିଶାର ଗାଁ ଗହଳି, ପୁରପଲ୍ଲୀ ଅଞ୍ଚଳରେ ପରିବାରର ବୟସ୍କ ଆତ୍ମୀୟ ସ୍ୱଜନମାନେ ଏହି ମୌଖିକ ଶିଶୁ ସହିତ୍ୟର ସ୍ରଷ୍ଟା। ଏହା କୌଣସି ଜଣେ ବ୍ୟକ୍ତିର ନୁହେଁ ସମଷ୍ଟିର ସ୍ୱତଃସ୍ଫୂର୍ତ୍ତ ସାଧନା। ସୁତରାଂ ସୃଜନଶୀଳ ଶିଶୁ ଉପଯୋଗୀ ସାହିତ୍ୟର ଆଦି ଓଙ୍କାର 'ମାଆ' ପାଟିରୁ ସ୍ୱତଃ ପରିସ୍ଫୁଟ ହୋଇଥାଏ। ଶିଶୁ ପାଇଁ ଦୁନିଆଁ ଦେଖିବାର ଓ ଚିହ୍ନିବାର ପ୍ରଥମ ଗବାକ୍ଷ ହେଉଛି ମାଆର ପଣତ କାନି। ବିଦ୍ୟାଳୟକୁ ଯିବା ପୂର୍ବରୁ ଶିଶୁଟିଏ ଗୀତ ଶୁଣିବା, ଗାଇବା ଏବଂ କାହାଣୀ ଶୁଣିବା, କହିବା ଓ ନିଜର କଳ୍ପନା ଶକ୍ତି ସାହାଯ୍ୟରେ ନୂଆ କାହାଣୀଟିଏ ତିଆରି କରିଦେବା ଇତ୍ୟାଦି ଶିଖି ସାରିଥାଏ। ବାସ୍ତବରେ ଶିଶୁ ଶିକ୍ଷାର ପ୍ରଥମ ପୁସ୍ତକ ହେଉଛି ତା'ର ଘର ଓ ପରିବାର। ମାଆ କୋଳ, ପରିବାର ଓ ଘର ଭିତରେ ଥାଇ ଖାଇବା, ଶୋଇବା ଓ ଅଝଟ ହେବା ସମୟରେ ସେ ମାଆ ଓ ପରିବା ସ୍ୱଜନଙ୍କ ମୁଖରୁ ଯେଉଁ ଗୀତ ଗପ ଗୁଡ଼ିକ ଶୁଣେ, ସେସବୁ ତା' ମନୋରାଜ୍ୟରେ ଗଭୀର ପ୍ରଭାବ ପକାଇଥାଏ। କ୍ରମଶଃ ତାର କଳ୍ପନା କରିବାର ଶକ୍ତି ବିକଶିତ ଓ ପ୍ରକାଶିତ ହୋଇଥାଏ। ହୃଦୟରେ କୋମଳ ଚେତନା ପ୍ରବାହ ଉଙ୍କିମାରେ। ପରବର୍ତ୍ତୀ ସମୟରେ ତା'ର ସାହିତ୍ୟ ପଢ଼ିବା, ବୁଝିବା ଓ ଲେଖିବା ପାଇଁ ଆଗ୍ରହ ଜନ୍ମେ। ସୁତରାଂ ଓଡ଼ିଆ ଶିଶୁ ସାହିତ୍ୟର ଆଦି ଉତ୍ସସ୍ଥଳୀ ହେଉଛି ମାଆ କଣ୍ଠରୁ ସ୍ୱତଃ ନିସୃତ ଆଦ୍ୟରୁ ଅଦ୍ୟାବିଧି କେବେ ହେଁ ପୁରାତନ ହେଉ ନଥିବା 'ନାନା ବାୟା ଗୀତ'। ଓଡ଼ିଆ ଲୋକ ସାହିତ୍ୟ ଅନ୍ତର୍ଗତ ଏହି ଗୀତଗୁଡ଼ିକ 'ଛୁଆ ଭୁଲାଣିଆ' ଗୀତ ନାମରେ ମଧପରିଚିତ।

- **ଓଡ଼ିଆ ଶିଶୁ ସାହିତ୍ୟର ଉନ୍ମେଷ ଓ ଭିତ୍ତିଭୂମି :**

ଓଡ଼ିଆ ଲୋକସାହିତ୍ୟର ମୌଖିକ ପରଂପରାରେ ପ୍ରଚଳିତ ମାଆ କଣ୍ଠର ସୁଲଳିତ ସ୍ୱର ଲହର ପୂର୍ଣ୍ଣ ଗୀତ ହିଁ ଶିଶୁ ସାହିତ୍ୟର ଆଦି ସର୍ଜନା ବୋଲି କୁହାଯାଇଥାଏ। ବାସ୍ତବରେ ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆରମ୍ଭ ପର୍ଯ୍ୟାୟ ହେଉଛି ଓଡ଼ିଆ ଶିଶୁ ସାହିତ୍ୟ ରଚନାର ଉନ୍ମେଷ କାଳ। ଭାରତରେ ଇଂରେଜ ଶାସନ ପ୍ରତିଷ୍ଠା ପରେ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ସାହିତ୍ୟ ଓ ଚିନ୍ତା ଚେତନାର ପ୍ରଚାର ପ୍ରସାର ଘଟିବା ଦ୍ୱାରା ଜନସାଧାରଣଙ୍କ ଚିନ୍ତାରାଜ୍ୟରେ ଅଭୁତପୂର୍ବ ପରିବର୍ତ୍ତନ ପରିଦୃଷ୍ଟ ହୋଇଥିଲା। ଆଧୁନିକ ଶିକ୍ଷାର ପ୍ରସାର ନିମନ୍ତେ ଦେଶର ଆଧୁନିକ ରୁଚି ସଂପନ୍ନ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ଓଡ଼ିଶାରେ ଇଂରାଜୀ ଶିକ୍ଷା ବିଦ୍ୟାଳୟ ସହିତ ଦେଶୀୟ ବା ଓଡ଼ିଶା ବିଦ୍ୟାଳୟର ଶୁଭାରମ୍ଭ ହେଲା ଏବଂ ଏହି ବିଦ୍ୟାଳୟଗୁଡ଼ିକ ପାଇଁ ପାଠ୍ୟ ପୁସ୍ତକ ପ୍ରଣୟନର ଆବଶ୍ୟକତା ଅନୁଭୂତ ହେଲା। ଏହି ସମୟରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଶିକ୍ଷା ଓ ପୁସ୍ତକ ରଚନା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କଲା। ୧୮୩୭ ମସିହାରେ ମିଶନାରୀମାନେ ଓଡ଼ିଶାରେ ପ୍ରଥମ ମୁଦ୍ରାଯନ୍ତ୍ର ସ୍ଥାପନ କରିଥିଲେ। ମାତ୍ର ଏହି

ପ୍ରେସ୍‌ରେ କେବଳ ଖ୍ରୀଷ୍ଟଧର୍ମ ସଂପର୍କୀୟ ପୁସ୍ତକ, ପତ୍ରପତ୍ରିକା, ବାଇବେଲର ଅନୁବାଦ ଆଦି ପ୍ରକାଶ ପାଉଥିଲା। ୧୮୬୭ରେ ଫକଟକ ପ୍ରିଣ୍ଟିଂ କମ୍ପାନୀ' ଓ ୧୮୭୮ରେ 'ପି.ଏମ୍.ସେନାପତି ଏଣ୍ଡ କୋ-ଉତ୍କଳ ପ୍ରେସ୍' ଫକୀର ମୋହନଙ୍କ ଉଦ୍ୟମରେ ବାଲେଶ୍ୱରଠାରେ ପ୍ରତିଷ୍ଠା ହୋଇ ଓଡ଼ିଆ ପାଠ୍ୟପୁସ୍ତକ, ପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶିତ ହେଉଥିଲା।

ବିଦ୍ୟାଳୟ ଶିକ୍ଷାର ପ୍ରାଥମିକ ପର୍ଯ୍ୟାୟରେ ବଙ୍ଗଳା ଭଷାରୁ ଓଡ଼ିଆ ଭାଷାକୁ ଅନୁଦିତ ହୋଇ ଶିକ୍ଷାଦାନ ପାଇଁ ପୁସ୍ତକମାନ ମୁଦ୍ରିତ ହେଉଥିଲା। ଆମସ୍ ସଟନ, ମିଷ୍ଟର ପେଗସ୍, ଡବ୍ଲୁ.ସି.ଲେସି ପ୍ରଭୃତି ମିଶନାରୀମାନଙ୍କ ଉଦ୍ୟମରେ ପିଲାମାନଙ୍କ ପାଇଁ ବହୁ ପାଠ୍ୟ ପୁସ୍ତକ ମୁଦ୍ରିତ ହୋଇଥିଲା। ଅନ୍ୟପକ୍ଷରେ ଆଧୁନିକ ବିଦ୍ୟାଳୟ-ଗୁଡ଼ିକରେ ନୂତନ ରୁଚିପୂର୍ଣ୍ଣ ପୁସ୍ତକ ପଢ଼ି ଆଧୁନିକ ଶିକ୍ଷା ଲାଭ କରିବା ଦ୍ୱାରା ଓଡ଼ିଶାରେ ଏକ ମଧ୍ୟବିତ୍ତ ଶିକ୍ଷିତ ଶ୍ରେଣୀର ଅଭ୍ୟୁଦୟ ଘଟିଥିଲା। ପରବର୍ତ୍ତୀ ସମୟରେ ସେହିମାନେ ହିଁ ନବରୁଚି ଘେନି ଆଧୁନିକ ଓଡ଼ିଆ ସାହିତ୍ୟର କଳା କୋଣାର୍କ ଗଢ଼ିଥିଲେ । ଏଇମାନେ ହିଁ ପ୍ରାୟ ସାମାଜିକ ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରିଥିଲେ, ଏହି ଶିକ୍ଷିତ ଶ୍ରେଣୀ ପାଠ୍ୟ ପୁସ୍ତକ ରଚନା ଦିଗରେ ମଧ୍ୟ ପ୍ରତ୍ୟକ୍ଷ ସହଯୋଗ କରିଥିଲେ। ୧୮୪୨ ମସିହା ପୂର୍ବରୁ ଓଡ଼ିଆ ଭାଷାରେ ଯେଉଁ ସବୁ ପାଠ୍ୟପୁସ୍ତକ ରଚିତ ହୋଇଥିଲା, ସେସବୁ ଛାତ୍ରମାନଙ୍କ ବୟସ, ଜ୍ଞାନ ଓ ମାନସିକତାକୁ ଲକ୍ଷ୍ୟ କରି ପ୍ରସ୍ତୁତ ହୋଇ ନଥିଲା, ତେଣୁ ଓଡ଼ିଶାର ଏହି ମଧ୍ୟବିତ୍ତ ଶିକ୍ଷିତ ଶ୍ରେଣୀ ପାଠ୍ୟପୁସ୍ତକ ରଚନା କ୍ଷେତ୍ରରେ ଛାତ୍ରମାନଙ୍କ ବୟସବସ୍ତୁରେ ନୂତନତ୍ୱ ଭରିଥିଲେ। ମିଶନାରୀମାନଙ୍କ ସମେତ ଓଡ଼ିଆ ଭାଷା ସାହିତ୍ୟପ୍ରତି ଶ୍ରଦ୍ଧାଶୀଳ ସ୍ରଷ୍ଟା ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, କପିଳେଶ୍ୱର ବିଦ୍ୟାଭୂଷଣ, ରଘୁନାଥ ମିଶ୍ର, ବନମାଳୀ ସିଂହ, ଘନଶ୍ୟାମ ମିଶ୍ର, ରାଧାନାଥ ରାୟ, ଫକୀର ମୋହନ ସେନାପତି, ମଧୁସୂଦନ ରାଓ ପ୍ରମୁଖ ଓଡ଼ିଆ ଭାଷା ସାହିତ୍ୟ ଆଗ୍ରହୀ ବିଦ୍ୱାନ୍‌ମାନେ ଶିଶୁମାନଙ୍କ ପଠନ ଉପଯୋଗୀ ପାଠ୍ୟପୁସ୍ତକ ରଚନା କରିଥିଲେ। ଏହି ପାଠ୍ୟପୁସ୍ତକଗୁଡ଼ିକ ଶିକ୍ଷକ, ଛାତ୍ର ଓ ଅଭିଭାବକମାନଙ୍କ ମନରେ, ସେତେବେଳେ ନୂତନ ରୁଚି, ନୂତନ ମୂଲ୍ୟବୋଧ ତଥା ଜୀବନବୋଧ ସୃଷ୍ଟି କରିବାରେ ସମର୍ଥ ହୋଇ ପାରିଥିଲା। ଏଣୁ ଆଧୁନିକ ଶିକ୍ଷାୟତନ ପରିସରରୁ ଓଡ଼ିଆ ଭାଷାରେ ରଚିତ ଶିଶୁ ଉପଯୋଗୀ ସାହିତ୍ୟର ଉନ୍ମେଷ ଘଟିଛି ଏବଂ ଶିଶୁ ଛାତ୍ର ନିମନ୍ତେ ପାଠ୍ୟପୁସ୍ତକ ରଚନା ଓ ମୁଦ୍ରଣ ହିଁ ଶିଶୁ ସାହିତ୍ୟ ସର୍ଜନାର ଭିତ୍ତିଭୂମି ବୋଲି ଗ୍ରହଣ କରାଯାଇପାରେ। ଶିଶୁମାନଙ୍କ ପାଇଁ ପାଠ୍ୟପୁସ୍ତକ ଭାବେ ବର୍ଣ୍ଣ ପରିଚୟ ଗ୍ରନ୍ଥ 'ବର୍ଣ୍ଣ ବୋଧକ', (୧୮୭୮), 'ବର୍ଣ୍ଣବୋଧ' (୧୮୯୨), 'ବାଳବୋଧ', 'ବାଲ୍ୟପାଠ', 'ଶିଶୁପାଠ', ଫକବିତାବଳୀ', 'ସାହିତ୍ୟକୁସୁମ', 'ଛାନ୍ଦମାଳ' ଆଦି ଗ୍ରନ୍ଥ ଖୁବ୍ ଆଦୃତି ଲାଭ କରିଥିଲା।

ବସ୍ତୁତଃ ଆଧୁନିକ ଶିକ୍ଷାର ବିସ୍ତାର, ନବ ରୁଚି ସଂପନ୍ନ ଶିକ୍ଷିତ ଶ୍ରେଣୀର ଅଭ୍ୟୁଦୟ ଏବଂ ପାଠ୍ୟପୁସ୍ତକ ରଚନା ପରି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିକାଶଶୀଳ ଧାରା ଆଧାରରେ ସୃଷ୍ଟି ହୋଇଛି ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟ।

## ୨.୫ ଓଡ଼ିଆ ଶିଶୁ ସାହିତ୍ୟର ବିକାଶଧାରା

ସମଗ୍ର ପୃଥିବୀରେ ଶିଶୁ ସାହିତ୍ୟର ଉତ୍ସ ଲୋକସାହିତ୍ୟର ମୌଖିକ ପରଂପରାରେ ସଂଜୀବିତ ଥିଲେ ହେଁ ପ୍ରକୃତପକ୍ଷେ ଏହାର ଉନ୍ମେଷ ଘଟିଛି ଆଧୁନିକ ସମୟ ଓ ମାନସଭୂମିରେ। ମୁଦ୍ରଣ ଶିଳ୍ପର ପ୍ରତିଷ୍ଠା ଓ ପ୍ରସାର ହେବା

ପରେ ପୃଥିବୀରେ ଶିଶୁ ସାହିତ୍ୟ ଏକ ସ୍ୱତନ୍ତ୍ର ଓ ସ୍ଥାୟୀ ରୂପ ପରିଗ୍ରହ ଲାଭ କଲା । ଏହା ମୂଳତଃ ପାଶ୍ଚାତ୍ୟ ସାହିତ୍ୟ ସଂଯୋଗର ଫଳଶ୍ରୁତି । ଶିଶୁ ସାହିତ୍ୟର କ୍ରମଧାରାରେ ଫ୍ରାନ୍ସର ଅବଦାନ ବିପୁଳ । ଫ୍ରାନ୍ସରୁ କ୍ରମେ ଇଂଲଣ୍ଡ ଓ ଇଉରୋପର ଅନ୍ୟାନ୍ୟ ଦେଶମାନଙ୍କୁ ଏହା ସଂପ୍ରସାରିତ ହୋଇଛି । ପରେ ପରେ ଭାରତରେ ଏହାର ଶୁଭାରମ୍ଭ ଘଟିଛି । ଅଷ୍ଟାଦଶ ଶତାବ୍ଦୀରେ ଇଂରେଜୀର ସମୃଦ୍ଧ ରୂପ ପରିଦୃଷ୍ଟ ହୋଇଥିଲା ମାତ୍ର ଭାରତୀୟ ଭାଷାର ଶିଶୁ ସାହିତ୍ୟ ବିଶେଷତଃ ଓଡ଼ିଆ ଶିଶୁ ସାହିତ୍ୟର ଗତିଧାରା ସଂପର୍କରେ ଆଲୋଚକ ଡକ୍ଟର ମହେଶ୍ୱର ମହାନ୍ତି ତାଙ୍କର "ସାଂପ୍ରତିକ କାଳର ଶିଶୁ ଓ ଶିଶୁ ସାହିତ୍ୟ" ରଚନାରେ ମତଦିଅନ୍ତି "ଆଜି ଯେଉଁ ଶିଶୁ ସାହିତ୍ୟ ସଂପର୍କରେ ଆଲୋଚନା, ସମାଲୋଚନା କରାଯାଉଛି, ତାହା ସଂପୂର୍ଣ୍ଣ ରୂପେ ଏକ ଅର୍ବାଚୀନ କଳା ଓ ମୁଦ୍ରାଯନ୍ତ୍ର ଯୁଗର ସୃଷ୍ଟି" । ଆଲୋଚକ ଡକ୍ଟର ପ୍ରସନ୍ନ କୁମାର ମିଶ୍ରଙ୍କ ମତରେ "ଓଡ଼ିଆ ଶିଶୁ ସାହିତ୍ୟ ଆଧୁନିକ କାଳର ସୃଷ୍ଟି । ମଧୁସୂଦନ ରାଓ ଏହି ସାହିତ୍ୟର ଆଦିକାଳର ସର୍ବ ପ୍ରଧାନ ସ୍ରଷ୍ଟା । ମୁଖ୍ୟତଃ ଶିଶୁଙ୍କୁ ବର୍ଣ୍ଣମାଳା ସହିତ ପରିଚିତ କରିବା ଲକ୍ଷ୍ୟରେ ସେ ଯେଉଁ ପଦ୍ୟମାନ ରଚନା କରିଥିଲେ, ସେଇ ସବୁ ହିଁ ଶିଶୁ ସାହିତ୍ୟର ପ୍ରାଥମିକ ପର୍ଯ୍ୟାୟର ନିଦର୍ଶନ" । ('ଓଡ଼ିଆ ଶିଶୁ ସହିତ୍ୟର କ୍ରମବିକାଶ', 'କୋଣାର୍କ', ୬୭ ତମ ସଂଖ୍ୟା ନିଦର୍ଶନ ୧୯୮୮, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର) ଶିଶୁ ସାହିତ୍ୟର ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତି କହନ୍ତି "ପ୍ରାଚୀନ ଓଡ଼ିଶାର ଶିକ୍ଷାୟତନରେ ପଠିତ ପାଠ୍ୟ ବିଷୟ ଓ ଆଧୁନିକ ଯୁଗର ପଠିତ ପାଠ୍ୟ ବିଷୟ ମଧ୍ୟଦେଇ ଓଡ଼ିଆ ଶିଶୁ ସାହିତ୍ୟ କ୍ରମେ ଉନ୍ମେଷିତ ରୂପ ନେଇଛି । ପ୍ରାକ୍ ଇଂରାଜୀ ଯୁଗରେ, ଓଡ଼ିଶାର ପିଲାମାନେ ଚାଟଶାଳୀରେ ଯେଉଁ 'କେଶବ କୋଇଲି', 'ଗୋପୀ ଭାଷା', ଫକମଳ ଲୋଚନ ଚଉତିଶା' ଆଦି ପାଠ କରୁଥିଲେ, ଏଣୁ ଶିଶୁ ଉପଯୋଗୀ ନୁହେଁ । ମାତ୍ର ତନ୍ମଧ୍ୟରେ ଥିବା ସ୍ୱର ଲହରୀ ପିଲାମାନଙ୍କୁ ଆକର୍ଷିତ କରୁଥିଲା । ଆଧୁନିକ ଶିକ୍ଷା ଦାନରେ ଯେଉଁ ପାଠ୍ୟ ପୁସ୍ତକମାନ ରଚନା କରାଗଲା, ପିଲାମାନଙ୍କ ପାଇଁ ଏହି ଯେଉଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲା, ତାହା ଓଡ଼ିଆ ଲିଖିତ ଶିଶୁ ସାହିତ୍ୟ ସୃଷ୍ଟି ଦିଗରେ ପ୍ରଥମ ପଦକ୍ଷେପ । ପିଲାର ବୟସ, ରୁଚି, ମାନସିକ ସ୍ତର, ଜ୍ଞାନ ଏବଂ ସର୍ବୋପରି ତାର ଦୃଷ୍ଟି କୋଣକୁ ଲକ୍ଷ୍ୟ ରଖି ଯେଉଁ ରଚନା କରିବାର ଉଦ୍ୟମ କରାଗଲା, ତାହାହିଁ ଓଡ଼ିଆ ଶିଶୁ ସାହିତ୍ୟ ରଚନାର ପ୍ରଭାତ ସମୟ" । ('ଶିଶୁ ସାହିତ୍ୟ କଅଣ ଓ କାହିଁକି'- ଗିରିଝର ପତ୍ରିକା, ନଭେମ୍ବର ୧୯୯୦) ''

ଓଡ଼ିଆ ଶିଶୁ ସହିତ୍ୟର ଗବେଷକ ଓ ଆଲୋଚକମାନଙ୍କ ମତାମତକୁଧ୍ୟନ ରଖି ବିଶ୍ଳେଷଣ କରାଗଲେ ଓଡ଼ିଆ ଶିଶୁ ସାହିତ୍ୟର ବିକାଶଧାରାକୁ ସମୟକ୍ରମେ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇପାରେ, ଯଥା :

(୧) ପ୍ରାଚୀନ କାଳରେ ଓଡ଼ିଆ ମୌଖିକ ଶିଶୁ ସାହିତ୍ୟ (ପ୍ରାଚୀନ ସମୟ)

(୨) ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ଉନ୍ମେଷ ସମୟ : ୧୮୬୭ ମସିହାରୁ ୧୯୦୦ ମସିହା)

(୩) ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ସମୟ (୧୯୦୧ ମସିହାରୁ ୧୯୨୦ ମସିହା)

(୪) ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ସମୟ (୧୯୨୧ ରୁ ୧୯୪୭ ମସିହା)

(୫) ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟ ସ୍ୱତନ୍ତ୍ର ବିଭାଗ ରୂପେ ମାନ୍ୟତା ପ୍ରାପ୍ତି ସମୟ (୧୯୪୭ ମସିହା ପରବର୍ତ୍ତୀ ସମୟ) ।

**(୧) ପ୍ରଚୀନ କାଳରେ ମୌଖିକ ଶିଶୁ ସାହିତ୍ୟ :** ପ୍ରାଚୀନ କାଳରେ ଓଡ଼ିଆ ଭାଷାରେ ମୌଖିକ ଶିଶୁ ସାହିତ୍ୟ ହେଉଛି ଆଧୁନିକ କାଳରେ ରଚିତ ଶିଶୁ ସାହିତ୍ୟର ପ୍ରାକ୍ ସ୍ୱରୂପ । ପରିବାର ମଧ୍ୟରେ ସାନ ସାନ ପିଲାମାନଙ୍କୁ ମାଆ, ଜେଜୀ ମାଆ, ଜେଜେ ବାପା, ଅଜା ଆଇ ବା ଅନ୍ୟ ସଂପର୍କୀୟମାନେ ଅବସ୍ଥାର ଚାହିଦାକ୍ରମେ ନାନା ବିଷୟକ ଗୀତ, ଗପ ବା କାହାଣୀ ଶୁଣାଇ ସେମାନଙ୍କ ଅଳି ଅଝଟପଣକୁ ଶାନ୍ତ କରିବା ସଙ୍ଗେ ସଙ୍ଗେ ମନୋରଂଜନ ମଧ୍ୟକରାଉଥିଲେ । ପିଲାମାନଙ୍କୁ ଭଲ ମଣିଷରୂପେ ଗଢ଼ିତୋଳିବା ପାଇଁ ରାମାୟଣ, ମହାଭାରତ, ଗୀତା ଇତ୍ୟାଦି ପୋଥିପୁରାଣ ଗ୍ରନ୍ଥ-ମାନଙ୍କୁ ନାନାହିତ କଥା ଓ ଶିକ୍ଷଣୀୟ ସବୁକୁ କାହାଣୀର ରୂପ ଦେଇ ସେମାନଙ୍କୁ ଶୁଣାଉଥିଲେ । ସେତେବେଳେ କାହାଣୀର କୌଣସି ଲିଖିତ ରୂପ ନ ଥିଲା । ଆଧୁନିକ କାଳରେ ଲୋକ ପରଂପରାରେ ପ୍ରଚଳିତ ରାଶିରାଶି ଶିଶୁ ଉପଯୋଗୀ ଗୀତ, କାହାଣୀମାନ ଲିଖିତ ହୋଇ ପୁସ୍ତକ ଓ ପତ୍ରପତ୍ରିକାର କଳେବର ମଣ୍ଡନ କରୁଛି ।

ପୂର୍ବେ ମୌଖିକ ଶିଶୁ ସାହିତ୍ୟ ପ୍ରସାର ସମୟ କାଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ପ୍ରାଚୀନ ଗୁରୁକୁଳାଶ୍ରମ ଓ ପରେ ଚାଟଶାଳୀ ଶିକ୍ଷା ପ୍ରଚଳିତ ଥିଲା । ଏହି ବିଦ୍ୟାନିକେତନରେ ଶିଷ୍ୟମାନଙ୍କୁ ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର', ନାରାୟଣଙ୍କ 'ହିତୋପଦେଶ' ଏବଂ ସୋମଦେବଙ୍କ ଫକଥା ସରିତ ସାଗର' ଇତ୍ୟାଦି ପୁସ୍ତକ ପଢ଼ାଯାଇ ସେଥିରେ ଥିବା ନୀତିକଥା ଓ ଶିକ୍ଷଣୀୟ କାହାଣୀ ଦ୍ୱାରା ସେମାନଙ୍କୁ ସୁମଣିଷ ଓ ସୁବିଦ୍ୟାବୁଦ୍ଧିସମ୍ପନ୍ନ କରିବାର ପ୍ରଚେଷ୍ଟା ରହିଥିଲା । ସେହିପରି ଚାଟଶାଳୀ ବ୍ୟବସ୍ଥାରେ ଅବଧାନ ଅର୍ଥାତ୍ ବିଦ୍ୟାଗୁରୁବୃନ୍ଦ ପିଲାମାନଙ୍କୁ ପ୍ରାଚୀନ ଓଡ଼ିଆ ସହିତ୍ୟରୁ ଛାନ୍ଦ ଚଉପଦୀ, ଚଉତିଶା, ଭାଗବତ, ରସକଲ୍ଲୋଳ, ବିଦଗ୍ଧ ଚିନ୍ତିମଣି, ଗୋପୀଭାଷା ମଥୁରାମଙ୍ଗଳ, କେଶବକୋଇଲି, ଦାଢ୍ୟତା ଭକ୍ତି, ଲକ୍ଷ୍ମୀ ପୁରାଣ ଇତ୍ୟାଦି କାବ୍ୟ କବିତାର କିଛି କିଛି ସ୍କନ୍ଧ ଶ୍ରେଣୀ କକ୍ଷରେ ପଢ଼ାଉଥିଲେ । ଯଦିଓ ପିଲାମାନଙ୍କ ପାଖରେ ପଠିତ ଏହି ବିଷୟଗୁଡ଼ିକ ବୁଝିବା ସମ୍ଭବ ହେଉ ନ ଥିଲା ; ତେବେ ଏଥିରେ ଥିବା ଛନ୍ଦ, ସ୍ୱର, ଲୟ ସହିତ ଗାନଯୋଗ୍ୟ ପ୍ରକାଶଭଙ୍ଗୀ ସେମାନଙ୍କୁ ଆକର୍ଷିତ ଓ ଆନନ୍ଦିତ କରୁଥିଲା । ଏହା ହିଁ ପିଲାମାନଙ୍କୁ ସାହିତ୍ୟ ପଠନ ପାଇଁ ଆଗ୍ରହୀ ହେବାର କ୍ଷେତ୍ର ପ୍ରସ୍ତୁତ କରିଥିଲା ।

**(୨) ଆଧୁନିକ ଶିଶୁ ସାହିତ୍ୟର ଉନ୍ମେଷ ସମୟ:** ୧୯୬୭ ମସିହାରୁ ୧୯୦୦ ମସିହା ମଧ୍ୟରେ ପାଶ୍ଚାତ୍ୟ ଶିକ୍ଷାର ପରିବର୍ତ୍ତନ, ଇଂରେଜମାନଙ୍କ ଦ୍ୱାରା ନବରୁଚିପୂର୍ଣ୍ଣ ସ୍କୁଲ କଲେଜର ପ୍ରତିଷ୍ଠା, ମୁଦ୍ରଣ ଯନ୍ତ୍ରର ପ୍ରସାର ଏବଂ ମିଶ୍ନାରୀ ତଥା ନବଶିକ୍ଷିତ ଓଡ଼ିଆ ଭାଷା-ସାହିତ୍ୟପ୍ରେମୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପାଠ୍ୟପୁସ୍ତକମାନ ରଚନାର ଆୟମାରମ୍ଭ ଇତ୍ୟାଦି ଘଟଣାକ୍ରମେ ଓଡ଼ିଆ ଶିଶୁ ସାହିତ୍ୟର ନୂତନ ରୂପରେଖ ଅଙ୍କନ କରିଥିଲା । ଏହି ସମୟ ମଧ୍ୟରେ ଶିଶୁମାନଙ୍କ ଉପଲକ୍ଷେ କବି ମଧୁସୂଦନ ରାଓଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ଏକ ସଂପୂର୍ଣ୍ଣ ନୂତନ ପରଂପରା ସୃଷ୍ଟି କଲା । ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ସୃଷ୍ଟିର ଆବଶ୍ୟକତା ରହିଥିବା କଥା କବି ମଧୁସୂଦନଙ୍କ ସୃଷ୍ଟିସାଧନାରୁ ଅନୁଭୂତ ହେଲା । ସେ ହେଲେ ଆଧୁନିକ କାଳର ଶିଶୁ ଉପଯୋଗୀ ରଚିତ ସାହିତ୍ୟ ସୃଷ୍ଟି ଦିଗରେ ପ୍ରେରଣାର ଉତ୍ସ । ତାଙ୍କୁ କେହି କେହି ଆଲୋଚକ ରଚିତ ଶିଶୁ ସାହିତ୍ୟର ଜନକ ବୋଲି ଗ୍ରହଣ କରିଥାନ୍ତି । ତାଙ୍କ ରଚିତ ପାଠ୍ୟପୁସ୍ତକ ମାଧ୍ୟମରେ ପିଲାମାନେ

ଜାତୀୟ ପରଂପରା ସହିତ ସାହିତ୍ୟର ରୁଚିପୂର୍ଣ୍ଣ ସଂବେଗ ପ୍ରତି ସ୍ୱତଃ ଆକର୍ଷିତ ହୋଇଥାନ୍ତି । ପିଲାମାନଙ୍କର ସାଧୁତା ଓ ସତ୍‌ପଥ ଅନୁସରଣ ପୂର୍ବକ ଜୀବନଯାତ୍ରା ପାଇଁ ତାଙ୍କ ଶିଶୁ ଉପଯୋଗୀ ପୁସ୍ତକଗୁଡ଼ିକ ଏକ ଏକ ଆଲୋକ ବର୍ତ୍ତିକା ସଦୃଶ । ତାଙ୍କ ଲେଖନୀରୁ ସ୍ୱତଃ ପ୍ରକାଶିତ

"ବାଳକେ ମୋର ବୋଲ କର
ସତ୍ୟ ପାଳିବ ନିରନ୍ତର"
କିମ୍ବା
"ମଧୁର ବିନୟ ବଚନ
କହି ତୋଷିବ ଜନ ମନ"

ଇତ୍ୟାଦି ପଦମାନ ଶିଶୁ ମନକୁ କେବଳ ସ୍ପର୍ଶ କରେ ନାହିଁ ବରଂ ସତ୍ୟ, ଧର୍ମ, ବିନୟ ଓ ମଧୁର ଗୁଣାବଳୀରେ ଭୂଷିତ ହୋଇ ରହିବା ପାଇଁ ପ୍ରେରଣା ପ୍ରଦାନ କରିଥାଏ ।

ଏହି ସମୟଖଣ୍ଡରେ କବି ରାଧାନାଥ ରାୟ ଓ କବି ମଧୁସୂଦନ ରାଓଙ୍କ ମିଳିତ ଉଦ୍ୟମରେ ପ୍ରଥମେ ପିଲାଙ୍କ ପାଇଁ 'ପ୍ରଥମ ପାଠ' ପୁସ୍ତକ ପ୍ରକାଶିତ ହୋଇଥିଲା । ପରେ ୧୮୮୧ ମସିହାରେ 'ଛାନ୍ଦମାଳା' (ପ୍ରଥମ ଭାଗ), ୧୮୯୫ ମସିହାରେ 'ବର୍ଣ୍ଣବୋଧ' ପୁସ୍ତକ ଏବଂ ୧୮୯୪ ମସିହାରେ ଫକୀର ମୋହନ ସେନାପତିଙ୍କ 'ପୁଷ୍ପମାଳା' ଆଦି ସୃଷ୍ଟି ସମ୍ପଦରେ ଓଡ଼ିଆ ଶିଶୁ ସାହିତ୍ୟର ଏକ ନବରୁଚି ଯୁକ୍ତି ସର୍ଜନଶୀଳ ଢେଉ ପରିଲକ୍ଷିତ ହେଉଥିଲା । ତେବେ ବିଂଶ ଶତାବ୍ଦୀର ପ୍ରଥମ ଦଶକ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଉଚ୍ଚ ମାନର ଶିଶୁ ସାହିତ୍ୟ ସୃଷ୍ଟି ହୋଇ ନ ଥିଲା । କବି ମଧୁସୂଦନ ରାଓଙ୍କ ରଚିତ ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ ଶିଶୁ ଉପଯୋଗୀ ରଚନାବଳୀ ଶିଶୁ ସାହିତ୍ୟ ରୂପେ ଗୃହୀତ ହୋଇଥିଲା ।

**(୩) ଆଧୁନିକ ଶିଶୁ ସାହିତ୍ୟର ପ୍ରାଣ ପ୍ରତିଷ୍ଠାର ସମୟ : ୧୯୦୦ ମସିହାରୁ ୧୯୨୦ ମସିହାମଧ୍ୟରେ** ଓଡ଼ିଶା ଶିଶୁ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ଓ ବିକାଶ ସାଧନ ନିମନ୍ତେ ଯେଉଁ ସାହିତ୍ୟିକମାନେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଥିଲେ ସେମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ନାମ ସ୍ମରଣୀୟ । ଓଡ଼ିଆ ଲୋକପ୍ରିୟ ସାଧାକ ଗୋପାଳ ଚନ୍ଦ୍ର ପ୍ରହରାଜ ପୂର୍ବେ ପ୍ରଚଳିତ ମୌଖିକ ପରଂପରାରୁ ଲୋକକଥା ସଂଗ୍ରହ କରି ତାହାର ଲିଖିତ ରୂପ ୧୯୦୬ ମସିହା ମଧ୍ୟରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ କରିଥିଲେ, ପରବର୍ତ୍ତୀ ସମୟରେ 'ଉତ୍କଳ କାହାଣୀ' (ପ୍ରଥମ ଓ ଦ୍ୱିତୀୟ ଭାଗ) ଶୀର୍ଷକରେ ସେହି କଥାଗୁଡ଼ିକୁ ପୁସ୍ତକରେ ରୂପ ଦେଇଥିଲେ । ଉତ୍କଳ କାହାଣୀରେ ସନ୍ନିବେଶିତ କଥାଗୁଡ଼ିକ ଶିଶୁମାନଙ୍କ ପାଇଁ ବେଶ୍ ରୋଚକ ଥିଲା । ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ଧୋ ରେ ବାୟା ଧୋ' ଗୀତଗୁଚ୍ଛ ଶିଶୁ ଉପଯୋଗୀ ବହୁ ଆଦୃତ ସୃଷ୍ଟି ସଂପଦ । ସେହିପରି ପଲ୍ଲୀକବି ନନ୍ଦକିଶୋର ବଳ ସାଧାରଣ ଲୋକାନୁଭବରେ ଥିବା ବିଷୟବସ୍ତୁକୁ ନେଇ ୧୯୧୫ ମସିହାରେ ପ୍ରକାଶ କଲେ ତାଙ୍କ ରଚିତ 'ନାନାବାୟା ଗୀତ'ର ପ୍ରଥମ ଓ ଦ୍ୱିତୀୟ ଭାଗ । ଏଥିରେ ସନ୍ନିବେଶିତ ଗୀତଗୁଡ଼ିକରେ ଓଡ଼ିଶାର ଲୋକ ମୁଖରେ ପ୍ରଚଳିତ

ଗୀତ ଓ କଥିତ ଭାଷାର ସରଳ ପ୍ରକାଶ ଘଟିବା ସହିତ ଶିଶୁମାନଙ୍କ ପାଇଁ ଉତ୍ସାହ, ଜ୍ଞାନ ତଥା ମନୋରଂଜନର ଉପାଦାନ ଭରି ରହିଥିଲା। ତାଙ୍କ 'ନାନା ବାୟାଗୀତ' ଗ୍ରନ୍ଥରେ 'ଚୁଟିଆ ମୂଷା', 'ବିଲୁଆନନା', 'ଡାମରାକାଉ', 'ପାରାଯୋଡ଼ିକ' ଆଦି କବିତା ଅଲିଖିତ ଶିଶୁଗୀତ ଅବଲମ୍ବନରେ ରଚିତ ହେଲେ ମଧକବିଙ୍କ ଲେଖନୀରେ ତାହା ନୂତନ ପରିପାଟୀ ପ୍ରାପ୍ତ ହୋଇଛି। ଶିଶୁ ଉପଯୋଗୀ ସରଳ ଧ୍ୱନ୍ୟାତ୍ମକ ଶବ୍ଦ, ଭାଷା ଓ ପଦର ମର୍ମସ୍ପର୍ଶୀ ଅଭିବ୍ୟକ୍ତି ହେଉଛି ଏହି କବିତା ଗୁଡ଼ିକ। ଉଦାହରଣ ସ୍ୱରୂପ ଗୋଟିଏ, ଦୁଇଟି ପଦ ଏଠାରେ ଉଲ୍ଲେଖ କରାଯାଇପାରେ ଯଥା : 'ଚୁଟିଆ ମୂଷା' କବିତାରେ

"ଅମାରେ ଯେତକ ଧାନ ତୁ ଖାଉ
ଚାଉଳ ହାଣ୍ଡିରୁ ଚାଉଳ ନେଉ
ରାତିରେ ବାହାରି ରୁଟୁ ରୁଟୁ
କଖାରୁ ଗଛଟି ମୂଳରୁ କାଟୁ"
କମ୍ବା
"ଡାମରା କାଉରେ ଡାମରା କାଉ
ଜାଡ଼ରେ 'ଙ୍ଗୁଳା କେମିତି ଶୋଉ"। (ଫକାଉ ବା ବିଳାକା')

କିମ୍ବା ତାଳଗଛରୁ ବାୟା ଚଢ଼େଇର ବସା ବର୍ଷା ସମୟରେ ବାଆ (ପବନ) ଦୋହଲୁଥିଲେ ମଧସେଥିରେ ବର୍ଷା ପାଣି ପଶି ପାରି ନଥାଏ। ଏହାକୁ ଲକ୍ଷ୍ୟ କରି କବି ଲଖନୀରେ ପ୍ରକାଶିତ ହୋଇଛି :

"ତୋ ବସା ବାଇଆ          ଉଚ୍ଚ ତାଳଗଛେ
ବାଆ କଲେ ଦୋହଲାଇ
ଘୋର ବରଷାରେ          ତୋ ବସା ଭିତରେ
ପାଣି ପଶି ନ ପାରଇ"।

ଅସାଧାରଣ ପ୍ରତିଭାସଂପନ୍ନ କବି ନନ୍ଦ କିଶୋରଙ୍କ ସୃଷ୍ଟି ସଂପଦ ଶିଶୁମାନଙ୍କ ଜ୍ଞାନ ଆହରଣ, ନୀତିଶିକ୍ଷା, ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ଓ ମନୋରଂଜନ ନିମନ୍ତେ ଅତ୍ୟନ୍ତ ଉପାଦେୟ। ବାସ୍ତବରେ କବି ନନ୍ଦକିଶୋରଙ୍କ ଲେଖନୀ ସ୍ପର୍ଶରେ ହିଁ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ହୋଇପରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ଓଡ଼ିଆ ଶିଶୁ ସାହିତ୍ୟକୁ ଏକ ସ୍ୱତନ୍ତ୍ର ପ୍ରତିଷ୍ଠା ପ୍ରଦାନ କରିଛନ୍ତି।

ଏତଦ୍‌ବ୍ୟତୀତ ୧୯୦୦ ମସିହାରୁ ୧୯୨୦ ମସିହା ମଧରେ କବି ଚନ୍ଦ୍ରମୋହନ ମହାରଣା, କବିଶେଖର ଚିନ୍ତାମଣି ମହାନ୍ତି, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ପ୍ରଭୃତି ଓଡ଼ିଆ ଶିଶୁ ସାହିତ୍ୟ ରଚନାରେ ମନୋନିବେଶ କରି ଆଧୁନିକ ଶିଶୁ ସାହିତ୍ୟର ପ୍ରାଣ ପ୍ରବହାକୁ ଅଧିକ ବେଗବାନ୍ କରିବାରେ ସହାୟକ ହୋଇଛନ୍ତି।

ଓଡ଼ିଆ ଶିଶୁ ସାହିତ୍ୟର ରୂପ ସଂପଦକୁ ଅଧିକ ସୁଶୋଭିତ କରିବାରେ ସତ୍ୟବାଦୀ ସାହିତ୍ୟ ସାଧକ ମାନଙ୍କର ଅବଦାନ ଯଥେଷ୍ଟ। ପଣ୍ଡିତ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ ଏବଂ ଗୋଦାବରୀଶ ମିଶ୍ର ପ୍ରଭୃତିଙ୍କ ଲେଖନୀର ଆଭିମୁଖ୍ୟ ଜାତୀୟତା, ସମାଜ ସଂସ୍କାର ଓ ଜନସେବା ଭଳି ମହତ୍ ଆକାଂକ୍ଷା ଥିଲା। ଶିଶୁମାନଙ୍କ ମନରେ ଜାତି ତଥା ଦେଶ ପ୍ରୀତି ଜାଗ୍ରତ କରିବା ଓ ସେମାନଙ୍କ ଜୀବନକୁ ସୁଂସହତ, ଆଦର୍ଶମୟ କରି ଗଢ଼ି ତୋଳିବା ଲକ୍ଷ୍ୟରେ ଶିଶୁ ଉପଯୋଗୀ କାବ୍ୟ କବିତା ଓ ପ୍ରବନ୍ଧମାନ ରଚନାରେ ସେମାନେ ବ୍ରତୀ ଥିଲେ। ଶିଶୁ ମନସ୍ତତ୍ତ୍ୱ ଅନୁଧ୍ୟାନ ପୂର୍ବକ ସେମାନଙ୍କ ମନ, ମସ୍ତିଷ୍କ ଓ ହୃଦୟରେ ଦେଶ ପ୍ରୀତିର ଉଚ୍ଚ ଆକାଂକ୍ଷା ଉଦ୍ରେକ ନିମିତ୍ତ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ପିଲାଙ୍କ ଗୀତ', 'ପିଲାଙ୍କ ରାମାୟଣ', 'ପିଲାଙ୍କ ଭାଗବତ', 'ପିଲାଙ୍କ ମହାଭାରତ' ଆଦି ଶିଶୁ ମର୍ମସ୍ପର୍ଶୀ ରଚନାଗୁଡ଼ିକର ଅତ୍ୟନ୍ତ ଉପାଦେୟତା ରହିଛି। ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ଧର୍ମପଦ' କାବ୍ୟଟିରେ ବାର ବର୍ଷ ବୟସର ବାଳକ ଧର୍ମପଦ ବାରଶହ ବଢେଇଙ୍କ ଜୀବନରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିବାର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇଥାନ୍ତି ପିଲାମାନେ। ପଣ୍ଡିତ ଗୋଦାବରୀଶ ମିଶ୍ର ଶିଶୁମାନଙ୍କ ପାଇଁ ପାଠ୍ୟ ପୁସ୍ତକ ରଚନା କରିବା ସହିତ ଶିଶୁ ମନ ଲାଖି ଗୀତ କବିତା ଓ ଗାଥା କବିତା ଲେଖି ଶିଶୁ ସାହିତ୍ୟ ସମୃଦ୍ଧି ପଥରେ ନିଜ ପଦଚିହ୍ନ ରଖିଯାଇଛନ୍ତି।

**(୪) ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ସମୟ** : (୧୯୨୧ ମସିହାରୁ ୧୯୪୭ ମସିହା) : ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ଧାରାକୁ ଅପ୍ରତିହତ ରଖିବା ପାଇଁ ୧୯୨୧ ମସିହାରୁ ୧୯୪୭ ପର୍ଯ୍ୟନ୍ତ ଯେଉଁ ସାହିତ୍ୟ ସ୍ରଷ୍ଟାଗଣ ଲେଖନୀ ଚାଳନା କରିଥିଲେ ସେମାନେ ହେଲେ କୁଞ୍ଜ ବିହାରୀ ଦାଶ, ଗୋଦାବରୀଶ ମହାପାତ୍ର, ଚକ୍ରଧର ମହାପାତ୍ର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉଦୟନାଥ ଷଡ଼ଙ୍ଗୀ, ରାମକୃଷ୍ଣ ନନ୍ଦ, ଉପେନ୍ଦ୍ର ତ୍ରିପାଠୀ, ରାମପ୍ରସାଦ ମହାନ୍ତି, ଅନନ୍ତ ପ୍ରସାଦ ପଣ୍ଡା, ଜଗନ୍ନାଥ ମହାପାତ୍ର, ଚିନ୍ତାମଣି ଆଚାର୍ଯ୍ୟ, ଚିନ୍ତାମଣି ରଥ, ବାଳକୃଷ୍ଣ କର, ବାଂଛାନିଧି ମହାନ୍ତି, ବାଳକୃଷ୍ଣ ପଟ୍ଟନାୟକ, ଭିକାରୀଚରଣ ପଟ୍ଟନାୟକ, ରାଜକିଶୋର ରାୟ, ରାଧାମୋହନ ଗଡ଼ନାୟକ, ହରିଶ୍ଚନ୍ଦ୍ର ବଡ଼ାଳ, ହରିହର ରଥ, ହରେକୃଷ୍ଣ ଦାସ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ।

ଏହି ସୂଚିତ ସମୟସୀମା ମଧ୍ୟରେ ଶିଶୁ ସାହିତ୍ୟ ପାଠ୍ୟ ପୁସ୍ତକର ପୃଷ୍ଠା ଭିତରେ କେବଳ ଆବଦ୍ଧ ହୋଇ ରହିନାହିଁ। ଶିଶୁର ଜିଜ୍ଞାସୁ ସନ୍ତୋଷ ଓ ଆନନ୍ଦ ପ୍ରଦାନ କରିବା ସହ ନୂତନ ଆଲୋକର ସଂଧାନ କରିବା ପାଇଁ ଏହି ସମୟର ସାହିତ୍ୟ ସାଧକମାନେ ନବ ଉଦ୍ଦୀପନା ସୃଷ୍ଟି କରିଥିଲେ।

## ୨.୬ ଓଡ଼ିଆ ଶିଶୁ ସାହିତ୍ୟର ପ୍ରକାରଭେଦ

ଆଧୁନିକ ଶିକ୍ଷା, ସଭ୍ୟତା, ଜ୍ଞାନ, ବିଜ୍ଞାନର ନବ ନବ ଉଦ୍ଭାବନ ଓ ଆବିଷ୍କାର ଓ ଟେକ୍ନୋଲୋଜିର ବହୁଳ ପ୍ରସାର ଯୋଗୁ ଓଡ଼ିଆ ଶିଶୁ ସାହିତ୍ୟର ବ୍ୟାପ୍ତି ଓ ବିସ୍ତୃତି ଘଟିଛି। ଓଡ଼ିଆ ଶିଶୁ ସାହିତ୍ୟ ବିଦ୍ୟାଳୟର ପାଠ୍ୟ ପୁସ୍ତକ ଦେହଳୀରେ ଆବଦ୍ଧ ନ ରହି ଏକ ମୁକ୍ତ ବାତାବରଣ ଲାଭ କରିଛି। ନାନା ନୂତନ ବିଭାଗରେ ବିଭକ୍ତ ହୋଇ ନିଜର ସ୍ୱତନ୍ତ୍ର ସତ୍ତା ବଜାୟ ରଖିବାର ପ୍ରଚେଷ୍ଟା କରିଛି। ସେହି ପ୍ରଚେଷ୍ଟାର ଫଳଶ୍ରୁତି ହେଉଛି ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ବହୁବର୍ଣ୍ଣିଳ କଳେବର ପରିସର। ତେଣୁ ମୂଲ୍ୟାୟନ ପାଇଁ ତାହାର ପ୍ରକାରଭେଦ ସମ୍ପର୍କରେ ଆଲୋକପାତ କରିବାର ଆବଶ୍ୟକତା ରହିଛି।

ପ୍ରାଚୀନ କାଳରୁ ଅଦ୍ୟାବଧି ଓଡ଼ିଆ ଶିଶୁ ସାହିତ୍ୟର ବୈଚିତ୍ର୍ୟପୂର୍ଣ୍ଣ ଭାବ ସମ୍ପଦ ଓ ଶିଳ୍ପରୀତି ଆଲୋଚନାରେ ତାହା 'ପ୍ରକାରଭେଦ' ନିମ୍ନମତେ କରାଯାଇପାରେ।

ଓଡ଼ିଆ ଶିଶୁ ସାହିତ୍ୟରେ ମୁଖ୍ୟତଃ ଦୁଇପ୍ରକାର ସୃଷ୍ଟି ସମ୍ପଦ ଦୃଷ୍ଟିଗୋଚର ହୁଏ। ପ୍ରଥମତଃ ମୌଖିକ ଶିଶୁ ସାହିତ୍ୟ। ଦ୍ୱିତୀୟତଃ ଲିଖିତ ଶିଶୁ ସାହିତ୍ୟ। ପୁନଶ୍ଚ ଏହି ଦୁଇ ସୃଷ୍ଟି ସମୂହକୁ ବିଭିନ୍ନ ପ୍ରକାରର ରୂପ ଦେଇ ବିଭାଗୀକରଣ କରାଯାଇଥାଏ। ଯଥା :

(୧) ମୌଖିକ ଶିଶୁ ସାହିତ୍ୟ : ଓଡ଼ିଆ ଶିଶୁ ସାହିତ୍ୟର ଆଦିରୂପ ଓଡ଼ିଶା ମୌଖିକ ପରମ୍ପରାରେ ସଂଜୀବିତ ଥିବାରୁ ଏହାକୁ ତିନିପ୍ରକାରରେ ଆଲୋଚନା କରାଯାଇପାରେ।

(କ) ମୌଖିକ ଶିଶୁ ଗୀତ। ଏହା ପୁଣି ଦୁଇ ପ୍ରକାର ଯଥା ଶିଶୁମାନଙ୍କ ପାଇଁ ବୋଲା ଯାଉଥିବା ଗୀତ ଏବଂ ଶିଶୁମାନେ ବୋଲୁଥିବା ଗୀତ।



(ଖ) ମୌଖିକ ଶିଶୁ କାହାଣୀ। ଏହା ମଧ୍ୟଦୁଇ ଭାଗରେ ବିଭକ୍ତ । ଶିଶୁମାନଙ୍କୁ କୁହାଯାଉଥିବା କାହାଣୀ ଏବଂ ଶିଶୁମାନେ କହୁଥିବା କାହାଣୀ।

(ଗ) ମୌଖିକ ଶିଶୁ ଲୋକବାଣୀ। ଶିଶୁମାନଙ୍କ ଉପଲକ୍ଷେ ଲୋକବାଣୀ ଓ ଶିଶୁ ନିଜେ କହୁଥିବା ଲୋକବାଣୀ। ତେବେ ଗୀତ ଓ କାହାଣୀ ପରି ଏହି ବିଭାଗଟି ଶିଶୁ ସାହିତ୍ୟର ଅନ୍ତର୍ଭୁକ୍ତ ନୁହେଁ।

(୨) ଲିଖିତ ବା ରଚିତ ଶିଶୁ ସାହିତ୍ୟ ବିଭାଗଟି ପୁନଶ୍ଚ ସାତ ଭାଗରେ ବିଭକ୍ତ କରାଯାଇଥାଏ। ଯଥା:

(କ) ଶିଶୁ କବିତା ଗୀତିକା

(ଖ) ଶିଶୁ ଗଳ୍ପ

(ଗ) ଶିଶୁ ଉପନ୍ୟାସ

(ଘ) ଶିଶୁ ନାଟକ ଓ ଏକାଙ୍କିକା

(ଙ) ଶିଶୁ ପ୍ରବନ୍ଧ ଓ ଆଲୋଚନା

(ଚ) ଶିଶୁ ଜୀବନୀ ଓ ଆତ୍ମଜୀବନୀ

(ଛ) ଶିଶୁ ଭ୍ରମଣ ସାହିତ୍ୟ।

ପୁନଶ୍ଚ ବିଷୟବସ୍ତୁ ଦୃଷ୍ଟିରୁ ଶିଶୁ ସାହିତ୍ୟର ଲିଖିତ ଏହି ସାତ ପ୍ରକାର ରଚନାକୁ ପୌରାଣିକ, ଐତିହାସିକ, ସାମାଜିକ, ମନସ୍ତାତ୍ତ୍ୱିକ, ବିଜ୍ଞାନ ଭିତ୍ତିକ ଇତ୍ୟାଦି ନାନା ପ୍ରକାରେ ଆଲୋଚନା କରାଯାଇପାରେ।

ବାସ୍ତବରେ ଓଡ଼ିଆ ଶିଶୁ ସାହିତ୍ୟର ସକଳ ବିଭାଗ ସର୍ବାନ୍ତଙ୍କର ଶିଶୁର ଚିତ୍ତ ଉଲ୍ଲାସକ ଓ ମାନସିକ ବିକାଶ ଦିଗରେ ଯଥେଷ୍ଟ ଆଶା ସଞ୍ଚାର କରିଆସିଛି। ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦିଏ ନାହିଁ ବା ମନୋରଂଜନ କରେ ନାହିଁ, ବରଂ ପିଲାଙ୍କ ଭିତରେ ଆତ୍ମବିଶ୍ୱାସ, ଗତିଶୀଳତା ଓ ସୃଜନଶୀଳ ଭାବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଉତ୍ତମ ମଣିଷ କରି ଗଢ଼ିତୋଳିବାର ଗୁରୁଦାୟିତ୍ୱ ବହନ କରିଥାଏ।

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

(୧) ଓଡ଼ିଆ ଶିଶୁ ସାହିତ୍ୟର ଉତ୍ସ, ଉନ୍ମେଷ ଓ ଭିତ୍ତିଭୂମି ସଂପର୍କରେ ଆଲୋଚନା କର ?

(୨) ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଶିଶୁ ସାହିତ୍ୟର ବିକାଶଧାରା ସଂପର୍କରେ ଆଲୋଚନା କର ?

(୩) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଶିଶୁ ସାହିତ୍ୟର ବିକାଶକ୍ରମ ବିଶ୍ଳେଷଣ କର।

(୪) ଓଡ଼ିଆ ଶିଶୁ ସାହିତ୍ୟର ପ୍ରକାର ଭେଦ ସଂପର୍କରେ ନିଜସ୍ୱ ମତାମତ ପ୍ରଦାନ କର।

### (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

(୧) ଶିଶୁ ସାହିତ୍ୟର ସଂଜ୍ଞା କ'ଣ ?

(୨) ଲିଖିତ ଶିଶୁ ସାହିତ୍ୟର ସୃଷ୍ଟି କେବେ ଓ କେଉଁ ପୃଷ୍ଠଭୂମିରେ ହୋଇଥିଲା ?

(୩) ପ୍ରାଚୀନ ଗୁରୁକୁଳାଶ୍ରମ ଓ ଚାଟଶାଳୀ ଶିକ୍ଷା ବ୍ୟବସ୍ଥାରେ କେଉଁ କେଉଁ ଗ୍ରନ୍ଥ ଶିଷ୍ୟମାନେ ଅଧ୍ୟୟନ କରୁଥିଲେ ?

(୪) ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ଧାରାକୁ କେତୋଟି ଭାଗରେ ବିଭକ୍ତ କରାଯାଇଥାଏ ?

(୫) ଓଡ଼ିଆ ଶିଶୁ ସାହିତ୍ୟର ଜନକ ବୋଲି କାହାଙ୍କୁ କୁହାଯାଏ ?

(୬) ଓଡ଼ିଆ ଶିଶୁ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ରୂପେ କିଏ ପରିଚିତ ?

## ୨.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଶିଶୁ ସାହିତ୍ୟ ଉନ୍ମେଷ ଓ ବିକାଶ: ଡଃ ମନୀନ୍ଦ୍ର ମହାନ୍ତି, ୧୯୯୨, ପ୍ରକାଶନ: ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ୨୯୩୫, ଗୌରୀ ନଗର, ଭୁବନେଶ୍ୱର-୭୫୧୦୦୨
- ଓଡ଼ିଆ ଲୋକଗୀତ ଓ କାହାଣୀ : କୁଞ୍ଜ ବିହାରୀ ଦାଶ, ୧୯୫୮ ଓଡ଼ିଆ ଗବେଷଣା ବିହାର, ବିଶ୍ୱଭାରତୀ
- ଓଡ଼ିଆ ସାହିତ୍ୟର ଇତିହାସ : ନଟବର ସାମନ୍ତରାୟ ୧୯୬୪, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨
- ଓଡ଼ିଆ ଶିଶୁ ସାହିତ୍ୟର ପରଂପରା - ପଣ୍ଡିତ ଉପେନ୍ଦ୍ର ଗ୍ରନ୍ଥାବଳୀ,ଜେ. ମହାପାତ୍ର ଏଣ୍ଡ କୋ -୧୯୬୯

# ତୃତୀୟ ଏକକ : ଓଡ଼ିଆ ଶିଶୁ ସାହିତ୍ୟର ଭାବ ଐଶ୍ୱର୍ଯ୍ୟ ଓ ରୂପ ବୈଭବ

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ଓଡ଼ିଆ ମୌଖିକ ଶିଶୁ ସାହିତ୍ୟର ଭାବ ଐଶ୍ୱର୍ଯ୍ୟ

୩.୫ ଓଡ଼ିଆ ଲିଖିତ ଶିଶୁ ସାହିତ୍ୟର ଭାବ ଐଶ୍ୱର୍ଯ୍ୟ

୩.୬ ଓଡ଼ିଆ ଶିଶୁ ସାହିତ୍ୟର ଆଙ୍ଗିକ ବୈଭବ

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୮ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ପୃଥିବୀରେ ସୂର୍ଯ୍ୟ, ଚନ୍ଦ୍ର, ପାଣି, ପବନ ଓ ମାନବ ତୁଲ୍ୟ ଶିଶୁର ନିଜସ୍ୱ ଅସ୍ତିତ୍ୱ ରହିଛି। ଏହି ସତ୍ୟର ଅଭିବ୍ୟକ୍ତି ଘଟେ ସାହିତ୍ୟରେ। ଶିଶୁର ମନ ଅଲେଖା ସ୍ଲେଟ ବା କାଗଜ ପରି। ପ୍ରଥମେ ସେ ଯାହା ଦେଖେ, ଶୁଣେ, ବୁଝେ; ତାହା ସେଥିରେ ଲିପିବଦ୍ଧ ହୋଇରହେ ଏବଂ ପରବର୍ତ୍ତୀ ସମୟରେ ସେ ସବୁ ତା'ର ବ୍ୟକ୍ତିତ୍ୱ ଗଠନ କରେ। ଚିନ୍ତାଧାରାକୁ ସମୃଦ୍ଧ କରେ। ଅନ୍ୟ ପ୍ରତି ଶ୍ରଦ୍ଧାଶୀଳ ହୋଇ ଅନ୍ୟର ଦୁଃଖ ଶୋକ ଅନୁଭବ କରିବାର ଶିକ୍ଷା ପାଏ । ଫଳତଃ ସେ ସମାଜର ରୀତିନୀତି, ପ୍ରଥା ପରଂପରା, ନିୟମ କାନୁନ୍, ଚଳଣି ଇତ୍ୟାଦି ସହିତ ପରିଚିତ ହୁଏ। ଜ୍ଞାନ ଆହରଣ ପୂର୍ବକ ତା' ମନର ଜିଜ୍ଞାସୁ ପ୍ରବୃତ୍ତି ସନ୍ତୋଷ ଲାଭ କରେ ଓ ତାର ମାନବିକ ବିକାଶ ଘଟେ।

ପ୍ରକୃତରେ ଶିଶୁର ସର୍ବାଙ୍ଗୀନ ଉନ୍ନତି ପାଇଁ ଶିଶୁ ସାହିତ୍ୟ ହେଉଛି ଏକ ଅମୋଘ ଅସ୍ତ୍ର। ସାହିତ୍ୟର ମୌଳିକ ଉଦ୍ଦେଶ୍ୟ ମଣିଷ ଓ ସମାଜକୁ ଶୃଙ୍ଖଳିତ, ମହତ୍ତ୍ୱପୂର୍ଣ୍ଣ ଓ ସୁନ୍ଦର କରି ଗଢ଼ିତୋଳିବା, ଯାହା ଶିଶୁ ସାହିତ୍ୟରେ ଭରପୁର ରହିଛି। ତେଣୁ ଶିଶୁ ସାହିତ୍ୟର ଅଧିକ ପ୍ରସାର ଲାଗି ବିଦ୍ୟାର୍ଥୀମାନଙ୍କର ସାହିତ୍ୟକୁ ଜାଣିବା, ବାଲ୍ୟ କାଳରୁ ସାହିତ୍ୟ ଶୁଣିବା, ପଢ଼ିବା, ଲେଖିବା, ବୁଝିବା, ନିଜର ପଠନ ପ୍ରବୃତ୍ତି ଓ ଭାଷାଜ୍ଞାନ ଦକ୍ଷତାକୁ ବୃଦ୍ଧି କରିବା ପରି ଶିଶୁ ସାହିତ୍ୟର ସକାରାତ୍ମକ ଗୁଣ ବିଷୟରେ ଏକକ ପଠନର ଉଦ୍ଦେଶ୍ୟ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନଙ୍କ ପାଇଁ ଶିକ୍ଷଣୀୟ ବିଷୟ ହେଉଛି :

- ଓଡ଼ିଆ ଶିଶୁ ସହିତ୍ୟର ମୌଖିକ ପରଂପରା ଓ ତାର ସମୃଦ୍ଧି ଐତିହ୍ୟ ସଂପର୍କରେ ଅବଗତ ହେବା।

- ଓଡ଼ିଆ ଶିଶୁ ସାହିତ୍ୟର ଲିଖିତ ସୃଷ୍ଟି ସଂପଦର ଆତ୍ମିକ ଭାବବୋଧ ସଂପର୍କରେ ଜ୍ଞାନ ଲାଭ କରିବା ।
- ଓଡ଼ିଆ ଶିଶୁ ସାହିତ୍ୟର ଆଙ୍ଗିକ କଳାକୌଶଳ ଏବଂ ଶିଳ୍ପରୀତି ସଂପର୍କରେ ଜାଣିବା ।
- ସାଂପ୍ରତିକ ସମୟ ସ୍ରୋତରେ ଓଡ଼ିଆ ଶିଶୁ ସାହିତ୍ୟର ମୂଲ୍ୟାୟନ କରିବାର ଧାରା ସଂପର୍କରେ ଶିକ୍ଷା ଲାଭ କରିବା ।

## ୩.୩ ବିଷୟ ପ୍ରବେଶ

ପଲ୍ଲୀ ପରିବେଶରେ ମାନବ ସଭ୍ୟତାର ଆଦ୍ୟ ଉନ୍ମେଷ ଘଟିଛି, ପଲ୍ଲୀର ନୈସର୍ଗିକ ପ୍ରକୃତି, ଗୋଷ୍ଠୀବଦ୍ଧ ଜୀବନ ଚଳଣି, ଯୌଥ ପରିବାର ଓ ସୁସ୍ଥ ପରିବେଶ ମଧ୍ୟରେ ମଣିଷର ଜୀବନ ସୁଖ ଶାନ୍ତିରେ କଟୁଥିଲା । ମାତ୍ର ଅଧିକ ସୁଖ ଲାଭ ଆଶାରେ ସେ ପଲ୍ଲୀଛାଡ଼ି ସହର ଗଢ଼ିଲା । ସହରର ବାସିନ୍ଦା ହେଲା, ତାହାର ଚାକଚକ୍ୟରେ ମଜ୍ଜି ରହିଲା । ଶିଳ୍ପ ଓ ବିଜ୍ଞାନ ମଣିଷକୁ ସୁଖ ସ୍ୱାଚ୍ଛନ୍ଦ୍ୟ ଆଣି ଦେବା ସହିତ ଅଧିକ ବିକାଶୋନ୍ମୁଖୀ କଲା । ଇଂରେଜ ଶାସନ, ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ସଂସ୍କୃତିର ପ୍ରଭାବ, ବିଜ୍ଞାନର ବିକାଶ, ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା, ବେତାର ଯନ୍ତ୍ରର ଉଦ୍ଭାବନ ଇତ୍ୟାଦି ମଣିଷର ରୁଚି ବଦଳାଇ ତାକୁ ନବ ନବ ଚିନ୍ତା ଚେତନାରେ ମଗ୍ନ କରି ରଖିଲା । ସହରୀ ବ୍ୟସ୍ତ ବହୁଳ ଜୀବନ ଚଳଣିରେ ପଛକୁ ଫେରି ଚାହିଁବାର ଆଉ ଅବସର ବା ଅବକାଶ ନାହିଁ ; ମାତ୍ର ମଣିଷ ମନରୁ ପ୍ରାଚୀନ ପ୍ରତି ମୋହ ଓ ମମତା ସହଜରେ ଦୂର ହୋଇପାରେନାହିଁ ଏହା ଦ୍ୱନ୍ଦ୍ୱହୀନ । ସମାଜର ପ୍ରଥା ପରଂପରା, ରୀତିନୀତି, ଚଳଣିର ଧାରା ପ୍ରବାହକୁ ଆଡ଼େଇ ପାରେ ନାହିଁ । ବିଶେଷତଃ ସବୁ ମଣିଷଙ୍କ ପାଇଁ ତାର ପିଲାଦିନ ସବୁଠାରୁ ଅଧିକ ମଧୁମୟ ଓ ସ୍ମରଣୀୟ ରାଜାରାଣୀ, ବୁଢ଼ି ଅସୁରୁଣୀ ବା ଭୂତପ୍ରେତ କାହାଣୀ ଶୁଣିବା ସମୟର ଆହ୍ଲାଦପୂର୍ଣ୍ଣ ସ୍ମୃତି ତାକୁ ସଦା ସମ୍ମୋହିତ କରି ରଖିଥାଏ । କାରଣ ବୟସ୍କ ପ୍ରୌଢ଼ ପ୍ରାଣର ନିଭୃତତମ ପ୍ରଦେଶରେ କେଉଁଠି ନାଁ କେଉଁଠି ସୁକୁମାର ଶିଶୁଟିଏ ଛପି ରହିଥାଏ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ।

ସଭ୍ୟତାର ଆଦିକାଳରୁ ମୌଖିକ ଶିଶୁ ସାହିତ୍ୟ ପରଂପରାକୁ ଆଧୁନିକ ଯୁଗରେ ଲିଖିତ ଶିଶୁ ସାହିତ୍ୟ ଓ ତାର କ୍ରମବିକଶିତ ରୂପ ସମ୍ଭାର ବୟସ ନିର୍ବିଶେଷରେ ସମସ୍ତଙ୍କୁ ଆନନ୍ଦ ଦାନ କରିଥାଏ । ଅବଶ୍ୟ ଆଧୁନିକ ସାହିତ୍ୟ ସୃଷ୍ଟି ଆୟମାରମ୍ଭରେ ଶିଶୁ ସାହିତ୍ୟ ରଚନା କରୁଥିବା ସ୍ରଷ୍ଟା ଓ ସେମାନଙ୍କ ସୃଷ୍ଟି ସଂପଦ ପ୍ରତି ଅଣଦେଖା ମନୋଭାବ ପୋଷଣ କରାଯାଉଥିଲା ; ମାତ୍ର ସ୍ୱାଧୀନତା ପରବର୍ତ୍ତୀ ସମୟରେ ଶିଶୁ ସାହିତ୍ୟ ଭଣ୍ଡାର ନାନା ବିଭବରେ ମଣ୍ଡିତ ହୋଇଛି । ଶିଶୁ ସାହିତ୍ୟର ମୌଖିକ ପରଂପରା ଓ ତାର ଲିଖିତ ରୂପ ତଥା ଭାବ ସଂପର୍କରେ ଏହି ଏକକରେ ବିଶେଷ ଆଲୋଚନା କରାଯାଇଛି ।

## ୩.୪ ଓଡ଼ିଆ ମୌଖିକ ଶିଶୁ ସାହିତ୍ୟର ଭାବ ଐଶ୍ୱର୍ଯ୍ୟ

ମୌଖିକ ପରଂପରାରେ ସ୍ମୃତିରୁ ସ୍ମୃତିକୁ, ସ୍ମୃତିରୁ ଶ୍ରୁତିକୁ, କଣ୍ଠରୁ କଣ୍ଠକୁ ଆବହମାନ କାଳରୁ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ଲୋକ ସାହିତ୍ୟ ପରିସରରେ ଶିଶୁ ସାହିତ୍ୟର ଏକ ନିଜସ୍ୱ ଜଗତ ରହିଛି ଏବଂ ସେ ଜଗତରେ ଜୀବନ ଭଙ୍ଗରସର ପ୍ରାଚୁର୍ଯ୍ୟ ଅପର୍ଯ୍ୟାପ୍ତ । ପ୍ରାଣର ଆବେଗରୁ ମୌଖିକ ସାହିତ୍ୟ ଓ ଲୋକ ସାହିତ୍ୟର ସୃଷ୍ଟି । ଶିଶୁ

ସାହିତ୍ୟ ତାହାର ଏକ ଅଂଶ ବିଶେଷ। ବାତ୍ସଲ୍ୟ ମମତାର ଆବେଗ ନେଇ ମାଆ ଓ ସଂପର୍କୀୟମାନେ ଶିଶୁକୁ ଉପଜୀବ୍ୟ କରି ଗୀତ ଗାଇଥାନ୍ତି, କାହାଣୀ କହିଥାନ୍ତି, କୌତୁକ ପ୍ରଶ୍ନ ଓ  କଥା ମାନ ପଚାରିଥାନ୍ତି। ଏସବୁ ଶିଶୁ ମନରେ କୌତୁହଳ ଓ ଆନନ୍ଦ ସଂଚାର କରେ।

ଓଡ଼ିଆ ସାହିତ୍ୟରେ ପ୍ରକାର ଭେଦ ସଂପର୍କରେ ପୂର୍ବରୁ ଦ୍ୱିତୀୟ ଏକକରେ ଉଲ୍ଲେଖ କରାଯାଇଛି। ଓଡ଼ିଶାର ମୌଖିକ ପରଂପରାରେ ପ୍ରଚଳିତ ଶିଶୁ ସାହିତ୍ୟକୁ ମୁଖ୍ୟତଃ ଗୀତ, କାହାଣୀ ଓ ଲୋକବାଣୀ ବିଭାଗରେ ଆଲୋଚନା କରାଯାଇପାରେ। ଯଥା : (୧) ଶିଶୁମାନଙ୍କ ପାଇଁ ବୋଲା ଯାଉଥିବା ଗୀତ, କୁହାଯାଉଥିବା କାହାଣୀ ଓ ଲୋକବାଣୀ (୨) ଶିଶୁମାନେ ନିଜେ ବୋଲୁଥିବା ଗୀତ ଓ କହୁଥିବା କାହାଣୀ ଓ ଲୋକବାଣୀ

**(୧) ଶିଶୁଗୀତ:** ଶିଶୁମାନଙ୍କ ଉଦ୍ଦେଶ୍ୟରେ ମାଆ, ବୁଢ଼ୀ ମା', ଆଇ ମା' ତଥା ସମ୍ପର୍କୀୟମାନେ ଶିଶୁକୁ ଖେଳାଇବା, ଝୁଲେଇବା, କାନ୍ଦୁଥିଲେ ବୁଝେଇବା, ଖୁଆଇବା, ଖୁଆଇବା ସମୟରେ ଛୁଆ ଭୁଲାଣିଆ ଗୀତମାନ ଗାଇଥାନ୍ତି। ଇଂରାଜୀ ଭାଷାରେ ଏହାକୁ Nursery Rhymes ବା Song କୁହାଯାଏ। ଆଧୁନିକ କାଳରେ ପଲ୍ଲୀକବି ନନ୍ଦକିଶୋର ବଳ ଏହି ଛୁଆ ଭୁଲାଣିଆ ଗୀତକୁ 'ନାନାବାୟାଗୀତ' ନାମରେ ଅଭିହିତ କରିଛନ୍ତି ଶିଶୁ ଜନ୍ମଠାରୁ ତାକୁ ବଢେଇ କୁଢେଇ ମଣିଷ ରୂପେ ସମାଜରେ ଠିଆ କଲା ପର୍ଯ୍ୟନ୍ତ ମାଆ ତଥା ପରିବାର ସଦସ୍ୟଙ୍କ ହୃଦୟକୁ ମମତ୍ୱପୂର୍ଣ୍ଣ ଉଚ୍ଛ୍ୱସରୁ ଅସରନ୍ତି ଗୀତ ସ୍ୱତଃସ୍ଫୂର୍ତ୍ତ ଭାବେ ସୃଷ୍ଟି ହୋଇଛି। ତେଣୁ ମୁଖ୍ୟତଃ ମାଆର ଏବଂ ଅନ୍ୟ ଆପଣା ସଂପର୍କୀୟ ମାନଙ୍କ ମଧୁର ସ୍ନେହର ନିରୋଳ ଭାବ ଏହି ଗୀତଗୁଡ଼ିକରେ ପ୍ରକାଶିତ।

ଶିଶୁଗୀତ ଗୁଡ଼ିକର କୌଣସି ଧାରାବାହିକ ବିଷୟକ୍ରମ ନଥାଏ। ଶିଶୁର ଦରୋଟି ପାଟିରୁ ଯେପରି ଅସଂଲଗ୍ନ କଥା ସବୁ ଫୁଟି ଉଠେ; ମାଆ, ଜେଜୀ ମା', ଆଇ ମା', କଣ୍ଠରୁ ଯେପରି ସ୍ନେହଭରା ଅସଂଲଗ୍ନ ଗୀତ ସବୁ ଝରିପଡ଼େ। ଗୋଟିଏ ଗୀତରେ ନାନା ବିଷୟବସ୍ତୁ ଦ୍ରୁତ ଗତିରେ ମର୍ମସ୍ପର୍ଶୀ ସ୍ୱରଲହର ସହିତ ଗୋଟିଏ ଭାବନାରୁ ଅନ୍ୟ ଭାବନା ପରିସରକୁ ଗତିକରେ। ତେବେ ପ୍ରତ୍ୟେକ ଗୀତର ଚିରନ୍ତନ ପ୍ରଭାବ ପରିଦୃଷ୍ଟ। ଏହି ଗୀତଗୁଡ଼ିକର ଅର୍ଥବୋଧ ଅପେକ୍ଷା ତା'ର ସ୍ୱର ଲହର ଓ ଛନ୍ଦ ଅଧିକ ଆକର୍ଷଣୀୟ, ଗୀତଗୁଡ଼ିକର ରସ ବାତ୍ସଲ୍ୟରସ। ଏହାର ସ୍ରଷ୍ଟା ଅଜ୍ଞାତ ଏବଂ କୌଣସି କେହି ଜଣେ ନିର୍ଦ୍ଦିଷ୍ଟ ସ୍ରଷ୍ଟା ନାହାନ୍ତି। ଏହା ଗୋଷ୍ଠୀର ସୃଷ୍ଟି ଓ ଜାତୀୟ ସଂପତ୍ତି। ବସ୍ତୁତଃ ନାନାବାୟା ଗୀତଗୁଡ଼ିକର ଭାବବସ୍ତୁ ପ୍ରତି ନିରୀକ୍ଷଣ କଲେ ଏହା ଯେ ଓଡ଼ିଆ ନାରୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି, ଏହା ନିଃସନ୍ଦେହ।

(କ) ଶିଶୁର ଅଝଟପଣକୁ ବୁଝାଇ ଖୁଆଇବା ଓ ଶୁଆଇବା ପାଇଁ ମାଆ ଗୀତ ବୋଲିଦେଲେ ତା'ର ସ୍ୱର ଲହରରେ ଆକର୍ଷିତ ହୋଇ ପିଲାଟି କ୍ଷୀର ପିଇଦିଏ, ଖାଦ୍ୟ ଖାଇଦିଏ ଓ ଶୋଇପଡ଼େ। ଉଦାହରଣସ୍ୱରୂପ କେତୋଟି ଗୀତର ପଦ ଏଠାରେ ଉଲ୍ଲେଖ କରାଯାଉଛି।

- ଶୁଆଇବା ଗୀତ :"ଧୋରେ ବାଇଆ ଧୋ
  ଯେଉଁ କିଆରିରେ ଗହଳ ମାଣ୍ଡିଆ
  ସେଇ କିଆରିରେ ଶୋ...
  ଧୋରେ ବାଇଆ ଧୋ..."
- ଖୁଆଇବା ଗୀତ : "ବାଇ ଚଢ଼େଇରେ ବାଇ ଚଢ଼େଇ
  ତୋ ମାଆ ଯାଇଛି ଗାଈ ଚରେଇ
  ଗାଈରୁ ଆଣିବ ପାଚିଲା ବେଲ
  ତାକୁ ଖାଇ କୁନା ହୋଇବ ଗେଲ"।
- ଝୁଲାଇବା ଗୀତ : "ଝୁଲୁହାତୀ ଝୁଲ
  ବାଆପାଣି ଖାଇ ଫୁଲ୍
  ଝୁଲୁହାତୀ, ଝୁଲୁହାତୀ
  ଝୁଲୁହାତୀ ଖାଏ ଛେନାକାନ୍ତି
  ନ ଝୁଲିଲେ ଖାଏ ବିରାଡ଼ି ବାନ୍ତି"।
- ନଚେଇବା ଗୀତ : "ତାଳି ତାଳି ବନମାଳୀ
  ବନଗଛ ମୂଳେ ଖଜୁରୀକୋଳ
  ପିଲାଏ ଖାଆନ୍ତି ତୋଳିତୋଳି"।
- ବୁଝାଇବା ଗୀତ : "ମୋ କୁନିକି କିଏ ମାଇଲା ମାଡ଼ ଲୋ
  ଭାଙ୍ଗି ପକାଇଲା ପିଞ୍ଚରା ହାତ
  ତାକୁ ମାମୁଁ ଘରେ ନେଇ ଛାଡ।
  ମାମୁଁ କହିଲେ ଏଇଟି କିଏ
  ମାଇଁ କହିଲେ ଭଣଜାଟିଏ।
  ତାକୁ ଧୋଇ ଧାଇ କରି ଘରକୁ ନିଅ।
  ଦୁଧ ଭାତ ଖଣ୍ଡେ ଖୁଆଇ ଦିଅ
  ଖଟ ପଲଙ୍କରେ ଶୁଆଇ ଦିଅ।"
- ଆଖିରେ କଳା ପିନ୍ଧାଇବା ଗୀତ : "କୁଉ କୁଉ କଜଳ
  ମୋ ପୁଅ ଆଖିକି କର ଉଜ୍ଜଳ
  ମୋ ପୁଅକୁ ଯେ ନଜର ଦେବ
  ତା ଛାତିରେ ପଡ଼ିବ ବଜର।"

(ଖ) ଶିଶୁ ପାଇଁ କୁହାଯାଉଥିବା କାହାଣୀ : ଶିଶୁମାନେ କାହାଣୀପ୍ରିୟ, ପ୍ରାୟତଃ ଅଝଟ ଶିଶୁଙ୍କୁ ମାଆ, ବଡ଼ମାଆ, ଖୁଡ଼ି ପ୍ରଭୃତିଙ୍କ କୋଳରୁ ସଂଧ୍ୟା ସମୟରେ ମୌଖିକ କାହାଣୀଗୁଡ଼ିକ ଦାଣ୍ଡପିଣ୍ଡାକୁ ଘେନିଆସେ, ଘରେ ବୁଢ଼ୀ ମା' ବା ଆଈମା କିମ୍ବା ବୁଢ଼ା ବାପା ବା ଅଜା ଗୋଟିଏ ମସିଣାରେ ବସି ତାଙ୍କ ଚାରିପଟେ ପିଲାମାନଙ୍କୁ ବସାଇ ଗପ କୁହନ୍ତି। ଫଳରେ ମାଆମାନେ ରାତି ପାଇଁ ରୋଷେଇବାସ ତଥା ଘରକାର୍ଯ୍ୟ ସହଜରେ କରିପାରିଥାନ୍ତି। ଗାଁ ଗହଳରେ ପ୍ରତି ସନ୍ଧ୍ୟାରେ ପିଲାମାନଙ୍କୁ ଗପ ଶୁଣାଇବା ବୟସ୍କମାନଙ୍କର ଏକ ନିତ୍ୟ ନୈମିତ୍ତିକ କାର୍ଯ୍ୟ। ଶିଶୁମାନଙ୍କ ମନରେ କାହାଣୀ ଶୁଣିବାର ଉତ୍ସାହ ବୃଦ୍ଧି ନିମନ୍ତେ କଥକ ଆରମ୍ଭରେ କଥାଣି' କହିଥାନ୍ତି। ଯଥା :

"କଥାଟିଏ କହୁଁ? କଥାଟିଏ କହୁଁ
କି କଥା ? ବେଙ୍ଗ ମଥା
କି ବେଙ୍ଗ ? ଠୁରା ବେଙ୍ଗ
କି ଠୁରା ? ବ୍ରାହ୍ମଣ ମରା
କି ବ୍ରାହ୍ମଣ ? ଶୁଦ୍ଧ ବ୍ରାହ୍ମଣ
କି ଶୁଦ୍ଧ ? ପିଠା ମଧ।
କି ପିଠା ? ତାଳ ଗଇଁଠା
କି ତାଳ ? ସୋରିଷ ମାଳ,
କି ସୋରିଷ ? ଅଣ ସୋରିଷ,
କି ଅଣ ? କିଆ ବଣ
କି କିଆ ? ରଜା ବାହା
କି ରଜା ? ଖଣ୍ଡି ଖଜା
କି ଖଣ୍ଡି ? ମିରିଗ ଲଣ୍ଡି
କି ମିରିଗ ? ଝାଡ଼ ମରିଗ
କି ଝାଡ଼ ? କଣ୍ଟା ବାଡ଼
କି କା ? କାନ କୋଳି କଣ୍ଟା...
ଯହିଁ ଲାଗିଥାଏ ଝଟାପଟା"

ଏହିପରି ନାଟକୀୟ ଠାଣିରେ କଥକ ଶିଶୁମାନଙ୍କୁ ହସେଇ ହସେଇ ରସେଇ କାହାଣୀରେ ମଜେଇ ରଖିଥାନ୍ତି। କାହାଣୀଗୁଡ଼ିକ ବିଭିନ୍ନ ବିଷୟକ ହୋଇଥାଏ। ଯଥା- ପୌରାଣିକ କାହାଣୀ, ଓଷାବ୍ରତ କାହାଣୀ, ସାଧୁସନ୍ଥ କାହାଣୀ, ତୀର୍ଥ ସ୍ଥାନ, ମନ୍ଦିର ଇତ୍ୟାଦି କାହାଣୀ, ଦେବାଦେବୀ କାହାଣୀ, ଉପଦେଶାତ୍ମକ କାହାଣୀ, ଭୂତପ୍ରେତ କାହାଣୀ, ରାକ୍ଷସ-ଅସୁର କାହଣୀ, ଠକଶଠ କାହାଣୀ, ପଶୁପକ୍ଷୀ, ସାପ ମାଛ ଆଦି କାହାଣୀ, ରାଜାରାଣୀ

କାହାଣୀ, ଚାରିସଂଗୀତ କାହାଣୀ, ସାମାଜିକ କାହାଣୀ, ନୀତିଶିକ୍ଷା ମୂଳକ କାହାଣୀ ଇତ୍ୟାଦି ଶିଶୁମାନେ କୌତୁହଳପୂର୍ବକ ଶୁଣିଥାନ୍ତି ।

ପୁନଶ୍ଚ କାହାଣୀ ଶେଷରେ କଥକ 'ଶେଷକଥା' କହି ପିଲାମାନଙ୍କ କାହାଣୀ ଶୁଣାଇବାରେ ବିରତି ଘଟାଇଥାନ୍ତି ।

"ମୋ କଥାଟି ସରିଲା, ଫୁଲ ଗଛଟି ମରିଲା
ହଇରେ ଫୁଲଗଛ, ତୁ କାହିଁକି ମଲୁ ?
ମୋତେ କାଳି ଗାଈ ଖାଇଗଲା ।
ହଇଲୋ କାଳି ଗାଈ, ତୁ କାହିଁକି ଖାଇଲୁ ?
ମୋତେ ଗଉଡ଼ ଜଗିଲା ନାହିଁ ।
ହଇରେ ଗଉଡ଼, ତୁ କାହିଁକି ଜଗିଲୁ ନାହିଁ ।
ମୋତେ ବଡ ବୋହୂ, ଭାତ ଦେଲା  ନାହିଁ ।
ହଇଲୋ ବଡ଼ ବୋହୂ ତୁ କାହିଁକି ଭାତ ଦେଲୁ ନାହିଁ ?
ପୁଅ କାନ୍ଦିଲା ।
ହଇରେ ପୁଅ ତୁ କାହିଁକି କାନ୍ଦିଲୁ ?
ମୋତେ ଜନ୍ଦା କାମୁଡ଼ି ଦେଲା
ହଇରେ ଜନ୍ଦା ତୁ କାହିଁକି କାମୁଡ଼ିଲୁ  ?
ମୁଁ ମାଟି ତଳେ ତଳେ ଥାଏ
କଅଁଳ ମାଉଁସ ଯେଉଁଠି ପାଏ
ରୁଟ୍‌କନା କାମୁଡ଼ି ଦିଏ ।"

ମୌଖିକ କାହାଣୀର ବିଶେଷତ୍ୱ ହେଉଛି ଏହା କହି କହି କଥକ କ୍ଲାନ୍ତ ହୁଅନ୍ତି ନାହିଁ ଓ ଶୁଣି ଶୁଣି ଶ୍ରୋତା ପିଲାମାନେ ବିରକ୍ତ ହୁଅନ୍ତି ନାହିଁ । ତଥାପି ରାତି ଅଧିକ ହେଉଥିବାରୁ କଥକ କାହାଣୀ କହିବାରୁ ଓ ଶୁଣିବାରୁ ଅବସର ସୃଷ୍ଟି ପାଇଁ ଜନ୍ଦା କାମୁଡ଼ି ଦେବା କଥା କହି ପିଲାମାନଙ୍କୁ ଧୀର ଚିମୁଟି ଦେବା ମାଧ୍ୟମରେ ନିଜ ନିଜ ମାଆ କୋଳକୁ ପଠାଇ ଦିଅନ୍ତି । କାହାଣୀରେ 'ଫୁଲ ଗଛ'ଟି କେବେ ମରେ ନାହିଁ ବରଂ ପରଦିନ ସନ୍ଧ୍ୟାରେ ପୁଣି ବଞ୍ଚି ଉଠେ ।

କାହାଣୀ ଶୁଣିବା ଦ୍ୱାରା ଶିଶୁର କଳ୍ପନା ଶକ୍ତି ଓ ଆବେଗଭାବର ବୃଦ୍ଧିଘଟେ । କାହାଣୀଗୁଡ଼ିକୁ ମନଦେଇ ଶୁଣୁଥିବାରୁ ତା'ର ମନଯୋଗ କ୍ଷମତା ବଢେ । ମନସ୍ତତ୍ତ୍ୱବିଦ୍‌ମାନଙ୍କ ମତରେ ତିନି ବର୍ଷର ଶିଶୁ ପ୍ରାୟତଃ ଏକକାଳୀନ ଆଠ ମିନିଟ ଏବଂ ପାଞ୍ଚ ବର୍ଷର ଶିଶୁ ନଅ ମିନିଟ ପର୍ଯ୍ୟାନ୍ତ ଗୋଟିଏ ବିଷୟରେ ମନଯୋଗ କରିଥାଏ । ତେଣୁ ତାହାର ମନକୁ ଅଧିକ ସମୟ ସ୍ଥିର ରଖିବା ପାଇଁ ବୟସ୍କମାନଙ୍କ ମୁଖରୁ କାହାଣୀଗୁଡ଼ିକର ଉପାଦେୟତା ରହିଛି ।

(ଗ) ବୟସ୍କମାନେ ଶିଶୁମାନଙ୍କ ପାଇଁ କହୁଥିବା ଲୋକବାଣୀ :

- ଦେଉଳ ନୁହେଁ ସେ ପଡ଼େ କବାଟ
  ମଣିଷ ନୁହେଁ ସେ ଚାଲଇ ବାଟ,
  ଗୋରୁ ନୁହେଁ ସେ ଶିଙ୍ଗ ଦୁଇଟା,
  ଏ ନାଁ ଟି ଯିଏ କହିବ
  ସେ ହେବ ଅସଲି ବେଟା ।
  (ଉତ୍ତର-ଗେଣ୍ଡା)
- ଏଡିକ ଟିକେ ସିପାହୀ ପିଲା
  ପର୍ବତ ସଙ୍ଗେ ଲଢେଇ କଲା । (ଉତ୍ତର-କୁରାଢୀ)

ପ୍ରକୃତପକ୍ଷେ ବୟସ୍କମାନଙ୍କ କଣ୍ଠରେ ଶିଶୁଉପଯୋଗୀ ଲୋକବାଣୀ ଓଡ଼ିଶାର ମୌଖିକ ପରଂପରାରେ ପର୍ଯ୍ୟାପ୍ତ ନୁହେଁ ।

**(୨) ଶିଶୁମାନେ ବୋଲୁଥିବା ଗୀତ, କାହାଣୀ ଓ ଲୋକବାଣୀ :**

(କ) ଶିଶୁ ଗୀତ : ଶିଶୁମାନଙ୍କ ପାଇଁ ଜୀବନ କେବଳ ହସ ଖେଳର ସମାହାର । ସରଳବିଶ୍ୱାସୀ ସେ, ତା' ବିଶ୍ୱାସର ସରହଦରେ ସବୁ କିଛି ସମ୍ଭବ । ତେଣୁ ତା' ମନକୁ ଯାହା ଆସେ ତାହାକୁ ସେ ଗୀତ କରି ଗାଇଦିଏ ବୟସ୍କମାନଙ୍କ ପରି । ଶିଶୁ ଗୀତଗୁଡ଼ିକର ଆରମ୍ଭ ଓ ଶେଷର ଧାରାବାହିକତା ନଥାଏ । ତା' କଅଁଳ ପାଟିର ଦରୋଟି ଭାଷାରେ ଅନେକ ନିରର୍ଥକ ଶବ୍ଦ ପଶି ଆସୁଥିଲେ ହେଁ ଗୀତଗୁଡ଼ିକ ଗୋଟିଏ ଭାବରୁ ଆଉ ଗୋଟିଏ ଭାବ ଓ ଗୋଟିଏ କଥାରୁ ଆଉ ଗୋଟିଏ କଥା ପରିସରକୁ ଦ୍ରୁତ ଗତିରେ ଡେଇଁ ଡେଇଁ ଚାଲେ । ଶିଶୁଗୀତ ଗୁଡ଼ିକ ଖୁବ୍ ସଂକ୍ଷିପ୍ତ । ପ୍ରାୟତଃ ଦୁଇଧାଡି, ଚାରି ଧାଡି, ଛଅ, ଆଠ ବା ଦଶ ଧାଡି ବିଶିଷ୍ଟ ଛୋଟ ଛୋଟ ପଦ ବିଶିଷ୍ଟ ଗୀତ ଦେଖାଯାଏ ।

ସାଧାରଣତଃ ଶିଶୁମାନେ ଖେଳ ଖେଳିବା ସମୟରେ ଗୀତ ଗାଇଥାନ୍ତି । ଅନେକ ଗୀତ ଗଦ୍ୟ ରୂପେ ଧାରଣ କରିଥାଏ । ଶିଶୁ ଅବସ୍ଥାରେ କ୍ରୀଡା ବା ଖେଳର ଉପଯୋଗିତା ଯଥେଷ୍ଟ । ଏହା ଚିତ୍ତବିନୋଦନ କରିବା ସଙ୍ଗେ ସଙ୍ଗେ ତା'ର ଶାରୀରିକ ବିକାଶ ଦିଗରେ ମାଂସପେଶୀକୁ ବଳିଷ୍ଠ କରେ । ସାଙ୍ଗ ସାଥିଙ୍କ ସହ ମିଶି ଖେଳର ନୀତି ନିୟମରୁ ସାମାଜିକ ବିଧି ବ୍ୟବସ୍ଥା, ରୀତିନୀତି ଶିକ୍ଷା କରିବା ସହିତ ନିଜର କର୍ତ୍ତବ୍ୟବୋଧ ଓ ନେତୃତ୍ୱର ଦାୟିତ୍ୱ ସଂପାଦନ କରିବା ଶିଖିଥାଏ । ଖେଳ ସମୟରେ ଶିଶୁମନରେ ଥିବା ରାଗ, ଭୟ, ଈର୍ଷା, ହିଂସା ଆଦି ଅନୁଭାବ ସମୂହକୁ ସୁଧାରି ନେବାର କଳାକୌଶଳ ଶିଖିଥାଏ । ଖେଳିବା ଦ୍ୱାରା ସେ ଆନନ୍ଦ ନେବାର କଳାକୌଶଳ ଶିଖିଯାଏ । ଖେଳିବା ଦ୍ୱାରା ସେ ଆନନ୍ଦ ଲାଭ କରେ ପୁଣି ଯେଉଁ ସାମୟିକ ଶାରୀରିକ ପୀଡ଼ା ଅନୁଭବ କରେ, ତାହା ଗୀତର ସ୍ୱର ନାଦରେ ଭୁଲିଯାଇଥାଏ । ଗୀତ ତା' ଦେହ ମନକୁ ପ୍ରଭାବିତ କରିଥାଏ ।

ବାସ୍ତବରେ ଖେଳ ହିଁ ବ୍ୟକ୍ତି ଜୀବନର ଆଦ୍ୟ ପ୍ରବୃତ୍ତି । ପିଲାମାନେ "ଚକା ଚକା ଭଉଁରି, ମାମୁଁ ଘର ଚଉଁରି ମାମୁଁ ମତେ ମାଇଲେ, ମାଇଁ କୋଳେ ଧଇଲେ"

ଇତ୍ୟାଦି ଗାଇ ଘୂରି ଘୂରି ଖେଳିଲା ବେଳେ ସେମାନଙ୍କ ମୁଣ୍ଡ ବୁଲାଇ ଦିଏ। ତଳେ ପଡ଼ିଥାନ୍ତି କେହି କେହି। ଖେଳ ଶେଷରେ ନିଜକୁ ସ୍ଥିର କରି ରଖିବା ଚେଷ୍ଟାରେ ଲାଗିପଡ଼ନ୍ତି ଓ ସଫଳ ମଧ୍ୟହୁଅନ୍ତି। ଏହି 'ଚକା ଚକା ଭଉଁରୀ' ଗୀତ ଓ ଖେଳ ପରବର୍ତ୍ତୀ ସମୟରେ ଶିଶୁଟିଏ ଇଙ୍ଗଳ ହୋଇ ଧାନ ଅମଳ ପାଇଁ ବେଙ୍ଗଳା ପକାଇ ବଳଦମାନଙ୍କୁ ମଇଦାଣ୍ଡି ଚାରିପାଖେ ବୁଲାଇଥାଏ, ସେତେବେଳେ ତାହା 'ଶ୍ରମ'ରେ ରୂପାନ୍ତରିତ ହୋଇଥାଏ। ଶିଶୁ ବଡ଼ ହେଲେ ଆଉ ଶ୍ରମ କାତର ହୋଇ ନଥାଏ। ତେବେ ଅନେକ ପ୍ରକାରର ଖେଳ ଶିଶୁମାନେ ଖେଳନ୍ତି। ଯଥା : ଲୁଚକାଳି, ଡୁଡୁ, ବାଗୁଡୁଗୁଡୁ, କାଠି ବା ଗୋଡ଼ି ଲୁଚା, ଚୋର ପୋଲିସ, ବାଘଛେଳି, ରାଜାରାଣୀ ଇତ୍ୟାଦି। ପ୍ରତ୍ୟେକ ଖେଳ ସହିତ ଗୀତ ସଂପୃକ୍ତ। ଦୁଇ ଦଳ ବା ପକ୍ଷ ହୋଇ ସେମାନେ ଗୀତଗାଇ ଖେଳ ଖେଳିଥାନ୍ତି। ଚୋର ପୋଲିସ୍ ଖେଳ ଖେଳିବା ପୂର୍ବରୁ ଚୋର ବାଛିବା ପାଇଁ ଗୀତ ବୋଲିଥାନ୍ତି। ଯେପରି:-

- "ଅଲ୍ ମଲ୍ ଡିଙ୍କି ଢୋଲ୍, ବେଙ୍ଗ, ବଜାରେ ଢୋଲ
  କିସ୍‌କି ନାଗରୀ କହିଯାଇଛେ, ଏଇ ପିଲାଟି ଚୋର୍।"

  ବା

  ଏକ୍ ଦୁଇ, ତିନି ଚାରି, ପାଞ୍ଚ ପନ୍ଦର,
  ଫୁର କିନା ଉଡ଼ିଗଲେ ରାମ୍ ଚନ୍ଦର।
- ଖେଳିବା ସମୟରେ 'ବର୍ଷା' ଆସିବାର ସମ୍ଭାବନା ଥିଲେ
  "କଳା  କଳା ମାଟି ମେଘ ଯାଆ କଟି
  ସୁନ ସୁନିଆ ନଟି, ମେଘ ଯାଆ କଟି"
- ବର୍ଷରେ ଭିଜିବାକୁ ଓ ଏଥିପାଇଁ ମାଆଠାରୁ ମାଡ଼ ଖାଇବାକୁ ଯେତିକି ଡରନ୍ତି ସେତିକି ଖୁସି ପାଆନ୍ତି। ବର୍ଷା ଆସିଲେ ପିଣ୍ଡାରେ ଠିଆ ହୋଇ ଗୀତ ଗାଇଥାନ୍ତି।

  "କଲିକତା କାଳୀ, ମେଘ ଦେ ଢାଳି"

  କିମ୍ବା

  ବେଙ୍ଗୁଲି ବେଙ୍ଗୁଲି ପାଣି ଦେ'
  ନଈ ପୋଖରୀ ଭସେଇ ଦେ।"

  କିମ୍ବା

  "ଖରା ହେଉଛି ବର୍ଷା ହେଉଛି
  ବିଲୁଆ ନନା ବାହା ହେଉଛି।"

କେବେ କେବେ ପିଲାମାନଙ୍କ ମଧ୍ୟରେ ରାଗ ରୁଷା ଦେଖାଯାଏ । ସେମାନେ ଯେଉଁ ପିଲାଟି ଉପରେ ରାଗିଥାନ୍ତି ପଦ 'ାନ୍ଧି ଚିଡ଼ାଇଥାନ୍ତି । ଯଥା –

"ଟଙ୍ଗରା ମୁଣ୍ଡିଆ ଠୋ ଠା, ବେଙ୍ଗ ପାଡ଼ିଦେଲା ଅଠର ଠା"

କିମ୍ବା ଲଙ୍ଗଳା ହେଉଥିବା ପିଲାକୁ ତା' ସାଙ୍ଗ ସାଥିମାନେ ଗୀତ ଗାଇ ହସିଥାନ୍ତି :

"ନଙ୍ଗଳା ଗାଣ୍ଡିଆ ପୁଇକରାଣ୍ଡିଆ, ନେଉଳ ଭଜା ଖ,
ଚିରାକନା ଖଣ୍ଡେ ମଥାରେ ପକେଇ, ଠାକୁର କତିକ ଯା"

ପିଲାମାନେ କୌଣସି କଥାର ସତ୍ୟତା ପାଇଁ 'ରାଣ' ର ବ୍ୟବହାର କରିଥାନ୍ତି । 'ରାଣ' ପକାଇବା ଓ ଫିଟାଇବା ପାଇଁ ଗୀତ ମଧ୍ୟଗାନ୍ତି :

"ସ୍ୱର୍ଗରୁ ପଡ଼ିଲା ପିଂଛ, ସବୁକଥା ମିଛ
ବା
ସ୍ୱର୍ଗରୁ ପଡ଼ିଲା ଇଟା, ମୋ ବିଦ୍ୟାରାଣ ଫିଟା"

ପାରିବାରିକ ସଂପର୍କ ଆଧାରରେ ମଧ୍ୟଶିଶୁ କଣ୍ଠ ଗାଇ ଥାଏ –

"ଉସା, ଦେ ପଇସା, ମାଉସୀ କରିଛି ଜାଗର ଓଷା
ନଡ଼ିଆ ଗୋଟି ଦି' ପଇସା ଉସା"

ଏହିପରି ଭାବେ ଶିଶୁଗୀତଗୁଡ଼ିକ ଶିଶୁମନର କଳ୍ପନାରେ ରସସିକ୍ତ ଓ ବୁଦ୍ଧିମନ୍ତ ।

(ଖ) ଶିଶୁ କହୁଥିବା ଲୋକ କାହାଣୀ : ସାଧାରଣତଃ ବୟସ୍କ ମାନଙ୍କଠାରୁ ସନ୍ଧ୍ୟା ସମୟରେ, ଅଝଟ ସମୟରେ, ଶୋଇବା, ଖାଇବା ସମୟରେ ଯେଉଁ କାହାଣୀଗୁଡ଼ିକ ଶିଶୁ ଶୁଣିଥାଏ, ତାହାକୁସେ ତା' ମନର କଳ୍ପନା ଦେଇ ସାଙ୍ଗ ସାଥି ଓ ପରିବାର ସଦସ୍ୟଙ୍କ ଆଗରେ କେବେ କେବେ ନିଜ ଭାଷା ଓ ଭଙ୍ଗୀରେ କହିଥାଏ । ଭୂତ, ପ୍ରେତ, ରାଜାରାଣୀ, ଅସୁର ଅସୁରଣୀ, ଚାରି ସଙ୍ଗାତ, ନାନା ପ୍ରକାର ପଶୁ ପକ୍ଷୀ କାହାଣୀ ଶିଶୁମାନଙ୍କର ପ୍ରିୟ, ମୌଖିକ ପରଂପରାରେ ପ୍ରଚଳିତ ସେହି ସବୁ କାହାଣୀ ଶିଶୁ ଯେତିକି ମନେରଖିପାରେ, ସେତିକି କହିଥାଏ ଅନ୍ୟ ସମ୍ମୁଖରେ ।

(ଗ) ଶିଶୁ କହୁଥିବା ଲୋକବାଣୀ : ଓଡ଼ିଶାରେ ଲୋକ ମୁଖରେ ପ୍ରଚଳିତ ଲୋକବାଣୀ ମଧ୍ୟରୁ ବିଶେଷତଃ ନାଁ ଦିଆ ବା ଧନ୍ଦା ପ୍ରାୟତଃ ପିଲାମାନେ ସାଙ୍ଗସାଥିମାନଙ୍କ ସହିତ ଖେଳିବା ସମୟରେ କିମ୍ବା ଅବସର ସମୟରେ କହିଥାନ୍ତି । ଏଗୁଡ଼ିକ ଶିଶୁର ବୁଦ୍ଧି ବୃତ୍ତିକୁ ତୀକ୍ଷଣ ଓ ରସାଣିତ କରିଥାଏ । 'ନାଁ ଦିଆ' ଅର୍ଥ 'ଚିହ୍ନେଇ ଦେବା' ମନରେ ଦ୍ୱନ୍ଦ ବା ପ୍ରହେଳିବା ସୃଷ୍ଟି କରୁଥିବାରୁ ଏହା 'ଧଳା', 'ପହେଳି' ଓ 'ପହେଳିକା' ନାମରେ ମଧ୍ୟପରିଚିତ । ପ୍ରଶ୍ନ ଉତ୍ତରରେ କ୍ରିୟା ପ୍ରକ୍ରିୟାରେ ଏହା ଶିଶୁମାନେ ଖେଳିଥାନ୍ତି । ଲୋକ ସାହିତ୍ୟବିଦ୍ ଡଃ. କୁଞ୍ଜବିହାରୀ ଦାଶଙ୍କ ମତରେ ଏହା 'ବୁଦ୍ଧିମାପକ, ମନୋରଞ୍ଜନ ଖେଳ' (ଓଡ଼ିଆ ଲୋକ ଗୀତ ଓ କାହାଣୀ– ପୃ ୨୪୩), ଇଂରାଜୀରେ ଏହାକୁ Riddle କୁହାଯାଏ ।

ଏହି ନାଁ ଦିଆ ପିଲାଦିନେ ଖେଳିଲା ବେଳେ ଓ ସନ୍ଧ୍ୟା ସମୟରେ ପରିବାରର ବଡ଼ମାନଙ୍କ ନିକଟରେ ସାଙ୍ଗସାଥିଙ୍କ ମେଳରେ ଦୁଇ ଦଳ ହୋଇ ପ୍ରଶ୍ନ ପଚରା ପଚରି ହୋଇ ଉତ୍ତର ଖୋଜି ଖେଳିଥାନ୍ତି। ଏଥିରେ ପ୍ରଶ୍ନକର୍ତ୍ତା ଓ ଉତ୍ତରଦାତା ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ବିଭିନ୍ନ ବିଷୟକ ହୋଇଥାଏ। ଯଥା :

"ଦଶହରା ରାବଣ,<br>
କାଲି ହୋଇଥିଲା, ସେଇଦୁଣ।"

(ଉତ୍ତର-ଜହ୍ନି)

"ରାମ ପଚାରିଲେ ଲକ୍ଷଣ ଭାଇ<br>
କି ପକ୍ଷୀ ବସେ ଡେଣା ମେଲାଇ"

(ଉତ୍ତର-କଙ୍କି)

ଏହିପରି 'ନାଁ ଦିଅ' ଖେଳରୁ ପିଲାମାନଙ୍କର ଜିଜ୍ଞାସା ପ୍ରବୃତ୍ତି ସୃଷ୍ଟି ହୋଇଥାଏ। ଏହା ଶିଶୁମାନଙ୍କ ମଧ୍ୟରେ ବେଶ୍ ଆଦର ଲାଭ କରିଛି।

ଏହିପରି ରାଶି ରାଶି ଶିଶୁ ଗୀତ କାହାଣୀ ଲୋକବାଣୀ ଓଡ଼ିଆ ଭାଷାରେ ରହିଛି। ଏହା ମାଧ୍ୟମରେ ପିଲାର ଅଝଟପଣକୁ କେବଳ ସୁଧାରିବାର ଚେଷ୍ଟା କରାଯାଏ ନାହିଁ; ବରଂ ଶିଶୁର ଶାରୀରିକ ବିକାଶ ଓ ବ୍ୟକ୍ତିତ୍ୱର ବିକାଶ କାମ ସହିତ ଗୀତ ଗାଇ, ନାଚ ନାଚି ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବାର ଶିକ୍ଷା ଏହି ବାଲ୍ୟକାଳରୁ ହିଁ ଗୀତ, କାହାଣୀ ଦିଆଯାଇଥାଏ। ଆକୃତିରେ କ୍ଷୁଦ୍ର ଓ ବିଷୟବସ୍ତୁର ଅସଂଲଗ୍ନତା ସତ୍ତ୍ୱେ ଶିଶୁ ସାହିତ୍ୟର ମାଧୁର୍ଯ୍ୟ ଓ ଉପାଦେୟତା ଚିରକାଳ ସ୍ୱୀକୃତ।

## ୩.୫ ଓଡ଼ିଆ ଲିଖିତ ଶିଶୁ ସାହିତ୍ୟର ଭାବ ଐଶ୍ୱର୍ଯ୍ୟ

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଆଧୁନିକ ଶିକ୍ଷା, ଶିକ୍ଷାୟତନ, ପଠ୍ୟପୁସ୍ତକ, ଶିକ୍ଷକ ଏବଂ ଶିକ୍ଷିତ ଶିଶୁ ସମାଜ ଗଠନର ଅଭିପ୍ରାୟରେ ଓଡ଼ିଆ ଶିଶୁ ସାହିତ୍ୟର ଲିଖିତ ରୂପ ସମ୍ଭବ ହୋଇଥିଲା। ଶିଶୁମାନଙ୍କ ପାଇଁ ପାଠ୍ୟ ପୁସ୍ତକ ପ୍ରଣୟନର ଆବଶ୍ୟକତାରୁ ପ୍ରଥମେ ଅନ୍ୟ ଭାଷାରୁ ଓଡ଼ିଆ ଭାଷାକୁ ଅନୁବାଦ ଓ ପରେ ମୌଳିକ ଗ୍ରନ୍ଥମାନ ରଚିତ ହେବାର ସୁଯୋଗ ସୃଷ୍ଟି ହୋଇଥିଲା। ଶିଶୁମାନଙ୍କ ପୁସ୍ତକଗୁଡ଼ିକୁ ଆମସ୍ ସଟନ୍, ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, କପିଳେଶ୍ୱର ବିଦ୍ୟାଭୂଷଣ ପ୍ରଭୃତି ସ୍ରଷ୍ଟାମାନ ଅନୁବାଦ କରିଥିଲେ। ପରେ ଶ୍ରୀ ଘନଶ୍ୟାମ ମିଶ୍ର ୧୮୬୮ ମସିହାରେ 'ବର୍ଣ୍ଣ ପରିଚୟ', ଶ୍ରୀ ଗୋପାଳ ଚନ୍ଦ୍ର ପଟ୍ଟନାୟକ ୧୮୬୮ ରେ 'ବର୍ଣ୍ଣବିଜ୍ଞାନ' ୧୮୭୩ ମସିହାରେ କପିଳେଶ୍ୱର ବିଦ୍ୟାଭୂଷଣ 'ବର୍ଣ୍ଣଶିକ୍ଷା' ଶ୍ରୀ ଗୋବିନ୍ଦ ଚନ୍ଦ୍ର ଶର୍ମା ୧୮୭୪ ମସିହାରେ 'ବର୍ଣ୍ଣବୋଧକ' ଇତ୍ୟାଦି ମୌଳିକ ଗ୍ରନ୍ଥ ରଚନା କରିଥିଲେ। କ୍ରମେ ଏହି ସବୁ ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ପୁସ୍ତକର ଆବଶ୍ୟକତା ଅନୁଭୂତ ହେଲା ଏବଂ ଶିଶୁ ଉପଯୋଗୀ ପୁସ୍ତକମାନ ରଚିତ ହୋଇ 'ଶିଶୁ ସାହିତ୍ୟ' ନାମରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ବିଭାଗ ପ୍ରତିଷ୍ଠା ଲାଭ କଲା।

ଓଡ଼ିଆ ଲିଖିତ ଶିଶୁ ସାହିତ୍ୟର ଉନ୍ମେଷ ଓ ପ୍ରାଣପ୍ରତିଷ୍ଠା କାଳରେ ଭକ୍ତ କବି ମଧୁସୂଦନ, କବିବର ରାଧାନାଥ, ବ୍ୟାସ କବି ଫକୀର ମୋହନ, ଗୋପାଳଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, କବି ଶେଖର ଚିନ୍ତାମଣି ମହାନ୍ତି, ପଣ୍ଡିତ ପ୍ରହରାଜ, ନନ୍ଦକିଶୋର ବଳ, କବି ଶେଖର ଚନ୍ତାମଣି ମହାନ୍ତି, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ନୀଳକଣ୍ଠ ଦାଶ, ଗୋଦାବରୀଶ ମହାପାତ୍ର, ଚକ୍ରଧର ମହାପାତ୍ର, ଉଦୟନାଥ ଷଡ଼ଙ୍ଗୀ, ରାମକୃଷ୍ଣ ନନ୍ଦ, ରାମପ୍ରସାଦ ମହାନ୍ତି, ରଘୁନାଥ ପାଣିଗ୍ରାହୀ, ବାଳକୃଷ୍ଣ କର, ବାଂଛାନିଧି ମହାନ୍ତି, ଜଗନ୍ନାଥ ମହାନ୍ତି ପ୍ରଭୃତି ସାହିତ୍ୟ ସ୍ରଷ୍ଟାମାନେ ଶିଶୁ ସାହିତ୍ୟ ରଚନାରେ ମନୋନିବେଶ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ ପ୍ରାକ୍ ସ୍ୱାଧୀନତା, ସ୍ୱାଧୀନତା ପରବର୍ତ୍ତୀ ତଥା ସାଂପ୍ରତିକ କାଳରେ ଓଡ଼ିଆ ଭାଷା ସାହିତ୍ୟପ୍ରେମୀ ବହୁ ସାରସ୍ୱତ ସାଧକ ଶିଶୁ ସାହିତ୍ୟ ରଚନାରେ ବ୍ରତୀ ହୋଇଛନ୍ତି। ଫଳତଃ ସାହିତ୍ୟ ଜଗତରେ ଓଡ଼ିଆ ଶିଶୁ ସାହିତ୍ୟ ଏକ ସ୍ୱତନ୍ତ୍ର ଧରଣର ରଚନାର ରୂପ ନେଇ ପ୍ରତିଷ୍ଠା ଲାଭ କରିଛି। ଶିଶୁ ସାହିତ୍ୟ ସ୍ରଷ୍ଟା ଗୋବିନ୍ଦ ଚନ୍ଦ୍ର ପାତ୍ର, ଗୋରାଚାନ୍ଦ ପଟ୍ଟନାୟକ, କୃଷ୍ଣ ଚରଣ ପଟ୍ଟନାୟକ, ବିଦ୍ୟୁତପ୍ରଭା ଦେବୀ, ନନ୍ଦ କିଶୋର ମହାନ୍ତି, ନଦିଆ ବିହାରୀ ମହାନ୍ତି, ନିକୁଞ୍ଜ କିଶୋର କାନୁନ୍‌ଗୋ, ଶୁଭେନ୍ଦୁ ମୋହନ ଶ୍ରୀ ଚନ୍ଦନ ସିଂ, ମନୋରମା ବିଶ୍ୱାଳ ମହାପାତ୍ର, ବୀର କିଶୋର ପାଢୀ, ସ୍ନେହଲତା ମହାନ୍ତି, ପୁଣ୍ୟପ୍ରଭା ଦେବୀ, ବଟକୃଷ୍ଣ ସ୍ୱାଇଁ, ମହେଶ୍ୱର ମହାନ୍ତି, ଦେଶ ବେନହୁର, ବୀରେନ୍ଦ୍ର କୁମାର ସାମନ୍ତରାୟ, ମନୀନ୍ଦ୍ର ମାହାନ୍ତି, ବସନ୍ତ କିଶୋର ସାହୁ, ଗୋକୁଳା ନନ୍ଦ ମହାପାତ୍ର, ଗୋଲକ ବିହାରୀ ଧଳ, କୁଳମଣି ସାମଲ, ଦେବକାନ୍ତ ମିଶ୍ର, ନିତ୍ୟାନନ୍ଦ ସ୍ୱାଇଁ ତଥା ଅନ୍ୟାନ୍ୟ ବହୁ ସାହିତ୍ୟ ସାଧକ ଓଡ଼ିଆ ଶିଶୁ ସାହିତ୍ୟକୁ ନୂତନ ରୂପ ଭଙ୍ଗୀରେ ପ୍ରାଣବନ୍ତ କରିବା ସହିତ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ସମୃଦ୍ଧି ଦିଗରେ ଆଗେଇ ନେଇଛନ୍ତି।

ଓଡ଼ିଆ ଶିଶୁ ସାହିତ୍ୟ ପାଠ୍ୟପୁସ୍ତକ ରଚନା ପରିସରରୁ ଆରମ୍ଭ ହୋଇଥିଲେ ମଧ୍ୟସ୍ୱାଧୀନତା ପୂର୍ବରୁ ଏବଂ ସ୍ୱାଧୀନତା ପରବର୍ତ୍ତୀ ଶିଶୁ ସାହିତ୍ୟମାନଙ୍କ ସୃଷ୍ଟି ସମ୍ଭାରରେ ବିବିଧ ଭାବଚେତନାର ବିପୁଳତା ଓ ବିଚିତ୍ରତା ଦେଖାଯାଇଛି, ସମୟକ୍ରମେ ଶିଶୁ ସାହିତ୍ୟ କେବଳ ଗୀତ ଓ କାହାଣୀ ମଧ୍ୟରେ ଆବଦ୍ଧ ନ ରହି କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ପ୍ରବନ୍ଧ, ଅନୁବାଦ ଛବି ପୁସ୍ତକ ଆଦି ନାନା ରୂପରେ ଆତ୍ମପ୍ରକାଶ କରିଛି। ନୂଆ ବିଷୟ ଓ ନୂଆ ଭାବ ଗ୍ରହଣ କରିଛି।

ଅବଶ୍ୟ ଶିଶୁମାନଙ୍କ ପାଇଁ ସାହିତ୍ୟ ରଚନା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗପ୍ରତି ଦୃଷ୍ଟିଦେବାକୁ ହୋଇଥାଏ। ଯେଉଁ ବିଷୟ, ଚରିତ୍ର, ଘଟଣାବଳୀ ଶିଶୁର ମାନସିକ ବିକାଶ କ୍ଷେତ୍ରରେ ବାଧକ ସାଜେ ଏବଂ ଶିଶୁ ମନରେ ନକାରାତ୍ମକ ପ୍ରଭାବ ସୃଷ୍ଟି କରିଥାଏ; ସେହିସବୁ ବିଷୟ, ଚରିତ୍ର, ଘଟଣାମାନ ବର୍ଜିତ ହୋଇଥାଏ। ହତ୍ୟା, ମୃତ୍ୟୁ, ଅସତ୍ୟ, ଅନ୍ୟାୟ, ଅତ୍ୟାଚାର କୁତ୍ସିତ ଓ ଭୟଙ୍କର ଦୃଶ୍ୟ ତଥା କାର୍ଯ୍ୟ, ନିରାଶ-ହତାଶା ଭାବସଂପନ୍ନ ବିଷୟ ଶିଶୁ ମନକୁ ଗଭୀର ରୂପେ ପ୍ରଭାବିତ କରିଥାଏ। ଶିଶୁ ମନରେ ଭୟ, ହତୋତ୍ସାହ, ନିରାଶ, ହତାଶ ଭାବ ଜାଗ୍ରତ କରୁଥିବା ବିଷୟ ଶିଶୁ ସାହିତ୍ୟରେ ନିଷିଦ୍ଧ ହେବା ପ୍ରୟୋଜନ। ଶିଶୁଟିଏ ନକାରାତ୍ମକ ଭାବନା ଦ୍ୱାରା ପ୍ରଭାବିତ ହେଲେ ଭବିଷ୍ୟତରେ ତାହାର ସାମାଜିକ ଜୀବନ ବିଶୃଙ୍ଖଳ ଓ ଯନ୍ତ୍ରଣାମୟ ହେବାର ଅଧିକ ସମ୍ଭାବନାଥାଏ।

ବସ୍ତୁତଃ ବାଲ୍ୟ ଅବସ୍ଥାରୁ ଶିଶୁର ଜାତୀୟ ଚରିତ୍ର ଗଠନ ଓ ତା' ମନରେ ଦୃଢ଼ଭାବ, ସାହସ, ଉତ୍ସାହ, ଧୈର୍ଯ୍ୟ, ଧର୍ମ, ଭାଗବତ ବିଶ୍ୱାସ ଇତ୍ୟାଦି ସୁଗୁଣାବଳୀକୁ ଉଜ୍ଜ୍ୱଳ କରି ରଖିବା ଦିଗରେ ଶିଶୁ ସାହିତ୍ୟ ଏକ ପ୍ରଚଣ୍ଡ

ଆଲୋକବର୍ତ୍ତିକା ସଦୃଶ। ତେଣୁ ଶିଶୁର ବୋଧଶକ୍ତି, ପରିବେଶ, ପରିସ୍ଥିତି ତଥା ଚିନ୍ତନ ଦକ୍ଷତା ପ୍ରତି ସଚେତନ ରହି ଲେଖକମାନେ ଶିଶୁ ସାହିତ୍ୟ ରଚନା କରିବା ଶିଶୁ ସମାଜ ପାଇଁ ଶୁଭଙ୍କର। ରଚିତ ଓଡ଼ିଆ ଶିଶୁ ସାହିତ୍ୟର ପ୍ରକାରଭେଦ ନିର୍ବିଶେଷରେ ନାନା ପ୍ରକାର, ବିଷୟବସ୍ତୁ, ଯଥା : ପୌରାଣିକ, କିମ୍ବଦନ୍ତୀମୂଳକ, ଐତିହାସିକ, ଦେଶାତ୍ମବୋଧକ, ସାମାଜିକ, ଧାର୍ମିକ, ମନସ୍ତାତ୍ତ୍ୱିକ, ନୀତିଶିକ୍ଷାମୂଳକ, ଉପଦେଶାତ୍ମକ, ବୈଜ୍ଞାନିକ, ଭୌଗୋଳିକ ତଥା ସାଂସ୍କୃତିକ ବିଷୟ ପରିସରରେ ବହୁ ନୂତନ ଓ ପାରଂପରିକ ଭାବସଂପଦ ଘେନି ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟ ଧାରା ବିକଶିତ ହୋଇଛି।

କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଜୀବନୀ ଇତ୍ୟାଦିର ସାମଗ୍ରିକ ରୂପ ଯେଉଁ ଭାବ ସଂପଦ ପରିଦୃଷ୍ଟ ହୁଏ, ଆଲୋଚନାର ସୁବିଧା ଦୃଷ୍ଟିରୁ ତାହାକୁ କେତୋଟି ଭାଗରେ ବିଭକ୍ତ କରାଯାଇପାରେ। ଯଥା :

- **ପରିବେଶ ଓ ପ୍ରକୃତି :** ଶିଶୁ ସହିତ୍ୟର ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପରିବେଶ ଓ ପ୍ରକୃତି। ଶିଶୁର ପରିବେଷ୍ଟନୀ ମଧ୍ୟରେ ସକାଳ ସନ୍ଧ୍ୟାର ମନୋରମ ପ୍ରାକୃତିକ ଦୃଶ୍ୟଠାରୁ ବିଭିନ୍ନ ଋତୁ, ଫୁଲ ଫଳର ସୌନ୍ଦର୍ଯ୍ୟ, ମାଟି, ଆକାଶ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ତାଙ୍କର ଅନୁପମ ଦୃଶ୍ୟ, ନଈ ନାଳ ଝରଣା, ବଣ ପାହାଡ, ଗଛବୃଛର ଗହନ ନାଦ ସାହିତ୍ୟ ପୃଷ୍ଠାରେ ପିଲାମାନଙ୍କର ବୋଧଗମ୍ୟ ନହେଲେ ମଧ୍ୟସେସବୁ ପାଠକରି ଓ ଆବୃତ୍ତି କରି ସେମାନେ ଆନନ୍ଦ ଲାଭ କରିଥାନ୍ତି। କବିତା, ଗଳ୍ପ, ଉପନ୍ୟାସର ଶବ୍ଦରୁ ଅର୍ଥ ଓ ଭାବ ଶକ୍ତି ଖୋଜିବା, ଦେଖିବା ଓ ବୁଝିବା ଶିଖନ୍ତି। ଶିଶୁଟିଏ ଯେତେବେଳେ ପଢେ :

  "ନୀତି ନୀତି ପୂର୍ବଦିଗରେ ଉଇଁ
  ସମସ୍ତ ଆକାଶ ବୁଲଇ ମୁହିଁ
  ଅନ୍ଧାର ପଳାଏ ମୋର ଉଦୟେ
  ପେଚକ ଲୁଚଇ ମୋହରି ଭୟେ
  ମୁଁ ଜଗିଲେ ଜାଗ ତୁମେ ସକଳେ
  ନ ଚିହ୍ନଇ ମୋତେ କେ ଭୂମଣ୍ଡଳେ ?"

  ସେ ବୁଝିପାରି ରାତି ପାହି ସକାଳ ହେଲେ ସମସ୍ତେ ନିଦରୁ ଉଠିବେ। କବି ମଧୁସୂଦନ ରାଉତଙ୍କ ଏହି କବିତା 'କହ କହ ମୋର ନାମ ବହନ' ମଧ୍ୟରେ ପିଲାଟି ସୂର୍ଯ୍ୟାଙ୍କର ସ୍ଥିତି ସଂପର୍କରେ ଜ୍ଞାନ ଲାଭ କରେ।

- **ପରିଚୟବୋଧ :** କୋମଳ ମତି ଶିଶୁର ଜିଜ୍ଞାସୁ ମନ ତା'ର ଦୃଷ୍ଟିସଂଲଗ୍ନ ସମସ୍ତ ବିଷୟ ଅର୍ଥାତ୍ ପ୍ରାଣୀ ଜଗତ, ଜୀବଜନ୍ତୁ ପଶୁପକ୍ଷୀ, ଦ୍ରବ୍ୟ, ବସ୍ତୁ ଇତ୍ୟାଦି ସଜୀବ ନିର୍ଜୀବ ସମସ୍ତଙ୍କ ସହ ପରିଚିତ ହେବାକୁ ଆଗ୍ରହ ପ୍ରକାଶ କରିଥାଏ। ମାଆ କଣ୍ଠର 'ବାଇ ଚଢେଇ', 'ଚକାଚକା ଭଉଁରୀ ଖେଳର ମାମୁଁ ଘର', ମାମୁଁ, ମାଇଁ ଓ ମାମୁ ପୁଅ ଭାଇ ଆଦି ସଂପର୍କୀୟମାନଙ୍କୁ ଭଲ କରି ଚିହ୍ନିବାର କଳ୍ପନା କରେ। ପଶୁପକ୍ଷୀ ଜଗତର ଡାମରା କାଉ, କୋଇଲି, ପାରା, ବଣି, ବାଇଚଢେଇ ଓ ପରିବାରିକ ଜୀବନରେ ନିତ୍ୟ ବ୍ୟବହାର୍ଯ୍ୟ ସକଳ ବସ୍ତୁ,

ଦ୍ରବ୍ୟ ଖାଦ୍ୟ ପଦାର୍ଥ ଇତ୍ୟାଦି ଶିଶୁ ସାହିତ୍ୟିକମାନେ ନିଜ ନିଜ ରଚନାବଳୀ ମଧ୍ୟରେ ଶିଶୁ ସହ ପରିଚୟ ସୃଷ୍ଟି କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :

"ତୁ-ତୁ-ତୁ ଡାକିଲି ମୁହିଁ । ଦୌଡ଼ି ଆସିଲୁ କୁକୁର ତୁହି
ଆଉଁସି ଦେବିରେ ଦେହ ତୋହର, ଖାଇବାକୁ ଦେବି ଭାତ ମୋହର ।"

(ବର୍ଣ୍ଣବୋଧ-ମଧୁସୂଦନ ରାଓ)

କିମ୍ବା

"ମାଆ ବଡ଼, ବାପ ବଡ଼ କେଡ଼େ ବଡ଼ ଭାଇ
ଏଡ଼େ ସାନ ପିଲା ମୁଁହି ହେଲି କାହିଁ ପାଇଁ ?"

(କେଉଁ ଦିନ ବଡ ହେବି : ଉଦୟନାଥ ଷଡ଼ଙ୍ଗୀ)

କିମ୍ବା

"ତୁମ ପରିପରି ଛୋଟ ପିଲାଟିଏ, ଗାଁ ଚାହାଳୀର ଚାଟ ସିଏ
ଚେହେରାଟି ତାର ଡଉଲ ଡାଉଲ, ବୁଦ୍ଧିରେ ତାହାର ସରି କିଏ ।"

(ତୁମ ପରି ଛୋଟ ପିଲାଟିଏ : ଜଗନ୍ନାଥ ଦାସ)

କିମ୍ବା

"ସକାଳ ହୋଇଲା କାଉ ବୋବାଇଲା
ଦାଣ୍ଡ ବର ଶୁଭିଲା ପାଟି,
କାନ୍ଧେ ଜରିଅଖା ପକାଇ ପିଲାଏ
ଘାଣ୍ଟୁ ଥିଲେ ନଳାମାଟି ।
କିଏ ସେହି ପିଲା 'ଙ୍ଗୁଲା ତା' ଦେଖି
ଆଖିକି ନ ଥିଲା ନିଦ,
ଗୋଟାଉଥିଲା ସେ ଭଙ୍ଗାକାଚ ଆଉ
କାଗଜ ଟୁକୁରା ଖଣ୍ଡ ।"

('ଅଲଗା ନୁହେଁ ତ ସିଏ':- ରଘୁନାଥ ମିଶ୍ର)

ଓଡ଼ିଆ ଶିଶୁ ସାହିତ୍ୟରେ ବାପା-ମା-ମାମୁ-ମାଈଁଙ୍କଠାରୁ ଜରି; ଭଙ୍ଗାକାଚ ଓ ଟୁକୁରା କାଗଜ ଗୋଟାଉଥିବା ଜୀବନ ସଂଗ୍ରାମୀ ପିଲାଟିଏର ଦୁଃଖ, କୋହ, ଅଭାବ, ଅନଟନ ହେଉଛି ଶିଶୁ ସାହିତ୍ୟର ଭାବସଂପଦ । କେବଳ କବିତାରେ ନୁହେଁ ଗଳ୍ପ, ଉପନ୍ୟାସ ଆଦି ଶିଶୁ ସାହିତ୍ୟରେ ସମସ୍ତ ବିଭାଗରେ ଏ ସକଳ ବିଷୟ ସହିତ ଶିଶୁର ଆତ୍ମୀୟତା ସୃଷ୍ଟି କରିବାର ପ୍ରଚେଷ୍ଟା କରାଯାଇଛି । ସାହିତ୍ୟିକ ଉପେନ୍ଦ୍ର ତ୍ରିପାଠୀଙ୍କ ଗଳ୍ପ 'ଭିକାରୁଣୀ', 'ଦୟାଳୁ ନଟ', ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ନାଟକ 'ଅଛୁଆଁ' ଇତ୍ୟାଦି ଏହି ପର୍ଯ୍ୟାୟର ଏକ ଏକ ସଫଳ ସୃଷ୍ଟି ।

- **ସଜୀବ ଓ ନିର୍ଜୀବ ମଧ୍ୟରେ ପ୍ରାଣ ସଂଚାର ଭାବ :** ସାଧାରଣତଃ ଶିଶୁଟିଏ ତା' ଚାରିପାଖେ ଦେଖୁଥିବା ସଜୀବ ଓ ନିର୍ଜୀବ ମଧ୍ୟରେ ଥିବା ପାର୍ଥକ୍ୟ ଦେଖି ବୁଝି ପାରେ ନାହିଁ ସେ ବିଶ୍ୱାସ କରେ ପ୍ରତ୍ୟେକଙ୍କର ଜୀବନ ଅଛି। ସୂର୍ଯ୍ୟ, ଚନ୍ଦ୍ର, ତାରା, ବାୟୁ, ଅଗ୍ନି, ଟେବୁଲ, ଚେଆର, ବହି, କଲମ, କଳାପଟା, ଖଡ଼ି ପ୍ରଭୃତି ସମସ୍ତଙ୍କର ଜୀବନ ଅଛି ଓ ସେମାନେ ମଣିଷ ପରି କଥାବାର୍ତ୍ତା କରିପାରନ୍ତି। ସାଙ୍ଗସାଥି ହୋଇପାରନ୍ତି। ତେଣୁ ସେ ପ୍ରକୃତିର ବିଭିନ୍ନ ବିଭାବ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ, ପଶୁପକ୍ଷୀ, ଜୀବଜନ୍ତୁ, ଗଛ ବୃକ୍ଷ ସମସ୍ତଙ୍କ ସହ କଥାବାର୍ତ୍ତା କରେ। ପ୍ରଶ୍ନ ପଚାରେ। ଏହା ଶିଶୁର କଳ୍ପନାପ୍ରାଣତା। କବି ନନ୍ଦକିଶୋର ବଳଙ୍କ 'ବାଳିକା ଓ ପକ୍ଷୀ', 'ଛୁଞ୍ଚି ଓ ଚାଲୁଣୀ' ଇତ୍ୟାଦିକୁ ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରାଯାଇପାରେ। ନନ୍ଦକିଶୋର 'ବାଳିକା ଓ ପକ୍ଷୀ' କବିତାରେ କଥୋପକଥନ ରୀତିର ସୁନ୍ଦର ଅଭିବ୍ୟକ୍ତି ଘଟିଛି।

ବାଳିକା – "ଓଦା ହୋଇଯିବ ପୁରାତନ ବର
ଗଛ ବରଷା ଜଳରେ
ସାନ ଚଢ଼େଇରେ ସାନ ଚଢ଼େଇ ତୁ
ରହ ମୋହରି ସାଙ୍ଗରେ।
ପକ୍ଷୀ – ନାହିଁ ନାହିଁ ନାହିଁ ସାନ ବାଳିକା ଗୋ
ଉଡ଼ି ଚାଲିଯିବି ମୁହିଁ
ଶ୍ୟାମଳ ବନର ବିଲ ଅଛି କି ପୁଣି
ନିର୍ମଳ ଆକାଶ ନାହିଁ।"

ଶିଶୁ ଗଳ୍ପ, ଉପନ୍ୟାସ ଓ କବିତାରେ ନିର୍ଜୀବରେ ପ୍ରାଣ ଶିଶୁ ଗଳ୍ପ ଓ ସଜୀବ ସହିତ ବନ୍ଧୁତ୍ୱ ଭାବ ବର୍ଣ୍ଣନା ଅ଼ୁରନ୍ତ। ଶିଶୁର କଳ୍ପନା ମନକୁ ଏହିପ୍ରକାର ସୃଷ୍ଟି ସମ୍ପଦ ମୁଗ୍ଧ କରାଇଥାଏ।

- **ଦେଶାତ୍ମବୋଧକ ଭାବ ଚିନ୍ତନ :** ଭାରତ ସ୍ୱାଧୀନ ହେବା ପୂର୍ବରୁ ଓ ପରେ ଓଡ଼ିଆ ଶିଶୁ ସାହିତ୍ୟରେ ରାଶି ରାଶି କବିତା, ଗଳ୍ପ, ନାଟକ, ଜୀବନୀ, ପ୍ରବନ୍ଧ ଆଦି ରଚିତ ହୋଇଛି। ଶିଶୁମାନଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ବ୍ରିଟିଶ ଶାସନ ବିରୁଦ୍ଧରେ ଗାନ୍ଧିଜୀଙ୍କ ଆହ୍ୱାନରେ ଅସହଯୋଗ ପ୍ରସଙ୍ଗରେ ବିଦେଶୀ ବସନ ବର୍ଜନ, ଅସ୍ପୃଶ୍ୟତା ନିବାରଣ ପ୍ରସଙ୍ଗରେ ବିପ୍ଳବୀ କବି ବାଂଛାନିଧି ମହାନ୍ତି, ମଧୁସୂଦନ ରାଓ, ବିପ୍ଳବୀ କବି ବାଂଛାନିଧି ମହାନ୍ତି, କୁଞ୍ଜ ବିହାରୀ ଦାଶ, ବୀର କିଶୋର ଦାସ, ଚକ୍ରଧର ମହାପାତ୍ର, ଉଦୟନାଥ ଷଡ଼ଙ୍ଗୀ ପ୍ରଭୃତି ଶିଶୁ ସାହିତ୍ୟିକ ଲେଖନୀ ଚାଳନା କରି ସଫଳ ହୋଇଛନ୍ତି, ଦୃଷ୍ଟାନ୍ତ ସ୍ୱରୂପ :

"ଅଛୁଆଁ କିଆଁ ବୋଲୁଛୁ ସେ ପରା ଆମ୍ଭରି ଭାଇ"
କିମ୍ବା "ତେଜ ତେଜ ଭାଇ ବିଦେଶୀ ବସନରେ
ବିଦେଶୀ ବସନରେ ବିଲାତି ଫେସନରେ।"

ସ୍ୱାଧୀନତା ପ୍ରାପ୍ତିର ଆନନ୍ଦରେ ଅଧିର ଉପେନ୍ଦ୍ର ତିପାଠୀ ଶିଶୁଙ୍କ ପାଇଁ 'ଜାତୀୟ ପତାକା' କବିତାରେ ଗାଇ ଉଠିଛନ୍ତି –

"ଆମ ଜାତିର ପତାକା ଏହିରେ
ଆମେ ରଖିବୁ ଜୀବନ ଦେଇରେ।"

- **ବିଭୁ ପ୍ରେମ ଭାବ :** ଶିଶୁ ମନରେ ବାଲ୍ୟାବସ୍ଥାରୁ ଈଶ୍ୱରଙ୍କ ସୃଷ୍ଟି ନିର୍ଯ୍ୟାସର ସାରତତ୍ତ୍ୱ ପ୍ରତି ପ୍ରେମ ଭାବ ସୃଷ୍ଟି ହେଲେ, ବଡ଼ହେଲେ ସେ ଭଲ ମଣିଷ ପରି ମଣିଷଟିଏ ହେବାର ସମ୍ଭାବନା ଥାଏ। ଏହି କଳ୍ପନାରେ ଶିଶୁ ସାହିତ୍ୟିକମାନେ ଶିଶୁମନରେ ଈଶ୍ୱରଙ୍କ ପ୍ରତି ଭକ୍ତି ଓ ପ୍ରେମ ଭାବନା ସୃଷ୍ଟି କରିବା ପାଇଁ ଲେଖନୀ ଚାଳନା କରିଥାନ୍ତି। କବି ରାମକୃଷ୍ଣ ନନ୍ଦଙ୍କର ଗୋଟିଏ କବିତା ସମଗ୍ର ଶିଶୁ ସାହିତ୍ୟ ପରିପ୍ରେକ୍ଷୀରେ ଏକ ବଳିଷ୍ଠ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ।

"ଆହେ ଦୟା ମୟ ବଶ୍ୱ ବିହାରୀ
ଘେନ ଦୟା ବହି ମୋର ଗୁହାରୀ
ଜଳ, ସ୍ଥଳ ବନଗିରି ଆକାଶ
ତୁମ ଲୀଳା ସବୁଠାରେ ପ୍ରକାଶ।"

(ସାହିତ୍ୟ ସୋପାନ - ରାମକୃଷ୍ଣ ନନ୍ଦ)

**ମନସ୍ତାତ୍ତ୍ୱିକ ଭାବ ଓ ନୀତିଶିକ୍ଷା :-** ଶିଶୁଟିଏ କ'ଣ ଚାହେଁ? ତା'ର ମନ ତଳର କେଉଁ ଭାବନା ପ୍ରବାହିତ ହେଉଥାଏ ଅହରହ; ସେସବୁ ନିରିକ୍ଷଣ କରି ଶିଶୁର ଦୁଷ୍ଟାମୀ, ଅଳସୁଆମୀ, ମିଛ କହିବା, ଠକିବା ଆଦି ଖରାପ ଗୁଣ ଓ ତାର ପରିଣାମକୁ ଅନୁଧ୍ୟାନ କରି ସେମାନଙ୍କ ଜୀବନକୁ ଉଚିତ୍ ମାର୍ଗରେ ପରିଚାଳିତ କରିବା ପାଇଁ ଶିଶୁ ସାହିତ୍ୟରେ ନୀତିଶିକ୍ଷା ପୂର୍ଣ୍ଣ ବିପୁଳ ରଚନା ପାଠକର ଦୃଷ୍ଟି ଆକର୍ଷଣ କରିଥାଏ। ପୌରାଣିକ ଗାଥା, ଗୀତ, କାହାଣୀ ଏବଂ ସାଧୁ ସନ୍ଥ, ମହାପୁରୁଷ, ବୀରମାନଙ୍କ ଜୀବନୀ ଆଧାରରେ ଶିଶୁ ମନସ୍ତତ୍ତ୍ୱରେ ସୁଗୁଣ ସବୁକୁ ରୋପଣ କରାଯାଇଥାଏ। ଗୋଦାବରୀଶଙ୍କ 'ପ୍ରହ୍ଲାଦ', 'ଶବରପୁରରେ ରାମଚନ୍ଦ୍ର', ରଘୁନାଥ ପାଣିଗ୍ରାହୀଙ୍କ 'ମଣିଷ ଭିତରେ ଦେବତାଟିଏ (ଗୋପବନ୍ଧୁ)', ଏବଂ ବାଳକୃଷ୍ଣ କରଙ୍କ 'ବୀର ଚରିତ ମାଳା' ପରି ଜୀବନୀ ଗ୍ରନ୍ଥ ଏକ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଶିଶୁ ଚରିତ୍ର ଜୀବନ ଗଠନ ଉଦ୍ଦେଶ୍ୟରେ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ଦୁର୍ବାର ଆହ୍ୱାନ ନଥିଲା।

"ପାଠରେ ମନ ଯୋଗୀ ହୁଅ
କହିବେ ସବୁ ସୁନା ପୁଅ
ସମସ୍ତେ କରିବେ ଆଦର
ଦେବେ ମିଠେଇ ଦୁଧସର"

- **ବିଜ୍ଞାନ ସମ୍ବନ୍ଧୀୟ ଭାବ ସଂପଦ :** ଆଧୁନିକ ଯୁଗରେ ଜ୍ଞାନବିଜ୍ଞାନର ବିସ୍ଫୋରଣ ଘଟିଛି। ଟେକ୍ନୋଲୋଜି ଯୁଗର ଆରମ୍ଭ ହୋଇସାରିଛି, 'ଗୋଟିଏ ରାଇଜରେ ଜଣେ ରାଜାଥିଲେ। ତାଙ୍କର ତିନିରାଣୀ...' କିମ୍ବା 'ରାଜାପୁଅ ଓ କଟୁଆଳପୁଅ ଚାରିସଙ୍ଗାତ' ବା 'ଗୋଟେ ରାଇଜରେ ବୁଢ଼ୀ ଅସୁରୁଣୀ ଥାଏ' ଇତ୍ୟାଦି କାହାଣୀ ଶୁଣୁଥିବା ଓ କହୁଥିବା ପିଲା ଏବେ ନାହାନ୍ତି। 'ଚକା ଚକା ଭଉଁରୀ' କିମ୍ବା 'ଅଲ୍ ମଲ୍ ଢିଙ୍କି ଢୋଲ' ଆଦି ଗୀତ ଗାଇ ଗାଇ ଆଜିର ପିଲା କେହି ବଡ଼ ହୁଅନ୍ତି ନାହିଁ। ବୁଢ଼ୀମା କାହାଣୀ ପେଡ଼ିରୁ ଗପ ଶୁଣି ଚୁଆଁ ଚୁଇଁ ପରି ଠୋ ଠୋ ହସି ବାଘ ମାମୁଁ ପରି ବିପଦକୁ ଟାଳି ପାରନ୍ତି ନାହିଁ। ମାଆ କଣ୍ଠରୁ 'ଧୋରେ ବାୟା ଧୋ' ଗୀତ ଶୁଣି ଶୁଅନ୍ତି ନାହିଁ। ଯୁଗପ୍ରବାହର ପରିବର୍ତ୍ତନ ଧାରାରେ ଏସବୁ ହଜିଯାଇଛି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ ଓ ସୂଚନା କ୍ଷେତ୍ର ଆମର ସାମାଜିକ, ପାରିବାରିକ ଓ ବ୍ୟକ୍ତିଗତ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ଆଜିର ଶିଶୁ ଜନ୍ମ ମାତ୍ରେ ଚେତନା ଆସୁ ବା ନ ଆସୁ ତା' ହାତ ପାଆନ୍ତାରେ ମୋବାଇଲ, ଟିଭି, କମ୍ପ୍ୟୁଟର, ଲାପଟପ ଇଣ୍ଟରନେଟ୍, ଭିଡ଼ିଓ ଗେମ୍, ଡିଜିଟାଲ ଗେମ୍ ସହିତ ବିଭିନ୍ନ ଇଲେକଟ୍ରୋନିକ୍ସ ଖେଳନା ରହୁଚି। ଏଗୁଡ଼ିକର ପ୍ରଭାବ ସେମାନଙ୍କ ସମୃଦ୍ଧ ଜୀବନଗଠନ ପାଇଁ ବୈଜ୍ଞାନିକ ଆବିଷ୍କାର, ଉଦ୍ଭାବନ, ତତ୍ତ୍ୱ ତଥ୍ୟ ସବୁକୁ ମନୋରଞ୍ଜନ ଶୈଳୀରେ ଶିଶୁ ଉପଯୋଗୀ କରି ସାହିତ୍ୟିକମାନେ ପରିବେଷଣ କରିଆସୁଛନ୍ତି। ଏ ଦିଗରେ ଗୋକୁଳାନନ୍ଦ ମହାପାତ୍ରଙ୍କ 'ଅଜାଙ୍କ ମଜାକଥା', 'ମହାକାଶର ଆହ୍ୱାନ ତରଳ ବାୟୁ ତତଲା ବରଫ', 'ଛବି କେମିତି କଥା କହେ' ବିନୋଦ କାନୁନ୍‌ଗୋଙ୍କ 'ମିଠେଇ ଦେହରେ ଲାଗିଲା ଡେଣା' ଇତ୍ୟାଦି ରଚନା ଅତ୍ୟନ୍ତ ଉପାଦେୟ। ବିଜ୍ଞାନ ଭିତ୍ତିକ ଭାବସଂପଦ ଘେନି ସ୍ରଷ୍ଟା ନିତ୍ୟାନନ୍ଦସ୍ୱାଇଁ, ଦେବକାନ୍ତ ମିଶ୍ର, ଜଗନ୍ନାଥ ମହାନ୍ତି, ସୂର୍ଯ୍ୟମଣିଙ୍କ ଉଲ୍ଲେଖନୀୟ ଅବଦାନ ରହିଛି।

ସର୍ବୋପରି ଓଡ଼ିଆ ଶିଶୁ ସାହିତ୍ୟର ଭାବସଂପଦ କେବଳ ମନୋରଞ୍ଜନର ମାଧ୍ୟମ ହୋଇ ନଥାଏ ବରଂ ଶିଶୁମାନଙ୍କ ମନ ଭାବନା, ଆଗ୍ରହ ଓ ସମ୍ବେଦନଶୀଳ ହୃଦୟ ବୃତ୍ତି ତଥା ମସ୍ତିଷ୍କର ଆବଶ୍ୟକତା ଅନୁଯାୟୀ ଭବିଷ୍ୟତ ଜୀବନରେ ସୁନାଗରିକ ହେବାର ପ୍ରକୃତ ଶିକ୍ଷାଦାନ କରିଥାଏ। ଶିଶୁ ସାହିତ୍ୟ ଜୀବନ ସହିତ ସଂଯୁକ୍ତ ଥାଏ ତେଣୁ ଭାଷା, ସଂସ୍କୃତି, ଈଶ୍ୱର ବିଶ୍ୱାସ, ଆଧ୍ୟାତ୍ମିକ ଚିନ୍ତା, ସତ୍ୟଧର୍ମରେ ପରିଚାଳିତ ହେବାର ଦର୍ଶନ ଓ ବିଶ୍ୱ ମୈତ୍ରୀ ଭାବ ସହ ଜୀବନର ମୂଲ୍ୟବୋଧ ସଂପର୍କରେ ଶିଶୁର ଜ୍ଞାନ ଚକ୍ଷୁ ଉନ୍ମୁକ୍ତ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ।

## ୩.୬ ଓଡ଼ିଆ ଶିଶୁ ସାହିତ୍ୟର ଆଙ୍ଗିକ ବୈଭବ

ଓଡ଼ିଆ ଶିଶୁ ସାହିତ୍ୟର ଆତ୍ମିକ ଭାବ ଯେପରି ବୈଭବପୂର୍ଣ୍ଣ; ତାହାର ଆଙ୍ଗିକ ବା ଶିଳ୍ପରୀତି ସେହିପରି ବୈଚିତ୍ର୍ୟପୂର୍ଣ୍ଣ। ମନନଶୀଳ ଦୃଷ୍ଟିନେଇ ଶିଶୁ ସାହିତ୍ୟର ତର୍ଜମା କଲେ, ଏହା ମୌଖିକ ରୂପେ ଓ ଲିଖିତ ରୂପେ ଓ ଉଭୟ ଦୃଷ୍ଟି ସମ୍ମୁଖରେ ଆସେ। ପ୍ରଥମତଃ ଓଡ଼ିଆ ଶିଶୁ ସାହିତ୍ୟର ମୌଖିକ ରୂପର ଆଙ୍ଗିକ ସଂପର୍କରେ ଆଲୋକପାତ କରାଯିବା ବିଧେୟ।

ଓଡ଼ିଆ ଲୋକ ସାହିତ୍ୟ ପରଂପରାରେ ମୌଖିକ ଧାରାରେ ବହୁଳ ପ୍ରସାରିତ ବିଭାଗ ହେଉଛି ଗୀତ ଓ କାହାଣୀ, ବିଶେଷକରି ଶିଶୁ ସମାଜ ଏହି ଦୁଇ ବିଭାଗ ପ୍ରତି କୌତୁହଳ ଓ ଶ୍ରଦ୍ଧା ପ୍ରକାଶ କରିଥାନ୍ତି । ଲୋକ କଣ୍ଠରୁ କଣ୍ଠକୁ ଶିଶୁ ଗୀତ ଓ ଗପ ପରିବର୍ତ୍ତିତ ପରିବର୍ଦ୍ଧିତ ହୋଇ ପ୍ରକାଶିତ ହୋଇଥାଏ । ସ୍ଥାନ, କାଳ ଓ ଗାୟକ ଗାୟିକା ବା କଥକ କଥିକାଙ୍କ ଇଚ୍ଛା ଅନୁସାରେ ଏହା ପରିବର୍ତ୍ତିତ, ପରିବର୍ଦ୍ଧିତ ହୋଇ ଜନସାଧାରଣଙ୍କ ନିକଟରେ ପହଞ୍ଚିଥାଏ । ମୌଖିକ ଶିଶୁ ସାହିତ୍ୟର ଆଙ୍ଗିକ ବିଶ୍ଳେଷଣ ନିମନ୍ତେ ଏହାର ଏହି ବିଶେଷତ୍ୱକୁ ସ୍ମରଣ ରଖିବାକୁ ହେବ ।

**୧) ମୌଖିକ ଶିଶୁ ଗୀତ :** ଶିଶୁ ଗୀତର ଆଙ୍ଗିକ ରୂପ ବୈଚିତ୍ର୍ୟ ପ୍ରତି ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ :-

- ମୌଖିକ ଶିଶୁଗୀତଗୁଡ଼ିକ ଆକାରରେ କ୍ଷୁଦ୍ର, ସ୍ରଷ୍ଟାର ଚିନ୍ତା ଚିନ୍ତନ, ଭାବ ଭାବନା ପ୍ରକାଶିତ ହେବାପାଇଁ ଯେତିକି ଶବ୍ଦ ଓ ପଦର ଆବଶ୍ୟକତା ଥାଏ; ସେତିକି ସେ ବ୍ୟବହାର କରନ୍ତି ।
- ଏହାର ଭାଷା ଶିଶୁର ମାନସିକତା ଓ ଅର୍ଥ ଗ୍ରହଣ ଦକ୍ଷତାକୁ ଲକ୍ଷ୍ୟ କରି ବ୍ୟବହାର କରାଯାଏ । ଦେଶଜ ବା କଥିତ ଶବ୍ଦ ଏହାର ପ୍ରକାଶ ପିଣ୍ଡ । ଗାଁ ଗହଳିର ଲୋକ ଭାଷା ବା କଥିତ ଭାଷା ଥାଏ । ତେଣୁ ସହଜରେ ଗୀତରେ ବ୍ୟବହୃତ ଭାଷା ଓ ଶବ୍ଦ ସବୁକୁ ଶିଶୁ ସରଳ ରୂପ ଗୀତରେ ପରିବେଷିତ ହୋଇଥାଏ । ଯେପରି ସୈନ୍ୟ–ସଇନ, ରକ୍ତ-ରକତ ଇତ୍ୟାଦି ।
- ମୌଖିକ ଶିଶୁ ଗୀତର ଆଙ୍ଗିକ ଗଠନରେ ସ୍ୱର ଛନ୍ଦ, ଲୟ ଓ ତାଳର ଗୁରୁତ୍ୱ ଯଥେଷ୍ଟ । ଏଥଯୋଗୁ ଗାୟନଧର୍ମୀ ଗୁଣକୁ ସେ ବହନ କରିଥାଏ ।
- ମୌଖିକ ଶିଶୁ ଗୀତର ମୁଖ୍ୟ ଆଙ୍ଗିକ ବିଭବ ହେଉଛି ତାର ଛନ୍ଦ ସୌନ୍ଦର୍ଯ୍ୟ । ସଂସ୍କୃତରେ ରହିଛି 'ଛାଦ୍ୟତେ ଇତି ଛନ୍ଦଃ' ଯାହା ଆଚ୍ଛନ୍ନ ବା ମୁଗ୍ଧ କରେ ତାହା ଛନ୍ଦ, ମୌଖିକ ଶିଶୁ ଗୀତରେ ଲୋକଛନ୍ଦର ବହୁଳ ବ୍ୟବହାର ରହିଛି ।
- ଛନ୍ଦର ଧ୍ୱନିଶୃଙ୍ଖଳା ଗୀତର ଭାବବସ୍ତୁକୁ ଯଥାର୍ଥ ରୂପେ ଉପସ୍ଥାପନ କରିଥାଏ ।
- ଲୋକଗୀତର ଛନ୍ଦଚାତୁର୍ଯ୍ୟ ମଧ୍ୟରେ ଭାବ ଓ ଉପସ୍ଥାପନ କ୍ଷମତା ତୀବ୍ର ହାଇଥାଏ । କାନ୍ଦଣା ଗୀତକୁ ଝିଅ ବାହୁନି ବୋଲିଲା ବେଳେ ସମସ୍ତେ ଅତିରେ ଶୋକାଭିଭୂତ ହୋଇଯାଇଛନ୍ତି ।
- ପୁନରାବୃତ୍ତିକ ମୌଖିକ ଶିଶୁ ଗୀତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଗୋଟିଏ ଶବ୍ଦ ଓ ଧାଡ଼ିର ବାରମ୍ବାର ଉଚ୍ଚାରଣ ହିଁ 'ପୁନରାବୃତ୍ତି' ଗୋଟିଏ ଶବ୍ଦ ବା ଧାଡ଼ିର ଏକାଧିକବାର ଶୁଣିବା, ବୋଲିବା ଭିତରେ ଶିଶୁ ଶବ୍ଦଟିକୁ ସ୍ମରଣରେ ଉଚ୍ଚାରଣ କରିବା ସଙ୍ଗେ ସଙ୍ଗେ ତାହାକୁ ସ୍ମରଣରେ ରଖିପାରେ । ଏହା ଦ୍ୱାରା ତାର ବାକ୍ ଶକ୍ତିର ଅଭିବୃଦ୍ଧି ମଧ୍ୟଘଟେ ।
- ମୌଖିକ ଶିଶୁ ଗୀତରେ ଧାରାବାହିକ କୌଣସି ବିଷୟକ୍ରମ ନଥାଏ ।

ଗୋଟିଏ ଦୃଷ୍ଟାନ୍ତ ଏଠାରେ ନିଆଯାଇପାରେ : ଯଥା

"ଝୁଲ୍‌ରେ ହାତୀ ଝୁଲ୍, ବାଆ ପାଣି ଖାଇ ଫୁଲ
ଝୁଲ ହାତୀ, ଝୁଲ ହାତୀ
ଝୁଲି ଝୁଲି ଖାଏ ଛେନା କାନ୍ତି
ନ ଝୁଲିଲେ ଖାଏ ବିରାଡ଼ି ବାନ୍ତି"

- ଏହି ଗୀତରେ ପୁନରାବୃତ୍ତି, ଛନ୍ଦ ସୌନ୍ଦର୍ଯ୍ୟ, ସରଳ ଭାଷା ଓ ଭାବ ଗୁମ୍ଫିତ ହୋଇ ରହିଛି ।

**(୨) ମୌଖିକ ଶିଶୁ କାହାଣୀ :**

- କାହାଣୀର ଆଙ୍ଗିକ ଗଠନରେ ସର୍ବପ୍ରଥମେ ଶିଶୁ ମନକୁ ଆକର୍ଷିତ କରେ ଫକଥାଣି' । କାହାଣୀର ଆରମ୍ଭ ଓ ଶେଷରେ ଥିବା ଫକାହାଣୀ' ଶିଶୁମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିଥାଏ କାହାଣୀ ଶୁଣିବା ପ୍ରତି ।
- କାହାଣୀରେ ଥାଏ ଆରମ୍ଭ - ବିକାଶ - ପରଣତି ପରି ସିଧାସଳଖ, ସରଳ ପ୍ରକାଶ ରୀତି ।
- ଭାଷା ସରଳ ଓ ବୋଧଗମ୍ୟ ହୋଇଥାଏ । ଫଳତଃ ଶିଶୁମନରେ ସୃଷ୍ଟ ଜିଜ୍ଞାସାକୁ ସନ୍ତୁଷ୍ଟ କରିବାରେ ସ୍ରଷ୍ଟା ସଫଳ ହୋଇଥାନ୍ତି ।
- ମୌଖିକ କାହାଣୀରେ କଥିତ ଭାଷା ବ୍ୟବହୃତ ହୋଇଥାଏ ଏବଂ ଶବ୍ଦ କାଠିନ୍ୟ ନଥାଏ । ଭାଷାରେ ବ୍ୟାକରଣଗତ ନିୟମ ବ୍ୟବହୃତ ହୋଇ ନଥାଏ ।
- ଏହାର କାହାଣୀ ଭାଗରେ ଗୀତମାନ ସଂଯୁକ୍ତ ହୋଇଥାଏ ।
- କାହାଣୀ ପରିବେଷଣ ଲୋକଶୈଳୀରେ ଘଟିଥାଏ ।

**(୨) ଲିଖିତ ଶିଶୁ ସାହିତ୍ୟର ଆଙ୍ଗିକ ରୂପ ବୈଚିତ୍ର୍ୟ :**

ମୌଖିକ ପରଂପରାରେ ଶିଶୁ ସାହିତ୍ୟର ଆଙ୍ଗିକ ଗଠନ ପ୍ରକ୍ରିୟା ଦ୍ୱାରା ଲିଖିତ ଶିଶୁ ସାହିତ୍ୟ ପ୍ରଭାବିତ । ଯେପରି:

- ଲିଖିତ ଶିଶୁ ଗୀତ, କବିତା ଓ ପଦ୍ୟଗୁଡ଼ିକ ନିମନ୍ତେ ଶବ୍ଦ, ଭାଷା, ବାକ୍ୟ ବା ଧାଡ଼ିର ବ୍ୟବହାର ଆବଶ୍ୟକତାନୁଯାୟୀ ହୋଇଥାଏ ।
- ଭାଷା ଶିଶୁ ଉପଯୋଗୀ ସରଳ, ସହଜ ।
- ମୌଖିକ ଶିଶୁ ସାହିତ୍ୟ ପରି ଆଧୁନିକ ଶିଶୁ ସାହିତ୍ୟର ଗାୟନ ବା ଆବୃତ୍ତିଧର୍ମୀ ସ୍ୱର, ଲୟ, ତାଳ ହେଉଛି ଏକ ବିଶିଷ୍ଟ ବିଭବ ।
- ଛନ୍ଦ କ୍ଷେତ୍ରରେ ଆଧୁନିକ ରଚିତ ଶିଶୁ କବିତା ଓ ଗୀତ ଗୁଚ୍ଛରେ ସାହିତ୍ୟିକମାନେ ଲୋକଛନ୍ଦର ବ୍ୟବହାର କରିଛନ୍ତି ।
- ଶିଶୁ ନିଜର ପରିବେଶ ମଧ୍ୟରେ ନିତିପ୍ରତି ଭେଟୁଥିବା ଜୀବଜନ୍ତୁ ପଶୁପକ୍ଷୀଙ୍କ ଧ୍ୱନିରେ ମୁଗ୍ଧ ହେବାପରି ଆଧୁନିକ କବିତାରେ ସାହିତ୍ୟିକମାନେ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାର କରି ଶିଶୁ ମନକୁ ଆକର୍ଷିତ କରିଥାନ୍ତି । ଯଥା :

"ମିଆଁଉ ମିଆଉଁ, ବିଲେଇ ଡାକେ
ଚାକୁ ଚାକୁ କରି, ଦୁଧକୁ ଚାଖେ"

(ଜୀବଜନ୍ତୁ ବା ଚିଡ଼ିଆଖାନା-କାନ୍ତକବି ଲକ୍ଷ୍ମୀକାନ୍ତ)

କିମ୍ବା

"ଟପ୍ ଟପ୍ ମେଘବରଷେ ଉଚ୍ଛେ ଗରଜେ ନିଶା
ଚକ୍ ଚକ୍ ମାରେ ବିଜୁଳି ନାହିଁ ପ୍ରାଣେ ଭରସା
ଘଡ଼ ଘଡ଼ି ରଡ଼ି କରଇ ଦେଖି ମେଘ କପରି
ଚଡ଼ ଚଡ଼ ମାରେ ଚଡ଼କ ଦେହ ଯାଏଟି ଥରି।"

(ସେ ତ ସରଗପୁର – ହରିହର ମହାପାତ୍ର)

- ଆଧୁନିକ ଶିଶୁ ଗୀତରେ ପୁନରାବୃତ୍ତି ରୀତି ଅନୁସରଣ କରାଯାଇ ଥିବା ଦେଖାଯାଏ। ଯଥା :

"ଧନମଣିରେ ଧନ ମଣି ତୁ ଶୋଇ ପଡ଼ରେ ଧୀରେ
ବୁଜିଲେ ଆଖି ଦେଖିବୁ ଧାଇଁ ଆସିବେ କେତେ ବୀରେ
ଧନମଣିରେ ଧନ ମଣି ତୁ ସହଳ ପଡ଼ ଶୋଇ
ବୋଇତ ଆଣୁ ସପନ ତୋତେ ଜାଭାକୁ ନେବ ବୋହି।"

(ମା'ର ଶିଶୁ ଶୁଆ ଗୀତ : ଉପେନ୍ଦ୍ର ତ୍ରିପାଠୀ)

- ଲୋକଛନ୍ଦ ଅନୁସରଣରେ ଆଧୁନିକ ଓଡ଼ିଆ ଶିଶୁ ଗୀତ ରଚିତ ହୋଇ ଶିଶୁ ସାହିତ୍ୟକୁ ସମୃଦ୍ଧ କରିଛି କୁହାଯାଇପାରେ।

**(୧) ଆଧୁନିକ ଓଡ଼ିଆ ଶିଶୁ ଗଳ୍ପର ଆଙ୍ଗିକ ଗଠନ :**

ଶିଶୁ ମନର କୌତୁହଳକୁ ସନ୍ତୋଷ ପ୍ରଦାନ କରୁଥିବାରୁ ଶିଶୁ ସହିତ୍ୟର ଗଳ୍ପ ବିଭାଗଟି ଅତ୍ୟନ୍ତ ଆକର୍ଷଣୀୟ ହୋଇ ରହିଛି।

- ଶିଶୁ ଗଳ୍ପର ଚରିତ୍ରମାନେ ବାସ୍ତବ ଜଗତରୁ ଶିଶୁମାନଙ୍କୁ ଆକର୍ଷିତ କରିପାରୁଥିବା ପରି ଚୟନ କରାଯାଇଥାଏ।
- ସାଧାରଣ ପରିବେଶରେ ବର୍ଣ୍ଣନା ରହେ,
- ଭାଷା ସରଳ ଓ ସହଜ, ବାକ୍ୟ କ୍ଷୁଦ୍ର ଓ ବୋଧଗମ୍ୟ ହୋଇଥାଏ
- ମୌଖିକ ଶିଶୁ ସାହିତ୍ୟ ପରି ଆଧୁନିକ ଶିଶୁ ଗଳ୍ପରେ ମଧ୍ୟଗୀତ ସ୍ଥାନିତ ହୋଇଥାଏ।
- କଥୋପକଥନ ରୀତିରେ ବିଷୟବସ୍ତୁ ପ୍ରକାଶିତ ହୋଇଥାଏ।

### (୨) ଆଧୁନିକ ଓଡ଼ିଆ ଶିଶୁ ଉପନ୍ୟାସର ଆଙ୍ଗିକ ଗଠନ :

- ସାଧାରଣତଃ ଉପନ୍ୟାସ ହେଉଛି ଏକ ଦୀର୍ଘ ରଚନା। ଏକକାଳୀନ ସଂପୂର୍ଣ୍ଣ ରଚନାଟିକୁ ପିଲାମାନେ ପଢ଼ିବା ପାଇଁ ଇଚ୍ଛା କରନ୍ତି ନାହିଁ ତେଣୁ କେତୋଟି କ୍ଷୁଦ୍ର କ୍ଷୁଦ୍ର ପରିଚ୍ଛେଦ ଦ୍ୱାରା ତାହା ବିଭକ୍ତ ହୋଇଥାଏ।
- ଉପନ୍ୟାସରେ ବର୍ଣ୍ଣିତ ଘଟଣାକ୍ରମ ରକ୍ଷା ତଥା କାର୍ଯ୍ୟକରଣ ନିୟମରେ ଘଟଣାଗୁଡ଼ିକ ପରସ୍ପର ସଂଯୁକ୍ତ ହୋଇଥାନ୍ତି।
- ଚରିତ୍ର ସଂଖ୍ୟା କମ୍ ହେବା ବିଧେୟ।
- ସଂଳାପ ଓ ଭାଷା ପାତ୍ର ଉପଯୋଗୀ ହେଉ ଅବା ନ ହେଉ ଶିଶୁ ଉପଯୋଗୀ ହୋଇଥାଏ।

### (୩) ଶିଶୁ ଜୀବନୀ ସାହିତ୍ୟର ଆଙ୍ଗିକ ଗଠନ :

ଆଧୁନିକ ଓଡ଼ିଆ ଶିଶୁ ଉପଯୋଗୀ ଜୀବନୀ ସାହିତ୍ୟର ଆଙ୍ଗିକ ପ୍ରସିଦ୍ଧ ବ୍ୟକ୍ତିଙ୍କ ଜୀବନଚରିତକୁ ନେଇ ଜୀବନୀ ସାହିତ୍ୟ ରଚନା କରାଯାଇଥାଏ। ଶିଶୁମାନେ ସେହି ପ୍ରସିଦ୍ଧ ମହାନ୍ ବ୍ୟକ୍ତିଙ୍କ ଆଦର୍ଶରୁ ପ୍ରେରଣା ଲାଭ କରିଥାନ୍ତି।

- ଶିଶୁ ଉପଯୋଗୀ ଜୀବନୀ ସାହିତ୍ୟ ରଚନାଶୈଳୀ କଥନଧର୍ମୀ ହୋଇଥାଏ।
- ଏହା ବର୍ଣ୍ଣନାତ୍ମକ ଶୈଳୀରେ ରଚିତ ହୁଏ।
- ସଂପୂର୍ଣ୍ଣ ସତ୍ୟ ପୂର୍ଣ୍ଣ ତଥ୍ୟ ନିର୍ଭୁଲ ଓ ଅବିକଳ ପରିବେଷିତ ହୋଇଥାଏ।
- ଏହି ଜୀବନୀଗ୍ରନ୍ଥ ପିଲାମାନଙ୍କୁ ପ୍ରଭାବିତ କରିବା ପାଇଁ ଗଳ୍ପ କହିବା ଛଳରେ ରଚିତ ହେଲେ ସଫଳତା ମିଳିଥାଏ।

ବାସ୍ତବରେ ଓଡ଼ିଆ ଯୁଗେ ଯୁଗେ ସମସ୍ତଙ୍କୁ ଆପଣାଇ କରିପାରିଛି ଯଦିଓ ଆଧୁନିକ ଶିଶୁ ଉପନ୍ୟାସ, ଜୀବନୀ, ଆତ୍ମଜୀବନୀ, ନାଟକ, ଏକାଙ୍କିକା ଓ ଭ୍ରମଣ ବୃତ୍ତାନ୍ତର ସମୃଦ୍ଧ ରୂପ ଏପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ, ତଥାପି ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ଯେଉଁମାନେ ଲେଖନୀ ଚାଳନା କରୁଛନ୍ତି, ସେହି ବିଜ୍ଞ, ଅଭିଜ୍ଞ ସ୍ରଷ୍ଟାଗଣ ଏ ଦିଗରେ ମନୋନିବେଶ କରିପାରିଲେ ଓଡ଼ିଆ ଶିଶୁ ସାହିତ୍ୟର ସମସ୍ତ ବିଭାଗ ସମୃଦ୍ଧି ପଥରେ ଆଗେଇ ଚାଲିବ, ଏହା ସୁନିଶ୍ଚିତ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

(କ) ଓଡ଼ିଆ ମୌଖିକ ଶିଶୁ ସାହିତ୍ୟର ଭାବସଂପଦ ସଂପର୍କରେ ଉଦାହରଣ ସହ ଆଲୋଚନା କରି ?

(ଖ) ଓଡ଼ିଆ ଲିଖିତ ଶିଶୁ ସାହିତ୍ୟର ଭାବ ଐଶ୍ବର୍ଯ୍ୟ ସଂପର୍କରେ ଆଲୋଚନା କର ?

(ଗ) ଓଡ଼ିଆ ମୌଖିକ ଓ ରଚିତ ଉଭୟ ଶିଶୁ ସାହିତ୍ୟର ଆଙ୍ଗିକ ଦିଗ ଉପରେ ଆଲୋକପାତ କର।

**(୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ।**

(କ) ମାନବ ସଭ୍ୟତାର ଆଦି ଉନ୍ମେଷ କେଉଁଠାରୁ ହୋଇଛି ?

(ଖ) 'ଛୁଆଭୁଲାଣିଆ' ଗୀତକୁ ଇଂରାଜୀରେ କ'ଣ କୁହାଯାଏ ?

(ଗ) ମୌଖିକ ଶିଶୁଗୀତର ସ୍ରଷ୍ଟା କିଏ ?

(ଘ) ନାଁ ଦିଆର ଅର୍ଥ କ'ଣ ?

(ଙ) ବୟସ୍କମାନେ ଶିଶୁମାନଙ୍କ ପାଇଁ କେଉଁ ଗୀତ ସବୁ ଅଧିକ ଗାନ କରନ୍ତି।

(ଚ) ଲିଖିତ ଶିଶୁ ସାହିତ୍ୟର କେଉଁ ବିଭାଗ ଅଧିକ ସମୃଦ୍ଧ ?

(ଛ) ଲିଖିତ ଶିଶୁ ସାହିତ୍ୟର କେଉଁ ବିଭାଗ ଅଧିକ ଦୁର୍ବଳ ?

(ଜ) ଓଡ଼ିଆ ଭାଷାରେ ଲିଖିତ ଶିଶୁ ସାହିତ୍ୟ କେଉଁ ଶତାବ୍ଦୀରେ ଆରମ୍ଭ ହୋଇଛି ?

## ୩.୮ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଶିଶୁ ସାହିତ୍ୟ ଉନ୍ମେଷ ଓ ବିକାଶ: ଡଃ ମନୀନ୍ଦ୍ର ମହାନ୍ତି, ୧୯୯୨, ପ୍ରକାଶନ: ମାଣିକ-ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ୨୯୩୫, ଗୌରୀ ନଗର, ଭୁବନେଶ୍ୱର-୭୫୧୦୦୨
- ଓଡ଼ିଆ ଲୋକଗୀତ ଓ କାହାଣୀ : କୁଞ୍ଜ ବିହାରୀ ଦାଶ, ୧୯୫୮ ଓଡ଼ିଆ ଗବେଷଣା ବିହାର, ବିଶ୍ୱଭାରତୀ

# ଚତୁର୍ଥ ଏକକ : ଓଡ଼ିଆ ଶିଶୁ ସାହିତ୍ୟର ପତ୍ରପତ୍ରିକା ଓ ଗଣମାଧ୍ୟମର ଭୂମିକା

**ବିଷୟ ଗଠନ :**


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ପତ୍ରପତ୍ରିକା

୪.୫ ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଆକାଶବାଣୀ ଓ ଦୂରଦର୍ଶନ

୪.୬ ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଶିଶୁ ଅନୁଷ୍ଠାନ

୪.୭ **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ**

୪.୮ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ଶିଶୁ ସାହିତ୍ୟର ସାମଗ୍ରିକ ବିକାଶ ପାଇଁ ପତ୍ରପତ୍ରିକା, ଗଣମାଧ୍ୟମ ଓ ଓଡ଼ିଶାର ପ୍ରତିଷ୍ଠିତ ବିଭିନ୍ନ ଶିଶୁ ଅନୁଷ୍ଠାନର ବିଶେଷ ଭୂମିକା ରହିଛି । ଶିଶୁ ପ୍ରଥମତଃ ବାପା, ମାଆ, ଭାଇଭଉଣୀଙ୍କର ସ୍ନେହ ମମତା ଲାଭ କରି ବଡ଼ ହୋଇଥାନ୍ତି । ଶିଶୁମାନଙ୍କ ଶୃଙ୍ଖଳିତ ବ୍ୟକ୍ତିତ୍ୱ ଗଠନ, ସ୍ୱଚ୍ଛ ଶୁଚ୍ଛ ଜୀବନ ଯାପନ ତଥା ସୁନାଗରିକ ଭାବେ ଗଢି ତୋଳିବାର ଉଦ୍ଦେଶ୍ୟ ନେଇ ପତ୍ରପତ୍ରିକା-ମାନଙ୍କରେ ପ୍ରକାଶିତ ଶିଶୁ ଉପଯୋଗୀ ରଚନାବଳୀ, ଆକାଶବାଣୀ, ଦୂରଦର୍ଶନ ପରି ଗଣମାଧ୍ୟମରେ ପ୍ରସାରିତ ଶିଶୁ କାର୍ଯ୍ୟକ୍ରମ ତଥା ଶିଶୁମାନଙ୍କ ଉଦ୍ଦେଶ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ପ୍ରତିଷ୍ଠିତ ଶିଶୁ ଅନୁଷ୍ଠାନ ମାନଙ୍କର ଉଦ୍ୟମ ଓ ଅବଦାନ ସଦା ସ୍ମରଣୀୟ । ଏ ସମସ୍ତ ବିଭାଗର ମୁଖ୍ୟ ସାଧନ ହେଉଛି ଶିଶୁର ସାମଗ୍ରିକ ବିକାଶ । ତେଣୁ ମନୋରଞ୍ଜନ ମାଧ୍ୟମରେ ଶିଶୁମାନଙ୍କୁ ସହଜରେ ପ୍ରଭାବିତ କରିପାରୁଥିବା ଶିଶୁ ସାହିତ୍ୟର ସମୃଦ୍ଧି ଦିଗରେ ପତ୍ରପତ୍ରିକା ଓ ଗଣମାଧ୍ୟମ ଆଦି ସହାୟକ ହୋଇ ଆସିଛନ୍ତି ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଓଡ଼ିଆ ଶିଶୁ ସାହିତ୍ୟର ପ୍ରକାଶ ଓ ବିକାଶଧାରା, ଯଦିଓ ଅବାରିତ ଗତି ଧାରଣ କରିଛି; ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହା ବର୍ଣ୍ଣାଢ୍ୟ ଓ ବହୁମୁଖୀ ରୂପ ଲାବଣ୍ୟ ଘେନି ପ୍ରକାଶିତ ହୋଇଛି । ଜାତୀୟତାର ପ୍ରାଣ ପ୍ରାଚୁର୍ଯ୍ୟ ସହିତ ନାନା ଭାବସଂପଦରେ ପୂର୍ଣ୍ଣ ହୋଇ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଛି । ସମୟକ୍ରମେ ଓଡ଼ିଆ ଶିଶୁ ସାହିତ୍ୟ କେବଳ ପୁସ୍ତକ, ପତ୍ରପତ୍ରିକା ବା ଗଣମାଧ୍ୟମରେ ପ୍ରଚାର, ପ୍ରସାରଣ ଭିତରେ ସୀମିତ ନ ରହି ବିଭିନ୍ନ ସଭା ସମିତି, ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଉଚ୍ଚ ଗବେଷଣା ପର୍ଯ୍ୟାୟରେ ଦଣ୍ଡାୟମାନ ହୋଇଛି । ସୁତରାଂ ଶିଶୁ ସାହିତ୍ୟର ବିକାଶ ଦିଗରେ ଓଡ଼ିଶାର ପତ୍ରପତ୍ରିକା, ଗଣମାଧ୍ୟମ ତଥା ସରକାରୀ ଓ ବେସରକାରୀ ସ୍ତରରେ ନାନା ପ୍ରତିଷ୍ଠିତ ନାନା ଅନୁଷ୍ଠାନ ସଂପର୍କରେ ବିଦ୍ୟାର୍ଥୀମାନେ ଯଥାଯଥ ଜ୍ଞାନ ଆହରଣ କରିବା ହେଉଛି ଏହି ଏକକ ପଠନର ଉଦ୍ଦେଶ୍ୟ ।

## ୪.୨ ଶିକ୍ଷଣୀୟ ବିଷୟ

ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଏହି ଏକକରେ ଶିକ୍ଷଣୀୟ ବିଷୟ ହେଉଛି :

- ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ଦିଗରେ ଓଡ଼ିଶାରେ ପ୍ରକାଶିତ ଶିଶୁ ପତ୍ରପତ୍ରିକାର ଅବଦାନ ସଂପର୍କରେ ଅବଗତ ହେବା।
- ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ଦିଗରେ ଓଡ଼ିଶାର ଆକାଶବାଣୀ ଓ ଦୂରଦର୍ଶନ ତଥା ଅନ୍ୟାନ୍ୟ ଗଣମାଧ୍ୟମର ଭୂମିକା ସଂପର୍କରେ ଜ୍ଞାନ ଲାଭ କରିବ।
- ଓଡ଼ିଆ ଶିଶୁ ସାହିତ୍ୟର ବିକାଶ ଦିଗରେ ଓଡ଼ିଶାରେ ଗଢି ଉଠିଥିବା ବିଭିନ୍ନ ଶିଶୁ ଅନୁଷ୍ଠାନର ଉଦ୍ୟମ ସଂପର୍କରେ ସ୍ଥୂଳ ଧାରଣା ପ୍ରାପ୍ତ ହେବା।

## ୪.୩ ବିଷୟ ପ୍ରବେଶ

ଆଧୁନିକ ଯୁଗରୁଚି ନେଇ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତିକଳ୍ପେ ପତ୍ରପତ୍ରିକା ଏବଂ ଗଣମାଧ୍ୟମ ଗୁଡ଼ିକ ଏକ ଏକ ଶକ୍ତିଶାଳୀ ମାଧ୍ୟମରୂପେ ଗୃହୀତ। ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଭାରତକୁ ମିସ୍‌ନାରୀମାନଙ୍କ ଆଗମନ, ଖ୍ରୀଷ୍ଟଧର୍ମ ସଂପର୍କୀୟ ପୁସ୍ତକର ଅନୁବାଦ, ଉଇଲିୟମ କେରୀ, ମାର୍ଶମାନ ପ୍ରମୁଖ ପାଦ୍ରୀମାନଙ୍କର ଅକ୍ଳାନ୍ତ ଉଦ୍ୟମ, ଫୋର୍ଟ ଉଇଲିୟମ କଲେଜ ସ୍ଥାପନ ଇତ୍ୟାଦି ଭାରତୀୟ ସାମାଜ, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଗଭୀର ଆନ୍ଦୋଳନ ସୃଷ୍ଟି କରିଥିଲା। ଶିକ୍ଷାପ୍ରଦାନର ଆବଶ୍ୟକତାରୁ ପାଠ୍ୟପୁସ୍ତକର ମୁଦ୍ରଣ ଆରମ୍ଭ ହୋଇଥିଲା। ଭାରତରେ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ପରେ ବିଭିନ୍ନ ରାଜ୍ୟରେ ତାହାର ସଂପ୍ରସାରଣ ଘଟିଥିଲା। ମିସ୍‌ନାରୀମାନଙ୍କଦ୍ୱାରା ଓଡ଼ିଶାରେ ଯନ୍ତ୍ରର ପ୍ରତିଷ୍ଠା ହୋଇଥିଲା। ୧୮୩୭ ମସିହାରେ ଓଡ଼ିଶାରେ ପ୍ରଥମ କରି 'ମିସନ୍ ପ୍ରେସ୍' ସ୍ଥାପିତ ହୋଇଥିଲା। ଖ୍ରୀଷ୍ଟିଆନ୍ ପାଦ୍ରୀ ପ୍ରାଚ୍ୟଶାସ୍ତ୍ର ଓ ସଂସ୍କୃତିପ୍ରେମୀ ଉଇଲିୟମ୍ କେରୀ ଏହି ମୁଦ୍ରାଯନ୍ତ୍ର ସ୍ଥାପନର ଉଦ୍ୟୋକ୍ତ ଥିଲେ। ପରେ ୧୮୪୯ ମସିହାରେ ପାଦ୍ରୀ ସି. ଲେସିଙ୍କ ସଂପାଦନାରେ ଏହି ପ୍ରେସ୍‌ରୁ 'ଜ୍ଞାନାରୁଣ' ୧୮୫୭ ମସିହାରେ 'ପ୍ରବୋଧ ଚନ୍ଦ୍ରିକା' ଏବଂ ୧୮୬୧ ମସିହାରେ 'ଅରୁଣୋଦୟ' ନାମରେ ତିନିଟି ମିସ୍‌ନାରୀ ପ୍ରକାଶିତ ହୋଇଥିଲା। ଏହି ପତ୍ରିକା ତିନୋଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଭିନ୍ନ ଥିଲେ ହେଁ ଏହା ପରବର୍ତ୍ତୀ ସମୟରେ ଓଡ଼ିଆ ପତ୍ରପତ୍ରିକା ପ୍ରକାଶନର ଅଭିବୃଦ୍ଧି ନିମନ୍ତେ ପ୍ରେରଣା ଦାନ କରିଥିଲା।

ଓଡ଼ିଶାର ଜାତୀୟ ଜୀବନକୁ ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷର କରାଳ ତାଣ୍ଡବ ସଂକଟାପନ୍ନ କରିଦେଇଥିଲା। ଏହି ସମୟରେ ୧୮୬୫ ମସିହାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦ୍ୱାରା ୧୮୬୬ ମସିହା ଅଗଷ୍ଟ ମାସରେ ଦେଶପ୍ରେମୀ କର୍ମଯୋଗୀ ଗୌରୀଶଙ୍କର ରାୟଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା। ଓଡ଼ିଆ ଭାଷାରେ ପ୍ରଥମ ସମ୍ବାଦପତ୍ର 'ଉତ୍କଳଦୀପିକା' ପରେ ପରେ ବାଲେଶ୍ୱରରୁ 'ସମ୍ବାଦବାହିକା' (୧୮୬୮), ବାମଣ୍ଡାରୁ 'ସମ୍ବଲପୁର ହିତୈଷିଣୀ' (୧୮୮୯) ଏବଂ ଅନ୍ୟାନ୍ୟ କେତେକ ପତ୍ରିକା ପ୍ରକାଶିତ ହୋଇ ସମ୍ବାଦ ପରିବେଷଣ ସହିତ ଓଡ଼ିଆ ଭାଷା ସାହିତ୍ୟର ଚର୍ଚ୍ଚା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରତିପାଳନ କଲା। ଶିଶୁମାନଙ୍କ ମାନସିକ ବିକାଶ ଉଦ୍ଦେଶ୍ୟରେ ଶିଶୁ ସାହିତ୍ୟର ଗୁରୁତ୍ୱ ଉପଲବ୍ଧିରେ ଶିଶୁମାନଙ୍କ ନିମନ୍ତେ ପତ୍ରପତ୍ରିକା ମଧ୍ୟପ୍ରକାଶ ଲାଭ

କଲା । ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଅର୍ଥାତ ୧୯୦୯ ମସିହାରେ ଶ୍ରୀମତୀ ରେବା ରାୟଙ୍କ ସଂପାଦନାରେ ପ୍ରଥମ ମାସିକ ଶିଶୁ ପତ୍ରିକା 'ପ୍ରଭାତ'ର ଅଭ୍ୟୁଦୟ ଘଟିଲା । ଏହା ଓଡ଼ିଆ ଶିଶୁ ସାହିତ୍ୟ ଇତିହାସର ଏକ ଉଲ୍ଲେଖନୀୟ ଘଟଣା ।

ପରବର୍ତ୍ତୀ ସମୟରେ ଓଡ଼ିଶାରେ ଆକାଶବାଣୀ ଓ ଦୂରଦର୍ଶନର ପ୍ରତିଷ୍ଠା, ନାନା ଅନୁଷ୍ଠାନର ସ୍ଥାପନା ଇତ୍ୟାଦି ଓଡ଼ିଆ ଶିଶୁ ସାହିତ୍ୟର ବିକାଶ କ୍ଷେତ୍ରକୁ ବିସ୍ତାରିତ କରିବାରେ ସହାୟକ ହୋଇଛି । ସଂପ୍ରତି ଶିଶୁ ସାହିତ୍ୟର ସମୃଦ୍ଧି ଦିଗରେ ଓଡ଼ିଶାର ଶିଶୁ ଉପଯୋଗୀ ପତ୍ରପତ୍ରିକା, ଗଣମାଧ୍ୟମ ତଥା ବିଭିନ୍ନ ଶିଶୁମାନଙ୍କ ଉଦ୍ଦେଶ୍ୟରେ ସ୍ଥାପିତ ଅନୁଷ୍ଠାନ ଗୁଡ଼ିକର ପ୍ରଚେଷ୍ଟା ଓ ଅବଦାନ ସଂପର୍କରେ ଏହି ଏକକରେ ଆଲୋକପାତ କରାଯାଇଅଛି ।

## ୪.୪ ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ପତ୍ରପତ୍ରିକା

ଊନବିଂଶ ଶତାବ୍ଦୀର ପାଠ୍ୟପୁସ୍ତକର ପୃଷ୍ଠା ଭିତରେ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟର ଭିତ୍ତି ସ୍ଥାପିତ ହୋଇଥିଲା । ପାଠ୍ୟ ପୁସ୍ତକର ଦେହଳୀରୁ ମୁକ୍ତ ହୋଇ ଶିଶୁ ସାହିତ୍ୟକୁ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ପ୍ରତିଷ୍ଠା ପାଇଁ କିଛି କାଳ ଅପେକ୍ଷା କରିବାକୁ ପଡ଼ିଥିଲା । ବିଂଶ ଶତାବ୍ଦୀର ଆଦ୍ୟ ପର୍ଯ୍ୟାୟରୁ ଏ ଦିଗରେ ଶିଶୁ ପ୍ରେମୀ ସାରସ୍ୱତ ସ୍ରଷ୍ଟା ଓ ସଂପାଦନମାନଙ୍କର ଉଦ୍ୟମ ଆରମ୍ଭ ହୋଇଥିଲା । ଶିଶୁ ଉପଯୋଗୀ ପତ୍ରପତ୍ରିକା ପ୍ରକାଶନ କ୍ଷେତ୍ରରେ ଏହି ଉଦ୍ୟମର ସାର୍ଥକ ରୂପ ହେଉଛି ୧୯୦୫ ମସିହାରେ ଶିଶୁ ସାହିତ୍ୟ ଇତିହାସର ଏକ କାଳଜୟୀ ସ୍ୱାକ୍ଷର ବହନ କରିଥିବା 'ପ୍ରଭାତ' ପତ୍ରିକା । ଏହା ଥିଲା ଶିଶୁପତ୍ରିକା ସଂପାଦନ ଓ ପ୍ରକାଶନର ଆଦିଶଙ୍ଖ ।

ଭକ୍ତକବି ମଧୁସୂଦନ ରାଓଙ୍କ ଅନୁଜ ଜଗନ୍ନାଥ ରାଓଙ୍କ ତଥା ଆଦର୍ଶ ଶିକ୍ଷକ ସାଧୁଚରଣ ରାୟଙ୍କ ପତ୍ନୀ ଜ୍ୟେଷ୍ଠ କନ୍ୟା ଶ୍ରୀମତୀ ରେବା ରାୟଙ୍କ ବଳିଷ୍ଠ ସଂପାଦନାରେ ୧୯୦୯ ସମିହା ଏପ୍ରିଲ ମାସରେ 'ପ୍ରଭାତ' ପତ୍ରିକା ପ୍ରକାଶିତ ହେଲା, ଏହି ପତ୍ରିକାଟିର ପ୍ରକାଶନ ଖର୍ଚ୍ଚ ପାଇଁ ପାରଳାଖେମୁଣ୍ଡୀର ମହାରାଣୀ ମାସିକା ଦଶଟଙ୍କା ଦାନ କରୁଥିଲେ । ଏହା କଟକର ଓଡ଼ିଆ ପ୍ରାଟିଅଟ ପ୍ରେସ (Orissa Patriot Press)ରେ ମୁଦ୍ରିତ ଏବଂ ପରେ କଟକ ପ୍ରିଣ୍ଟିଂ କୋ ପ୍ରେସରୁ ୧୯୧୪ ମସିହା ପର୍ଯ୍ୟନ୍ତ ପ୍ରକାଶିତ ହେଉଥିଲା । ମାତ୍ର ବାର ପୃଷ୍ଠା କଳେବର ସମ୍ବଳିତ ସାଧାରଣ ଡବଲ୍ କ୍ରାଉନ୍ ସାଇଜର ଏହି ଶିଶୁ ପତ୍ରିକା ମୋଟ କୋଡ଼ିଏଟି ସଂଖ୍ୟା ପ୍ରକାଶ ପାଇବା ପରେ ୧୯୧୪ ମସିହାରେ ବନ୍ଦ ହୋଇଯାଇଥିଲା । ଓଡ଼ିଆ ଭାଷାରେ ଏହା ସେତେବେଳେ ଏକମାତ୍ର ଶିଶୁ ପତ୍ରିକା ଭାବେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ପତ୍ରିକାଟି କୋମଳମତି ପିଲାଙ୍କ ଅଧ୍ୟୟନ ପିପାସାର ବୃଦ୍ଧି ଘଟାଇଥିଲା । ଏଥିରେ ପିଲା ଓ ଗ୍ରାହକମାନଙ୍କ ନିମନ୍ତେ ପ୍ରତିଯୋଗିତା, ପୁରସ୍କାର ଇତ୍ୟାଦି ପ୍ରକ୍ରିୟା ଥିଲା; ଯାହା ପତ୍ରିକା ପଢ଼ିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା । ଏହି ପତ୍ରିକାରେ ଶିଶୁମାନଙ୍କ ଜ୍ଞାନବିଜ୍ଞାନ ପରିସରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଜ୍ଞାନବିଜ୍ଞାନ ବିଭାଗ', 'ଉପନ୍ୟାସ ବିଭାଗ', ଫକବିତା ବିଭାଗ', 'ଗଳ୍ପ ବିଭାଗ', 'କୌତୁକ ପ୍ରଶ୍ନ', 'ଅଙ୍କ କୁହୁକ' ବିଭାଗ ଆଦି ସ୍ଥାନିତ ହୋଇଥିଲା । ଏହି ପତ୍ରିକାରେ ଫକୀର ମୋହନ ସେନାପତି, ପ୍ରାଣକୃଷ୍ଣ ପରିଜା, ଲକ୍ଷ୍ମୀ ନାରାୟଣ ସାହୁ, ବିପିନ ବିହାରୀ ସରକାର, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ବାଙ୍କନିଧି ପଟ୍ଟନାୟକ, ରାଧା ଚରଣ ଦାସ, ମହେଶ ଚନ୍ଦ୍ର ପ୍ରଧାନ, ଗୋପବନ୍ଧୁ ଦାସ, ମନମୋହନ ପଟ୍ଟନାୟକ, ପ୍ରମୁଖ ଲେଖନୀ ଚାଳନା କରି ପତ୍ରିକାଟିକୁ ଜନପ୍ରିୟ କରାଇଥିଲେ ।

ଶିଶୁମାନଙ୍କ ହୃଦୟରେ ଆନନ୍ଦ, ଉତ୍ସାହ, ଜ୍ଞାନ, ପୁଣ୍ୟ, ପ୍ରେମ ସଂଚାରିତ କରି ସେମାନଙ୍କ ମଧ୍ୟରେ ନବ ଆଶା ଓ ଶକ୍ତି ଭରି ଦେବାର ଅଭିମୁଖ୍ୟ ଥିଲା ଏହି 'ପ୍ରଭାତ' ପତ୍ରିକାର। ସଂପାଦିକା ରେବାରାୟଙ୍କ କଲମରୁ ପତ୍ରିକାର ପ୍ରଥମ ସଂଖ୍ୟା, ପ୍ରଥମ ପୃଷ୍ଠାରେ ଉଦ୍‌ଘୋଷିତ ହୋଇଥିଲା ସ୍ନେହପୂର୍ଣ୍ଣ ଉପଦେଶାତ୍ମକ ବାଣୀଲହରୀ।

"ଉଠ ଉଠ ଜାଗ ବାଳକେ
ଦେଖ ଫେଡ଼ି ନୟନ
ପାହିଛି ଅନ୍ଧାର ରଜନୀ
ଧୀରେ ଉଇଁ ତପନ।
ନବୀନ ଆଶାର ଆଲୋକେ
ଆଙ୍କି ନୂତନ ଛବି
ପ୍ରକାଶେ ବିଭୁଙ୍କ ମହିମା
ସେହି ପରମ-କବି।
ବିହଙ୍ଗ ମଧୁର କଣ୍ଠରେ
ମୋହି ହୃଦୟ ମନ
ଡାକଇ ଆଦରେ 'ବାଳକେ
ଜାଗ ଜାଗ ବହନ'।"

ଏହି ପତ୍ରିକାରେ ଲୋକକଥା, ପୁରାଣ ଓ ଇତିହାସର କଥା, ବିଜ୍ଞାନ କଥା ଉଭିଦ ଜଗତ, ଜୀବ ଜଗତ ଆଦି ସଂପର୍କୀୟ ନାନା ଗୀତ, କବିତା, କାହାଣୀ ଆଦି ମୌଳିକ ରଚନା ଓ ଅନୁବାଦ ଲେଖା ସ୍ଥାନିତ ହେଉଥିଲା। ଅଳ୍ପାୟୁ ହେଲେ ସୁଦ୍ଧା ପ୍ରଥମ ଓଡ଼ିଆ ଶିଶୁ ପତ୍ରିକା ରୂପେ 'ପ୍ରଭାତ' ପ୍ରଭାତୀ ଆଲୋକ ଶିଶୁ ସାହିତ୍ୟ କ୍ଷେତ୍ରକୁ ଉଜ୍ଜ୍ୱଳ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା।

୧୯୨୦ ମସିହାରେ ଶିଶୁ ପତ୍ରିକା 'ପଞ୍ଚାମୃତ' ପ୍ରକାଶ ଲାଭ କଲା, ଏହି ସମୟ ସୀମାରେ ଓଡ଼ିଆ ଶିଶୁ ସାହିତ୍ୟ ରଚନା ଓ ପ୍ରସାରରେ କ୍ରମଶଃ ଅଭିବୃଦ୍ଧି ହୋଇଛି। ପଞ୍ଚାମୃତ ପ୍ରଥମେ ତ୍ରୈମାସିକ ଓ ପରେ ମାସିକ ରୂପେ ପ୍ରକାଶିତ ହୋଉଥିଲା। ଏହାର ଯୁଗ୍ମ ସଂପାଦକ ଥିଲେ ଅଗଣି ଦାସ ଓ ଚିନ୍ତାମଣି ଆଚାର୍ଯ୍ୟ ଏବଂ ପ୍ରକାଶକ ଥିଲେ ସେତେବେଳର କଟକ ଟ୍ରେଡିଂ କମ୍ପାନୀର ପରିଚାଳନା ଦାୟିତ୍ୱରେ ଥିବା ପଣ୍ଡିତ ଆକୁଳିମିଶ୍ର, ପତ୍ରିକାଟି କଟକର ଉତ୍କଳ ସାହିତ୍ୟ ପ୍ରେସରୁ ପ୍ରକାଶିତ ହେଉଥିଲା, ଗଳ୍ପ, କବିତା, ଜୀବନୀ, ଜ୍ଞାନବିଜ୍ଞାନ, ମନୋରଂଜନ ଇତ୍ୟାଦି ପାଞ୍ଚ ପ୍ରକାର ସାହିତ୍ୟାମୃତ ସୃଷ୍ଟି ସମ୍ଭାର ପତ୍ରିକାରେ ସ୍ଥାନ ପାଉଥିବାରୁ ଏହାର ନାମକରଣ 'ପଞ୍ଚାମୃତ' ହୋଇଥିବା ଜଣାଯାଏ। ଏହି ପତ୍ରିକାରେ ବିଶ୍ୱନାଥ କର, କୁନ୍ତଳା କୁମାରୀ ସାବତ୍, ଲକ୍ଷ୍ମୀକାନ୍ତ ମହାପାତ୍ର, ବାଳକୃଷ୍ଣ କର, ରମାରଞ୍ଜନ ମହାନ୍ତି, କୋକିଳା ଦେବୀ ପ୍ରଭୃତି ଲେଖାଲେଖି କରୁଥିଲେ।

୧୯୩୨ ମସିହାରେ ମାସିକ ଶିଶୁ ପତ୍ରିକା 'ଜହ୍ନମାମୁଁ' ପ୍ରତିଷ୍ଠାତା ସଂପାଦକ ବାଳକୃଷ୍ଣ କରଙ୍କ ଉଦ୍ୟମରେ କଟକର ଦରଘା ବଜାର ସ୍ଥିତ ସରସ୍ୱତୀ ପ୍ରେସରୁ ମୁଦ୍ରିତ ହେଉଥିଲା। ଏହି ପତ୍ରିକାଟିର ବିଶେଷତ୍ୱ ହେଉଛି ପ୍ରତି ପୂର୍ଣ୍ଣିମାରେ ଏହା ପ୍ରବାସୀ ରୂପେ ପାଠକଙ୍କ ନିକଟରେ ପହଞ୍ଚିଥାଏ ଏବଂ ଏହାର ପ୍ରତିପୃଷ୍ଠା ଶିଶୁ ମନ ଲାଖି ଛବି ବା ଚିତ୍ର ଭରି ରହିଥାଏ। ଶିଶୁମାନଙ୍କର ଚିତ୍ର ଖୁବ୍ ପ୍ରିୟ। ଚିତ୍ରଦ୍ୱାରା ତଥ୍ୟ ପିଲାଙ୍କ ନିକଟରେ ସ୍ପଷ୍ଟ ଉପସ୍ଥାପିତ ହୋଇପାରେ। ତେଣୁ 'ଜହ୍ନମାମୁଁ' ପତ୍ରିକାରେ ବ୍ୟଙ୍ଗଚିତ୍ର ମଧପ୍ରକାଶିତ ହେଉଥିଲା। ତାହାବ୍ୟତୀତ ପିଲାଙ୍କ ମନଲାଖି ଗପ, ଅଙ୍କ କୁହୁକ, ନାନ ଖେଳ କଥାମାନ ସ୍ଥାନିତ ହେଉଥିଲା। ସଂପାଦକ ବାଳକୃଷ୍ଣ କରଙ୍କ ରଚିତ 'ସପନପୁରୀ' ଶିଶୁ ଉପନ୍ୟାସ ଏହି ପତ୍ରିକାରେ ପାଇଥିଲା। ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ, ବାଳକୃଷ୍ଣ କର, ହରିଶ୍ଚନ୍ଦ୍ର ବଡ଼ାଳ, ବଂଶୀଧର ସାମନ୍ତରାୟ, ନାରାୟଣ ମିଶ୍ର, ଜଳନ୍ଧର ଦେବ, ପୂର୍ଣ୍ଣାନନ୍ଦ ମିଶ୍ର, ରାଧାଚରଣ ପଣ୍ଡା, ଜଗନ୍ନାଥ ମହାପାତ୍ର, ଆନନ୍ଦ ଚନ୍ଦ୍ର, ନାରାୟଣ ତ୍ରିପାଠୀ ପ୍ରମୁଖ ସାହିତ୍ୟିକଙ୍କ ରଚନା 'ଜହ୍ନ ମାମୁଁ'ର ପୃଷ୍ଠା ମଣ୍ଡନ କରୁଥିଲା।

୧୯୩୭ ମସିହାରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସଂପାଦନାରେ ବ୍ୟଙ୍ଗ ପତ୍ରିକା 'ଡଗର' ପ୍ରକାଶିତ କଲା। ଏଥିରେ 'ନାଗ ବଜା ଦଳ' ଶୀର୍ଷକ ଶିଶୁସ୍ତମ୍ଭରେ ପ୍ରଶ୍ନୋତ୍ତର ଛଳରେ ବିଭିନ୍ନ ତଥ୍ୟ ଶିଶୁମାନଙ୍କ ଜ୍ଞାନଲାଭ ପାଇଁ ପରିବେଷିତ ହେଉଥିଲା।

୧୯୪୨ ମସିହାରେ ଶିଶୁ ପତ୍ରିକା 'ମଧୁକୋଷ' କଟକର ସାରସ୍ୱତ ପ୍ରେସରୁ ପ୍ରକାଶିତ ହୋଇ ଶିଶୁ ସାହିତ୍ୟର ଶ୍ରୀ ବୃଦ୍ଧିରେ ଅଂଶ ଗ୍ରହଣ କରିଥିଲା। ଏହାର ସଂପାଦକ ଥିଲେ ବାଳକୃଷ୍ଣ କର।

୧୯୪୬ ମସିହାରେ ଶିଶୁମାନଙ୍କୁ ଜାତୀୟ ଭାବନା ଓ ସ୍ୱଦେଶ ପ୍ରେମରେ ଉଦ୍‌ବୃଦ୍ଧ କରିବା ଲକ୍ଷ୍ୟରେ ଜାତୀୟ କବି ବୀର କିଶୋର ଦାସଙ୍କ ସଂପାଦନାରେ 'ମୋ ଦେଶ' ଶିଶୁ ପତ୍ରିକାର ଅଭ୍ୟୁଦୟ ଘଟିଥିଲା। ଶିଶୁ ଏବଂ ବୟସ୍କ ଉଭୟଙ୍କ ରଚନା ଏହି ପତ୍ରିକାରେ ସ୍ଥାନିତ ହୋଇଥାଏ। ଏଥରେ 'ତମକୁ ସିପାହୀ କରିନେଲି' ଶୀର୍ଷକରେ ଏକ ଆକର୍ଷଣୀୟ ବିଭାଗ ରଖାଯାଇ ମାତ୍ର ଦୁଇ ଅଣା ଅର୍ଥାତ୍ ବାର ପଇସାର ଡାକଟିକଟ ବିନିମୟରେ ଏହି ବିଭାଗରେ ପିଲାମାନଙ୍କ ନାମ ପ୍ରକାଶିତ ହେଉଥିଲା, ତେଣୁ ପିଲାଙ୍କର ଆଗ୍ରହ ଏହି ପତ୍ରିକା ପ୍ରତି ଅଧିକ ଥିଲା। ଏଥିରେ ସାହିତ୍ୟିକ କୁଞ୍ଜ ବିହାରୀ ଦାସ, ଗୋଦାବରୀଶ ମହପାତ୍ର, ଚକ୍ରଧର ମହାପାତ୍ର, କୃଷ୍ଣଚନ୍ଦ୍ର କର, ଉପେନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ରଥ, ଅନନ୍ତ ଚରଣ ଶତପଥି, ରାମ ପ୍ରସାଦ ସିଂହ ପ୍ରଭୃତି ଲେଖନୀ ଚାଳନା କରୁଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୭୧ ମସିହାରରେ 'ଶିଶୁଲେଖା' ପତ୍ରିକା ପ୍ରଥମେ କବି ଅନନ୍ତ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା। ଏହି ପତ୍ରିକା ପାଇଁ ଲେଖୁଥିବା ଲେଖକମାନଙ୍କୁ ଉତ୍ସାହିତ କରି ପାରିତୋଷିକ ପ୍ରଦାନ କରିବାର ବ୍ୟବସ୍ଥା ପ୍ରଥମ କରି ଆରମ୍ଭ ହୋଇଥିଲା। ବହୁ ଲେଖକ ଶିଶୁ ସାହିତ୍ୟ ରଚନା ଦିଗରେ ମନୋନିବେଶ କରି ଶିଶୁ ସାହିତ୍ୟକୁ ସମୃଦ୍ଧି ପଥରେ ଅଗ୍ରସର କରାଇଥିଲେ। ଏହା କିଛି ବର୍ଷ ବନ୍ଦ ରହି ଅଧୁନା ପୁନଃ ପ୍ରକାଶିତ ହେଉଅଛି।

୧୯୫୧ ମସିହାରେ ଶ୍ରୀ ରାମକୃଷ୍ଣ ନନ୍ଦଙ୍କ ସଂପାଦନାରେ ଶିଶୁ କିଶୋର ପତ୍ରିକା 'ସଂସାର', ୧୯୫୫ ମମିହାରେ ସଂପାଦକ ବିନୋଦ କାନୁନ୍‌ଗୋଙ୍କର ଉଦ୍ୟମରେ 'ଶିଶୁ ସମ୍ପଦ' ୧୯୫୬ ମସିହାରେ ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଶିଶୁ ପତ୍ରିକା 'ମୀନା ବଜାର' ୧୯୫୭ ମସିହାରେ ଗୋଦାବରୀଶ ମହାପାତ୍ରଙ୍କ

ସଂପାଦନାରେ 'ଟୁଆଁ ଟୁଇଁ' ୧୯୬୩ରେ ମହେଶ୍ୱର ମହାନ୍ତିଙ୍କ ସଂପାଦନାରେ ମାସିକ ଶିଶୁ ପତ୍ରିକା 'ମନପବନ', ସଂପାଦକ ଇନ୍ଦ୍ର କୁମାର ସାମନ୍ତରାୟଙ୍କ ଉଦ୍ୟମରେ 'ଟୁଉକୁମୂଷା' ଇତ୍ୟାଦି ବହୁ ଶିଶୁ ପତ୍ରିକାର ପ୍ରକାଶନ ଶିଶୁ ସାହିତ୍ୟକୁ ପରିପୁଷ୍ଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

ଏତଦ୍‌ବ୍ୟତୀତ 'ବାରମଜା', 'ସୁନାପିଲା', 'ବିଲୁଆ ନନା', ସରଗଶଶୀ, ଝୁମୁକା, ଟିକିଦୁନିଆ, କୁନିରାଇଜ, କୁଆଁତାରା, ଉଦୟ ରବି, ଟିକିଫୁଲ, ପୁଷିମାଉସୀ, ବଗଲାବଗୁଲି, ନାନାବାୟା, ହୀରାଫୁଲ, ରୂପାଥାଳିଆ, ସୁନାବୋଇତ, ଟିକିସରା, ଶୁଭସକାଳ, କାଳିଆ ସୁନା, ବାନର ସେନା, ଚନ୍ଦନଚଂପା ଇତ୍ୟାଦି ଶିଶୁ ପତ୍ରିକାଗୁଡ଼ିକ ଶିଶୁମାନଙ୍କ ଜ୍ଞାନ ରାଜ୍ୟକୁ ପ୍ରସାରିତ କରିବା ସଂଗେ ସଂଗେ ଶିଶୁ ସାହିତ୍ୟ ବିକାଶ ସାଧନରେ ବ୍ରତୀ ହୋଇଥିଲେ।

ଅନ୍ୟ ପକ୍ଷରେ ଶିଶୁ ସାହିତ୍ୟର ଅଭିବୃଦ୍ଧିରେ ବିଭିନ୍ନ ସମ୍ବାଦପତ୍ରର 'ଶିଶୁ ବିଭାଗ'ର ଗୁରୁତ୍ୱ ଯଥେଷ୍ଟ। ଦୈନିକ ସମ୍ବାଦପତ୍ର 'ସମାଜ' ପୃଷ୍ଠାରେ 'ଶିଶୁ ରାଇଜ' (ସଂ: ଉଦୟନାଥ ଷଡ଼ଙ୍ଗୀ, 'ପ୍ରଜାତନ୍ତ୍ର' ରେ 'ମୀନା ବଜାର' (ସ: ରାମ ପ୍ରସାଦ ମହାନ୍ତି ବା ଜହ୍ନୁରୀ ଭାଇ), 'ମାତୃଭୂମି' ରେ 'କିଶୋର ଫଉଜ', 'ଫୁଲ ଟାଙ୍ଗୁଡ଼ି' (ଅଧୁନା ମାତୃଭୂମି ପ୍ରକାଶନ ବନ୍ଦ ରହିଛି, ମାତ୍ର ମାତୃଭୂମି ପରିବାର ପକ୍ଷରୁ ପ୍ରକାଶିତ 'ମାତୃଭାଷା'ରେ ଶିଶୁ ବିଭାଗଟିଏ ରଖାଯାଇଅଛି) 'କଳିଙ୍ଗ'ର 'ଉଦୟଭାନୁ' (ଭାନୁଜୀରାଓ ପ୍ରଥମେ ଏବଂ ପରେ ଅପୂର୍ବ ରଞ୍ଜନ ରାୟ), 'ସମ୍ବାଦ' ରେ 'ଫୁଲଝରି', ଧରିତ୍ରୀରେ 'ପିଲାଙ୍କ ଧରିତ୍ରୀ' ଇତ୍ୟାଦି ସହିତ 'ଅନୁପମ ଭାରତ', ଧ୍ୱନି ପ୍ରତିଧ୍ୱନି, 'ହୀରଖଣ୍ଡ' ସମ୍ବାଦପତ୍ରମାନଙ୍କରେ ସ୍ଥାନିତ ଶିଶୁବିଭାଗ ଶିଶୁମାନଙ୍କୁ ସୁମଣିଷ କରି ଗଢ଼ିତୋଳିବା ପାଇଁ ପ୍ରେରଣାଦାୟକ ହୋଇ ରହିଛି।

ବାସ୍ତବରେ ଏହି ପତ୍ରପତ୍ରିକା ଗୁଡ଼ିକ ଓଡ଼ିଆ ଶିଶୁ ସାହିତ୍ୟର ପ୍ରଚାର ପ୍ରସାର ଏବଂ ଉନ୍ନତିର ଧାରାବାହିକତା ରକ୍ଷା କରି ଆସିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ମାସିକ, ତ୍ରୈମାସିକ, ଷଡ଼ ମାସିକ, ପାକ୍ଷିକ ରୂପରେ ପତ୍ରିକା ଗୁଡ଼ିକ ପ୍ରକାଶିତ ହେଉଥିଲେ ହେଁ ଏଥିରେ ଶିଶୁ ସାହିତ୍ୟର ନାନା ଉପାଦାନ ଶିଶୁ ମନୋରଞ୍ଜନ କରିବାର ସଂଗେ ସଂଗେ ଶିଶୁ ସାହିତ୍ୟକୁ ଯଥେଷ୍ଟ ହୃଷ୍ଟପୁଷ୍ଟ କରିଛି, ଏହା ନିର୍ବିବାଦରେ କୁହଯାଇପାରେ।

## ୪.୫ ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଆକାଶବାଣୀ ଓ ଦୂରଦର୍ଶନ

ଇଂଲଣ୍ଡରେ ୧୮୯୬ ମସିହା ଜୁନ୍ ମାସରେ ଗାଗ୍‌ଲିମୋ ମାର୍କୋନୀଙ୍କ ନବ ଉଦ୍ଭାବିତ ବେତାର ପ୍ରକ୍ରିୟା ଏକ ସଂସ୍ଥା ରୂପେ ଆଇନତଃ ରେଜିଷ୍ଟ୍ରିଭୁକ୍ତ ହେବା ଦ୍ୱାରା ବେତାର ସଂସ୍ଥାର ଜନ୍ମ ହୋଇଥିଲା। ୧୯୦୧ ମସିହା ଡିସେମ୍ବର ମାସରେ ପ୍ରଥମେ କର୍ଣ୍ଣଓ୍ୱାଲର ପଲ୍‌ଧୁଠାରେ ପ୍ରେରଣ ହୋଇଥିବା ବେତାର ସଂକେତ ନିଉଫାଉଣ୍ଡଲ୍ୟାଣ୍ଡର ସେଣ୍ଟଜନ୍‌ଠାରେ ମିଳିବା ପରେ ବେତାର ପ୍ରକ୍ରିୟାର ନବ ଯୁଗ ଆରମ୍ଭ ହୋଇଥିଲା। ଏହି ନବ ଉଦ୍ଭାବିତ ବୈଜ୍ଞାନିକ ତଥା ବୈଦ୍ୟୁତିକ ମାଧ୍ୟମଟି ଦେଶବିଦେଶ ମଧ୍ୟରେ ସଂପ୍ରସାରିତ ହୋଇ ଏକ ନବଯୁଗର ଭିତ୍ତି ସ୍ଥାପନ କରିଥିଲା।

ଭାରତର ଜନସାଧାରଣଙ୍କ ପାଇଁ ବେତାର ବା ରେଡ଼ିଓ ଏକ ଜନପ୍ରିୟ ଗଣମାଧ୍ୟମ ରୂପେ ପରିଚିତ। ଭାରତରେ ସର୍ବପ୍ରଥମେ ୧୯୨୭ ମସିହା ଜୁଲାଇ ମାସରେ ବମ୍ବେଠାରେ ଇଣ୍ଡିଆନ୍ ବ୍ରଡ଼କାଷ୍ଟିଂ କମ୍ପାନୀ ନାମକ ସଂସ୍ଥା ପଞ୍ଜୀକୃତ ହୋଇ ବେତାର ପ୍ରସାରଣ ଆରମ୍ଭ କଲା। ଏହି ଗଣମାଧ୍ୟମ ଦ୍ୱାରା ଦେଶ ଦେଶ ମଧ୍ୟରେ କଳା, ସଂସ୍କୃତି, ପରଂପରା, ସାହିତ୍ୟ, ସାମାଜିକ ଚଳଣି, ସଙ୍ଗୀତ, ନୃତ୍ୟ, ବୈଷୟିକ ଶିକ୍ଷାଗତ ଜ୍ଞାନ, ଭାଷା ଓ ଭାବର ଆଦାନ ପ୍ରଦାନ ସମ୍ଭବ ହେଲା। ସ୍ୱାଧୀନତା ଲାଭ ବେଳକୁ ଭାରତରେ ଦିଲ୍ଲୀ, ବମ୍ବେ, ମାଡ୍ରାସ,ଲକ୍ଷ୍ନୌ, ତିରୁଚିରାପଲ୍ଲୀ ଆଦି ଛଅଗୋଟି ସ୍ଥାନରେ ବେତାର କେନ୍ଦ୍ର ସ୍ଥାପିତ ହୋଇ ସାରିଥିଲା। ବେତାର ପ୍ରସାରଣର ଏହି ବିକାଶମୁଖୀ ଧାରାରେ ଓଡ଼ିଶା ମଧ୍ୟଏକ ଗୌରବମୟ ସ୍ଥାନ ଗ୍ରହଣ କରିଛି। ୧୯୪୮ ମସିହା ଜାନୁଆରୀ ୨୮ ତାରିଖରେ ଓଡ଼ିଶାର କଟକର ମିଶନ ରୋଡ଼ ସ୍ଥିତ 'ମଧୁପୁର ହାଉସ'ରୁ ପ୍ରଥମେ ବେତାର କେନ୍ଦ୍ର ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ରମ ପ୍ରଚାର ଆରମ୍ଭ କରାଯାଇଥିଲା। ଏହା ଅଗଣିତ ଶ୍ରୋତାଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଥିଲା। ପରେ ପରେ ୧୯୬୩ ମସିହାରେ ସମ୍ବଲପୁରଠାରେ, ୧୯୬୪ ମସିହାରେ ଜୟପୁରଠାରେ ଏବଂ ପରବର୍ତ୍ତୀ ସମୟରେ କେନ୍ଦୁଝର, ବାରିପଦା, ରାଉରକେଲାଠାରେ ସ୍ଥାନୀୟ କେନ୍ଦ୍ରମାନ ପ୍ରତିଷ୍ଠା କରାଗଲା, ଏହି ବେତାର ପ୍ରସାରଣ ଜନଚେତନାର ଏକ ନିରବଚ୍ଛିନ୍ନ ପ୍ରବାହ ତଥା ସାଂସ୍କୃତିକ ପୁନଃ ଜାଗରଣର ସ୍ୱର୍ଣ୍ଣାଭ ଦଲିଲ୍ ସାଜିଲା।

ଓଡ଼ିଶାର ବେତାରକେନ୍ଦ୍ର ବା ଆକାଶବାଣୀ କେନ୍ଦ୍ରମାନଙ୍କରେ ବୟସ୍କ ଲୋକ ଓ ଶିଶୁ ଉଭୟଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରଚାରିତ ହୋଇଥାଏ। ଓଡ଼ିଶା ଶିଶୁ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଶିଶୁ ସାହିତ୍ୟର ବିକାଶ ଓ ପ୍ରଚାର ନିମନ୍ତେ ଆକାଶବାଣୀ କେନ୍ଦ୍ର ଗୁଡ଼ିକ ସହଯୋଗର କ୍ଷେତ୍ର ପ୍ରସ୍ତୁତ କରିଥିବା ଦୃଷ୍ଟିକୁ ଆସେ। ଆକାଶବାଣୀ କଟକ କେନ୍ଦ୍ରରୁ ଶିଶୁମାନଙ୍କ ପାଇଁ 'ଶିଶୁ ସଂସାର' କାର୍ଯ୍ୟକ୍ରମ ୧୯୪୮ ମସିହାରୁ ପରିଚାଳକ ଯତୀନ୍ ଦାସଙ୍କ କଣ୍ଠରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ବଡ଼ଭାଇ ରୂପେ ପରିଚିତ ନଦୀୟା ବିହାରୀ ମହାନ୍ତି ଓ ଅପା ବୀଣାପାଣି ମହାନ୍ତି ଏହାର ଦାୟିତ୍ୱ ବହନ କରିଥିଲେ। ଅଧୁନା ଏହି କାର୍ଯ୍ୟକ୍ରମ ଉପସ୍ଥାପନା ଦାୟିତ୍ୱରେ ଅଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶିଶୁମାନେ ଆସି ପ୍ରତ୍ୟକ୍ଷରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥାନ୍ତି। ଏହି କାର୍ଯ୍ୟକ୍ରମଦ୍ୱାରା ଶିଶୁମାନଙ୍କର ମନୋରଞ୍ଜନ ସହିତ ଗଳ୍ପ, ନାଟକ, ରୂପକ, ଗୀତ, କବିତା ଓ ଜଣାଅଜଣା କଥା ପରିବେଷଣ କରି ଶିଶୁର ଚେତନାଶକ୍ତିକୁ ଜାଗ୍ରତ କରିବା ଏବଂ ଶିଶୁ ସାହିତ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବା ପାଇଁ ସହଯୋଗ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ପାଇଁ ପିଲାମାନେ ନିଜ ନିଜର ଗପ, ଗୀତ, କବିତା ଆଦି ଲେଖାମାନ ପରିଚାଳକଙ୍କ ନିକଟକୁ ଡାକଯୋଗେ ପଠାଇଥାନ୍ତି ଏବଂ ତାହା କାର୍ଯ୍ୟକ୍ରମରେ ପଢ଼ାଯାଇଥାଏ। ବୟସ୍କଲୋକଙ୍କ ଦ୍ୱାରା ମଧ୍ୟ ଶିଶୁ ଉପଯୋଗୀ ନୀତିଶିକ୍ଷାପୂର୍ଣ୍ଣ ଗପ, ମହାଗପ, କବିତା, ମହପୁରୁଷଙ୍କ ଜୀବନୀ କଥା, ନାଟକ ଆଦି ଶିଶୁ ମନଲୋଭା କଥନ ଶୈଳୀରେ ପରିବେଷଣ କରାଯାଇଥାଏ। ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟରକ୍ଷା, ଖେଳ, ବ୍ୟାୟାମ, ଚିଠି ଆଦି ବିଭିନ୍ନ ପ୍ରସଙ୍ଗରେ ଶିଶୁ ଶିକ୍ଷା ମୂଳକ କାର୍ଯ୍ୟକ୍ରମ ପ୍ରଚାରିତ ହୋଇଥାଏ।

ଆକାଶବାଣୀ କଟକ 'ଇଟିକିଲି ମିଟିକିଲି', 'କିଶୋର ସଂସାର' ଜୟପୁର କେନ୍ଦ୍ରରୁ 'ଟିକିରାଇଜ', 'କିଶୋର ଭାରତୀ' ବାରିପଦା କେନ୍ଦ୍ରରୁ 'କାକଳୀ', 'କିଶୋର ସ୍ୱର', କେନ୍ଦୁଝର କେନ୍ଦ୍ରରୁ 'ଶିଶୁ ରାଇଜ' ବ୍ରହ୍ମପୁର କେନ୍ଦ୍ରରୁ 'ଶିଶୁ ରାଇଜ' ଶୀର୍ଷକରେ କାର୍ଯ୍ୟକ୍ରମ ପ୍ରଚାରିତ ହୋଇ ଆସୁଅଛି।

ବାସ୍ତବରେ ଓଡ଼ିଶାର ଆକାଶବାଣୀ କେନ୍ଦ୍ର ମାନଙ୍କରେ ଶିଶୁମାନଙ୍କ ପାଇଁ ଏକ ଏକ ସ୍ୱତନ୍ତ୍ର ବିଭାଗରେ କାର୍ଯ୍ୟକ୍ରମ ପ୍ରସ୍ତୁତ ଓ ପ୍ରଚାର ଶିଶୁ ସାହିତ୍ୟପ୍ରତି ସମସ୍ତଙ୍କର ଏକ ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି। ଏହି କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ସର୍ଜନାତ୍ମକ ମନୋଭାବ ପ୍ରତିପାଳନ କରିବାରେ ସଫଳତା ଲାଭ କରିଛି। ସୁତରାଂ ଶିଶୁ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ, ସୁସ୍ଥ ସମାଜ ଗଠନ ଏବଂ ଶିଶୁ ମନରେ କଳାତ୍ମକ ତଥା ସାହିତ୍ୟିକ ରୁଚିବୋଧ ଜାଗ୍ରତ କରିବା କ୍ଷେତ୍ରରେ ଆକାଶବାଣୀର ଦାନ ଅତୁଳନୀୟ।

ଅନ୍ୟପକ୍ଷରେ ଓଡ଼ିଶାରେ ଦୂରଦର୍ଶନର ଆୟମାରମ୍ଭ ୧୯୭୫ ମସିହାରୁ ଘଟିଛି। ଅଗଷ୍ଟ ମାସ ଏକ ତାରିଖରୁ ପ୍ରଥମେ ଢେଙ୍କାନାଳ, ସମ୍ବଲପୁର ଓ ଫୁଲବାଣୀ ଜିଲ୍ଲାରେ ଉପଗ୍ରହ ଜରିଆରେ ଟେଲିଭିଜନ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଦେଖାଇବାର ବ୍ୟବସ୍ଥା କରଯାଇଥିଲା। ଏହି ସବୁ କେନ୍ଦ୍ରରୁ ପ୍ରସାରିତ କାର୍ଯ୍ୟକ୍ରମ କଟକଠାରେ ପ୍ରସ୍ତୁତ ହେଉଥିଲା। ୧୯୮୫ ମସିହାରେ କଟକଠାରେ ଏକ ଉଚ୍ଚଶକ୍ତି ସଂପନ୍ନ ଟ୍ରାନ୍ସମିଟର ସ୍ଥାପିତ ହେବା ଯୋଗୁଁ ୧୯୮୭ ମସିହାରେ ଓଡ଼ିଆ ଭାଷାରେ କିଛି ସମୟ ପାଇଁ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା ପରେ ୧୯୮୮ ମସିହା ଜୁଲାଇ ଏକ ତାରିଖରୁ ଓଡ଼ିଆ ଭାଷାରେ ନିୟମିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରାୟ ନବେ ଦଶକରୁ ଓଡ଼ିଶାରେ ବେସରକାରୀ ଘରୋଇ କମ୍ପାନୀ ଦ୍ୱାରା ଓଡ଼ିଆ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ ପ୍ରଚୁର୍ଯ୍ୟମୟ ହୋଇପାରିଛି। ତେବେ ଦୂରଦର୍ଶନ, ଭୁବନେଶ୍ୱର କେନ୍ଦ୍ରଦ୍ୱାରା ପ୍ରସାରିତ ଶିଶୁ କାର୍ଯ୍ୟକ୍ରମ ଫକିଶଳୟ'(ଶିଶୁରାଇଜ), ଇଟିଭି ଓଡ଼ିଆ ଦ୍ୱାରା 'ଟୁଆଁ ଟୁଇଁ', 'ପଞ୍ଚତନ୍ତ୍ର' ଆଦି କାର୍ଯ୍ୟକ୍ରମ ଶିଶୁମାନଙ୍କ ବ୍ୟକ୍ତିତ୍ୱର ବିକାଶ ତଥା ଶିଶୁ ସାହିତ୍ୟ ପ୍ରତି ଆକର୍ଷଣରେ ସହାୟକ ହୋଇପାରିଛି।

## ୪.୬ ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଶିଶୁ ଅନୁଷ୍ଠାନ

ଭାରତର ସ୍ୱାଧୀନତା ଲାଭର ପରବର୍ତ୍ତୀ କାଳରେ ସମସ୍ତ ପ୍ରାଦେଶିକ ଭାଷାରେ ଶିଶୁ ସାହିତ୍ୟର ଉନ୍ନତି ପାଇଁ ସଚେତନା ସୃଷ୍ଟି ହୋଇଥିବାର ଦେଖାଯାଏ। ଏହି ସମୟରେ ଓଡ଼ିଶାର ଓଡ଼ିଆ ଶିଶୁ ସାହିତ୍ୟର ବହୁମୁଖୀ ଉନ୍ନତି କଳ୍ପେ ସରକାରୀ ବେସରକାରୀ ସ୍ତରରେ ବହୁ ଶିଶୁ ଅନୁଷ୍ଠାନର ପ୍ରତିଷ୍ଠା, ସଭାସମିତିର ଆୟୋଜନ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ ଗବେଷଣା କାର୍ଯ୍ୟର ଆୟମାରମ୍ଭ ଘଟିଛି।

୧୯୫୫ ମସିହାଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟ ଶିକ୍ଷା ଗବେଷଣା ପରିଷଦ (NCERT) ଏବଂ ରାଜ୍ୟ ସରକାରଙ୍କ ଦ୍ୱରା ରାଜ୍ୟ ଶିକ୍ଷା ଗବେଷଣା ପରିଷଦ (SCERT) ଗଠିତ ହେବା ସଙ୍ଗେ ସଙ୍ଗେ ଶିଶୁ ସାହିତ୍ୟିକମାନଙ୍କୁ ପ୍ରେରଣା ଦାନ କରିବା ପାଇଁ ସାହିତ୍ୟ ଏକାଡ଼େମୀ ଓ ଓଡ଼ିଶା  ରାଜ୍ୟ ଏକାଡ଼େମୀ ତଥା ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତର'ରୁ ଶିଶୁ ଉପଯୋଗୀ ସାହିତ୍ୟ ପୁସ୍ତକକୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ହେଲା।। ସମଗ୍ର ପୃଥିବୀରେ ୧୯୭୯ ମସିହାଟି 'ବିଶ୍ୱ ଶିଶୁ ସମ୍ବତ୍ସର' ରୂପେ ପାଳିତ ହୋଇଥିଲା। ୧୯୬୨ ମସିହାରେ କଲିକତାଠାରେ 'ଅଖିଳ ଭାରତ ଶିଶୁ-ସାହିତ୍ୟିକ ସମ୍ମେଳନ' (All India juverile Literart Confernce-AIJLC) ପ୍ରତିଷ୍ଠା ହୋଇ ଭାରତର ବିଭିନ୍ନ ରାଜ୍ୟରେ ତାହାର ବାର୍ଷିକ ଅଧିବେଶନର ଆୟୋଜନ ହେଲା। ୧୯୭୯ ମସିହାରେ ବେସରକାରୀ ସ୍ତରରେ ଓଡ଼ିଆ ଶିଶୁ ସାହିତ୍ୟ ଗବେଷଣା ପରିଷଦ (RIOCL) ପ୍ରତିଷ୍ଠିତ

ହୋଇ ଓଡ଼ିଶାର ପ୍ରତି ଜିଲ୍ଲାରେ ଶିଶୁ ସାହିତ୍ୟ କର୍ମଶାଳା, ଆଲୋଚନା ଚକ୍ର, ସଂପାଦକ ତଥା ଅଭିଭାବକ ମାନଙ୍କ ସମାବେଶ ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ୧୯୮୨ ମସିହାରେ 'ଶିଶୁ ସାହିତ୍ୟ ଏକାଡେମୀ, ଓଡ଼ିଶା' ଗଠିତ ହୋଇ ଶିଶୁ ସାହିତ୍ୟର ମାନବୃଦ୍ଧି ଦିଗରେ ଉଦ୍ୟମ ଜାରି ରଖିଲା । ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା 'ଶିଶୁ ସ୍ରୋତ ସମିତି' ଓ 'କିଶୋର ଶ୍ରୋତା ଚକ୍ର' ଆଦି ବିଭିନ୍ନ ଅଞ୍ଚଳରେ ଗଠିତ ହୋଇ ବାର୍ଷିକ ସମ୍ମେଳନ, ଆଲୋଚନା ଚକ୍ର, ଶିଶୁ ପୁସ୍ତକ ପ୍ରକାଶନ ଆଦି କବିତା ସଂପାଦନ କରି ଶିଶୁ ସାହିତ୍ୟର ବିକାଶ ଦିଗରେ ସହାୟକ ହୋଇଛି ।

ଏତଦ୍‌ବ୍ୟତୀତ ଶିଶୁମାନଙ୍କ ପାଇଁ ସାହିତ୍ୟରଚନା ପ୍ରତି ଆକର୍ଷିତ କରିବା ଏବଂ ଶିଶୁ ସାହିତ୍ୟ ପ୍ରତି ଜନସାଧାରଣଙ୍କର ସୁରୁଚିବୋଧ ଆଣିବା ନିମନ୍ତେ ଓଡ଼ିଶାର 'ଶିଶୁ ସାହିତ୍ୟ ସଂପଦ', ବାଲେଶ୍ୱର ଶିଶୁ ସାହିତ୍ୟ ଏକାଡ଼େମୀ, ଜଗତସିଂହପୁର ଶିଶୁ ସାହିତ୍ୟ ପରିଷଦ, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଭଦ୍ରଖ ଶିଶୁ ସାହିତ୍ୟ ସଂସ୍କୃତି ପରିଷଦ, ରାଜଧାନୀ ଶିଶୁ ସାହିତ୍ୟ ସଂସଦ, ଉତ୍କଳ ଶିଶୁ ଓ କିଶୋର ସାହିତ୍ୟ ସଂସଦ ଇତ୍ୟାଦି ସଂସ୍ଥା ନାମ ସ୍ମରଣକୁ ଆସିଥାଏ ।

ଶିଶୁ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଗବେଷଣା କର୍ଯ୍ୟ ପାଇଁ ଆଗ୍ରହ ପରବର୍ତ୍ତୀ ଶିଶୁ ସାହିତ୍ୟର ଗବେଷକ, ଅଧ୍ୟାପକ ଓ ଲେଖକ ମାନଙ୍କ ଠାରେ ପ୍ରକାଶିତ ହୋଇଛି । ଓଡ଼ିଶାର ସୁପ୍ରତିଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଶିଶୁ ସାହିତ୍ୟ ସଂପର୍କରେ ଗବେଷଣା କରି ପିଏଚ୍.ଡ଼ି ଏବଂ ଡି.ଲିଟ । ଡିଗ୍ରୀ ଲାଭ କରିବାରେ ସଫଳ ହୋଇଛନ୍ତି । ଡକ୍ଟର ମନୀନ୍ଦ୍ର ମହାନ୍ତି, ମହେଶ୍ୱର ମହାନ୍ତି, ଦିଗରାଜ ବ୍ରହ୍ମା, ବସନ୍ତ କିଶୋର ସାହୁ, କୃତ୍ତିଦାସ ଖୁଣ୍ଟିଆ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଭାଗବତ ଲେଙ୍କା ପ୍ରମୁଖ ଶିଶୁ ସାହିତ୍ୟିକ ଓଡ଼ିଆ ଶିଶୁ ସାହିତ୍ୟ ବିକାଶର ଆବଶ୍ୟକତାକୁ ଅନୁଭବ କରି ଗବେଷଣା କାର୍ଯ୍ୟ ମଧ୍ୟମରେ ଶିଶୁ ସାହିତ୍ୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିପାରିଛନ୍ତି ।

ପ୍ରକୃତପକ୍ଷେ ଗଣମାଧ୍ୟମ, ବିଭିନ୍ନ ଅନୁଷ୍ଠାନ ଗବେଷକ ବ୍ୟକ୍ତିବିଶେଷଙ୍କ ଗବେଷଣା କାର୍ଯ୍ୟ ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ନାନା ଅଭାବ, ଦୁର୍ବଳତା ଦିଗ ରହିଥିବା ସତ୍ତ୍ୱେ ତାହାର ରୂପ ବିଭବକୁ ଅଧିକ ପରିପୁଷ୍ଟ କରିଛି । ଏହା ଶିଶୁ ସାହିତ୍ୟ ପ୍ରତି ଅଶେଷ ଶ୍ରଦ୍ଧା ଓ ସୁମନାସର ଶୁଭଲକ୍ଷଣ ।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

(୧) ଓଡ଼ିଆ ଶିଶୁ ସାହିତ୍ୟ ବିକଶ କ୍ଷେତ୍ରରେ ଓଡ଼ିଆ ପତ୍ରପତ୍ରିକାର ଭୂମିକା ସଂପର୍କରେ ଆଲୋଚନା କର ?

(୨) ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଆକାଶବାଣୀ ଓ ଦୂରଦର୍ଶନର ଅବଦାନ ସଂପର୍କରେ ବିଶ୍ଳେଷଣ କର ?

(୩) ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଓଡ଼ିଶାର ପ୍ରତିଷ୍ଠାତା ଶିଶୁମାନଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ସଂପର୍କରେ ଆଲୋକପାତ କର ?

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(୧) ମିସ୍‌ନାରୀ ପତ୍ରିକା ଗୁଡ଼ିକ କେଉଁ ପ୍ରେସ୍‌ରୁ କେଉଁ ମସିହାରେ ଏବଂ କେଉଁ ନାମରେ ପ୍ରକାଶିତ ହୋଇଥିଲା ।

(୨) ପ୍ରଥମ ଶିଶୁପତ୍ରିକାର ନାମ କ'ଣ ଓ ତାହାର ସଂପାଦନା କିଏ କରିଥିଲେ ? ତାଙ୍କର ପରିଚୟ ସଂକ୍ଷେପରେ ପ୍ରଦାନ କର ?

(୩) 'ପଞ୍ଚାମୃତ' ନାମକରଣର ଯଥାର୍ଥତା କ'ଣ ?

(୪) 'ଜହ୍ନମାମୁଁ' ପତ୍ରିକାଟିର ବିଶେଷତ୍ୱ କ'ଣ ?

(୫) ଓଡ଼ିଶାରେ ପ୍ରଥମ ଆକାଶବାଣୀ କେନ୍ଦ୍ର କେବେ ଓ କେଉଁଠାରେ ପ୍ରତିଷ୍ଠା ହୋଇଥିଲା ?

(୬) ଓଡ଼ିଶାରେ ସ୍ଥାପିତ ପାଞ୍ଚଟି ଶିଶୁ ଅନୁଷ୍ଠାନର ନାମ ଲେଖ ?

## ୪.୮ ସହାୟକ ଗ୍ରନ୍ଥସୂଚୀ


- ଟେଲିଭିଜନ ସାମ୍ବାଦିକତା – ଡଃ ମହେଶ୍ୱର ମହାନ୍ତି : ୨୦୧୦, ଧଉଳି ପବ୍ଲିକେଶନ୍, ଭୁବନେଶ୍ୱର
- ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଦାନ - ଡକ୍ଟର ବ୍ରଜ ମୋହନ ମହାନ୍ତି : ୧୯୮୬, ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହରୀ, କଟକ
- ଓଡ଼ିଶାର ବିକାଶରେ ପତ୍ର ପତ୍ରିକାର ପ୍ରଭାବ – ଡ. ଗୋପାଳ ଚନ୍ଦ୍ର ମିଶ୍ର :୧୯୭୯, ଗ୍ରନ୍ଥ ମନ୍ଦିର, କଟକ


●●●



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University, Sambalpur

www.osou.ac.in

e-mail: info@osou.ac.in